
# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ନଭେମ୍ବର ୧/୨୦୨୫ (୧୪ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) | Bhubaneswar, Saturday, November 1/2025 | Page 14 | ₹ 7.00 | DHENKANAL

୫୧ଶ ଭାଗ ୩୩୫ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 335 | ମୂଲ୍ୟ ₹୭/-

**‘କିଙ୍ଗ’କୁ ନେଇ ଉତ୍ସାହିତ ଶାହରୁଖ**

ଶାହରୁଖ ଖାନ୍ ତାଙ୍କ ଆଗାମୀ ଫିଲ୍ମ ‘କିଙ୍ଗ’କୁ ନେଇ ବେଶ୍ ଉତ୍ସାହିତ। ଏଥିରେ ତାଙ୍କ ସହିତ ଦୀପିକା ପାଦୁକୋନଙ୍କୁ ଦେଖିବାକୁ ମିଳିବ। ୦୨

୧୪ **ହାଜେଲଉଡ୍ ପ୍ଲେୟର ଅଫ୍ ଦି ମ୍ୟାଚ୍**

ଭାରତ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ଅଷ୍ଟ୍ରେଲିଆର ଜୋଶ ହାଜେଲଉଡ୍।



# ଆଜିଠାରୁ ‘ଜଷ୍ଟ ଇନ୍ ଟାଇମ୍’ ନୀତି ପ୍ରଚଳନ

## ଇ-କୁବେର ପ୍ଲାଟ୍‌ଫର୍ମରେ ପରିଚାଳନା ହେବ ସିଏସ୍‌ଏସ୍ ପାଣ୍ଠି

ଭୁବନେଶ୍ୱର,୩୧।୧୦
(ରବିନାରାୟଣ ଜେନା)

କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା (ସିଏସ୍‌ଏସ୍) ଅର୍ଥ କିଭଳି ବାଟମାରଣା ହେବନାହିଁ ଏବଂ ଅର୍ଥ ଠିକଣା ବାଟରେ ଖର୍ଚ୍ଚ ହେବ ତାହାକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ‘ଜଷ୍ଟ ଇନ୍ ଟାଇମ୍’ ନୀତିକୁ ଗୁରୁତ୍ୱ ଦିଆଯାଇଛି। ଏହି ନୀତି ଅନୁଯାୟୀ, କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ପାଣ୍ଠି ରାଜ୍ୟକୁ ଆସିବା ମାତ୍ରେ ଖର୍ଚ୍ଚ କରିବାକୁ ପଡ଼ିବ। ପୂର୍ବରୁ ସିଏସ୍‌ଏସ୍ ପାଣ୍ଠିକୁ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଏଣେ ତେଣେ ପାର୍କିଂ କରି ଠିକଣା ସମୟରେ ଖର୍ଚ୍ଚ କରିପାରୁ ନ ଥିଲେ। ଫଳରେ ରାଜ୍ୟକୁ ଉକ୍ତ ଟଙ୍କା ଠୁଳ କରି ରଖିବା ପାଇଁ କେନ୍ଦ୍ରକୁ ସୁଧ ଗଣିବାକୁ ପଡୁଥିଲା। ମାତ୍ର ଶନିବାରଠାରୁ ସିଏସ୍‌ଏସ୍‌ର ସମସ୍ତ ଅର୍ଥ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ଅଧୀନ ଇ-କୁବେର ପ୍ଲାଟଫର୍ମ ଜରିଆରେ ପରିଚାଳନା ହେବ। କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ (ଖର୍ଚ୍ଚ ବିଭାଗ)ପକ୍ଷରୁ ଏସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ ଅକ୍ଟୋବର ୨୪ରେ ଅବଗତ କରାଯାଇଥିଲା। ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶକ ଇଶା ଖୋସଲା ପତ୍ର ଲେଖି ଦର୍ଶାଇଥିଲେ, ଏହି ପଦ୍ଧତି ଯେଭଳି କଡ଼ାକଡ଼ି ଭାବେ ପାଳନ ହେବ ସେଦିଗରେ ଗୁରୁତ୍ୱ ଦେବାକୁ ହେବ। ଏହାକୁ ନେଇ ଅର୍ଥ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଚିବ ସୁରେଶ ଚନ୍ଦ୍ର ତ୍ରିପାଠୀ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ବୁଧବାର ପତ୍ର ଲେଖି ଅବଗତ କରାଇଛନ୍ତି।

ସ୍ୱତନ୍ତ୍ର ସଚିବ ୨୩ଟି ବିଭାଗର ସଚିବଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି, ‘ଜଷ୍ଟ ଇନ୍ ଟାଇମ୍’ ମାଧ୍ୟମରେ ଏଣିକି କେନ୍ଦ୍ର ଅର୍ଥ ଖର୍ଚ୍ଚ କରିବାକୁ ବାଧ୍ୟତାମୂଳକ। ଏହା ‘ଏସ୍‌ଏନ୍‌ଏ-ଏସ୍‌ପିଏଆର୍‌ଏସ୍‌ଏଚ୍’ ଅଣ୍ଡରରେ ପରିଚାଳିତ ହେବ। ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ସଚିବ କୃଷି, ସମବାୟ, ମତ୍ସ୍ୟ ଓ ପଶୁସମ୍ପଦ, ଜଳସମ୍ପଦ, ଗୃହ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସ୍ୱାସ୍ଥ୍ୟ, ଉଚ୍ଚଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା, ନଗର ଉନ୍ନୟନ, ଆଇନ, ଏମ୍‌ଏସ୍‌ଏମ୍‌ଇ, ମିଶନଶକ୍ତି, ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ଅନୁସୂଚିତ ଜାତି ଓ ଜନଜାତି, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ସଚିବଙ୍କୁ ପତ୍ର ଲେଖି ଏହାକୁ ଠିକଣା ଭାବେ ପାଳନ କରିବାକୁ ଦର୍ଶାଇଛନ୍ତି।

ପୂର୍ବରୁ ରାଜ୍ୟ ସରକାର କେବଳ ‘ସିଏସ୍‌ଏସ୍’ରେ ଗୋଟିଏ ଏସ୍‌ଏନ୍‌ଏ ଆକାଉଣ୍ଟ ଖୋଲୁଥିଲେ। ଏବେ କିନ୍ତୁ ଆଉ ଏକ ଆକାଉଣ୍ଟ ରିଜର୍ଭ ବ୍ୟାଙ୍କରେ ଖୋଲିବାକୁ ପଡ଼ିବ। ଏଥିରୁ ଯୋଜନାରେ ସମ୍ପୃକ୍ତ ତୃଣମୂଳସ୍ତରର କେଉଁ ଅଧିକାରୀ କେତେବେଳେ ଏହି ଖାତାରୁ ଟଙ୍କା ଉଠାଇବେ ତାହା ବ୍ୟାଙ୍କ କର୍ତ୍ତୃପକ୍ଷ ଜାଣିପାରିବେ ନାହିଁ। କେବଳ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅନୁମତି ଆବଶ୍ୟକ ପଡ଼ିବ। ଏହାଦ୍ୱାରା ବ୍ୟାଙ୍କଗୁଡ଼ିକ ଆଉ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଖାତା ଖୋଲିବାପାଇଁ ଲାଳାୟିତ ହେବେନାହିଁ। ଏହି ପଦ୍ଧତିରେ କେନ୍ଦ୍ରୀୟ ଯୋଜନା ଅର୍ଥ ଖର୍ଚ୍ଚ ଲାଗି ଯେଉଁ ସ୍ୱତନ୍ତ୍ର ଖାତା ଖୋଲାଯିବ ତାକୁ ଚାହିଁଲେ ତୃଣମୂଳସ୍ତରରେ ସଂପୃକ୍ତ ଯୋଜନା କାର୍ଯ୍ୟାନ୍ୱୟନ ଅଧିକାରୀ ଆବଶ୍ୟକତା ଅନୁଯାୟୀ ଉଠାଇ ପାରିବ। ଏହି ପଦ୍ଧତି ଦ୍ୱାରା ବ୍ୟାଙ୍କରେ ପାର୍କିଂ ବ୍ୟବସ୍ଥା ହୋଇପାରିବ ନାହିଁ। କେନ୍ଦ୍ରୀୟ ଯୋଜନା ଅର୍ଥ ଖର୍ଚ୍ଚ ଲାଗି ଜିଲା କିମ୍ବା ବ୍ଲକସ୍ତରର ଅଧିକାରୀମାନେ ‘ଜଷ୍ଟ ଇନ୍ ଟାଇମ୍’ ଜରିଆରେ ଟଙ୍କା ଉଠାଣ କରିପାରିବେ।


**ଆଜିର ସମ୍ପାଦକୀୟ**
ରିଜ୍‌ଭିଙ୍କ ଧୈର୍ଯ୍ୟ ଶେଷ




ଜାତୀୟ ଏକତା ଦିବସ ଅବସରରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଶୁକ୍ରବାର ସକାଳେ ଆୟୋଜିତ ‘ଏକତା ଦୌଡ଼’ ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟ ଭାଜପାର ପୂର୍ବତନ ସଭାପତି ସମୀର ମହାନ୍ତି, ଭାଜପା ନେତା ଗୋଲକ ମହାପାତ୍ର ଓ ଅନ୍ୟମାନେ ସାମିଲ ହୋଇଛନ୍ତି।

# ୬ ମେଡିକାଲ କଲେଜରେ ୬୨ ପିଜି ସିଟ୍‌କୁ ଅନୁମତି

ଭୁବନେଶ୍ୱର, ୩୧।୧୦
(ରବିନାରାୟଣ ଜେନା)

**କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ମୁଖ୍ୟମନ୍ତ୍ରୀ**

ଡବଲ ଇଞ୍ଜିନ ସରକାରରେ ଓଡ଼ିଶା ସ୍ୱାସ୍ଥ୍ୟ କ୍ଷେତ୍ରରେ ଆଗକୁ ବଢୁଛି। ଫଳରେ ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶାର ୬ଟି ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ନୂଆ ୬୨ଟି ପିଜି ସିଟ୍ ଅନୁମତି ମିଳିପାରିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଏହି ଅନୁମତିକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କୁ କୃତଜ୍ଞତା ଜଣାଇଛନ୍ତି। ☞ପୃଷ୍ଠା-୪


DSPL-337



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଓଡ଼ିଶା ଶାସନ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶୁଭ ଉଦ୍‌ଘାଟନ
ସୁଭଦ୍ରା ଶକ୍ତି ମେଳା
ଓଡ଼ିଶାର ମହିଳା ଉଦ୍ୟୋଗୀ ଓ ସାଂସ୍କୃତିକ ପରମ୍ପରାର ମେଳା
୧ ନଭେମ୍ବର ୨୦୨୫ (ଶନିବାର), ଅପରାହ୍ନ ୫.୩୦ ଘଟିକା

ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ଗରିମାମୟ ଉପସ୍ଥିତି
ଶ୍ରୀମତୀ ପ୍ରଭାତୀ ପରିଡା
ଉପମୁଖ୍ୟମନ୍ତ୍ରୀ
ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ
ମନ୍ତ୍ରୀ, ଆଇନ, ପୂର୍ତ୍ତ ଓ ଅବକାରୀ





୧ - ୧୨ ନଭେମ୍ବର ୨୦୨୫ | ଇଡକୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଭୁବନେଶ୍ୱର
ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାର
OIPR-48001/13/0022/2526

## ଅଭିଯୁକ୍ତଙ୍କ ପାଇଁ ଲଢୁଥିବା ଓକିଲଙ୍କୁ ସମନ କରିପାରିବେନି ତଦନ୍ତକାରୀ ଅଫିସର: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୩୧।୧୦(ପି.ଟି.)

ଓକିଲ-ମହକିଲ ସ୍ୱାଧିକାରର ସୁରକ୍ଷା ଲକ୍ଷ୍ୟରେ ସୁପ୍ରିମକୋର୍ଟ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଆପରାଧିକ ମାମଲାରେ ଅଭିଯୁକ୍ତଙ୍କ ତରଫରୁ ମାମଲା ଲଢୁଥିବା ଆଇନଜୀବୀଙ୍କୁ ତଦନ୍ତକାରୀ ଅଫିସର ମନଇଚ୍ଛା ସମନ ଜାରି କରିପାରିବେ ନାହିଁ। ଏଥିପାଇଁ ଏସ୍‌ପିଙ୍କ ଅନୁମୋଦନ ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏଥିସହିତ ସର୍ବୋଚ୍ଚ ଅଦାଲତ ତଦନ୍ତକାରୀ ଅଫିସରଙ୍କ ମନମୁଖି ସମନ ଜାରିକୁ ରୋକିବା ଲାଗି କେତେକ ନିର୍ଦ୍ଦେଶ ଜାରି କରିଛନ୍ତି। ବରିଷ୍ଠ ଆଇନଜୀବୀ ଅରବିନ୍ଦ ଡାଟାର ଏବଂ ପ୍ରତାପ ବେଣୁଗୋପାଳଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜାରି କରିଥିବା ସମନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି। ଆଇନଜୀବୀଙ୍କୁ ମାମଲା ଲଢ଼ିବା ଦାୟିତ୍ୱ ଦେବା ଅଭିଯୁକ୍ତଙ୍କ ମୌଳିକ ଅଧିକାର। ଏହାକୁ ତଦନ୍ତକାରୀ ଅଫିସର ଉଲ୍ଲଂଘନ କରୁଥିବା ପ୍ରଧାନ ବିଚାରପତି ବି.ଆର୍, ଗବଇ, ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନ ଏବଂ ଏନ୍.ଭି. ଅଞ୍ଜରିଆଙ୍କ ଖଣ୍ଡପୀଠ କହିଛନ୍ତି। ଏକ ମନିଲଣ୍ଡରିଂ ମାମଲାରେ ଆଇନଜୀବୀ ଡାଟାର ଏବଂ ବେଣୁଗୋପାଳଙ୍କୁ ଇଡି ସମନ ପରେ ସର୍ବୋଚ୍ଚ ଅଦାଲତ ନିଜଆଡୁ ମାମଲାକୁ ବିଚାରକୁ ନେଇ ଉପରୋକ୍ତ ରାୟ ଦେଇଛନ୍ତି। ତଦନ୍ତକାରୀ ସଂସ୍ଥାଗୁଡ଼ିକର ଅଯଥା ଚାପରୁ ଆଇନଗତ ପେସାର ସୁରକ୍ଷା ପାଇଁ କେତେଗୁଡ଼ିଏ ନିର୍ଦ୍ଦେଶାବଳୀ ଜାରି କରାଯାଇଥିବା ଜଷ୍ଟିସ୍ ଚନ୍ଦ୍ରନ କହିଛନ୍ତି।

## ଦିଲ୍ଲୀରେ ଆଜି



ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଶୁକ୍ରବାର ନୂଆଦିଲ୍ଲୀରେ କର୍ତ୍ତବ୍ୟପଥରେ ଭିସିଏସ୍‌ଜି ସର୍ବୋଦୟ ବାଲ୍ ବିଦ୍ୟାଳୟ ଛାତ୍ରୀଛାତ୍ର 'ଏକତା ପାଇଁ ଦୌଡ଼' କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। (ଫଟୋ- ଚମନ ଗୌତମ)

## ୫ ବର୍ଷରେ କୋଟିଏ ନିଯୁକ୍ତି ପ୍ରତିଶ୍ରୁତି

### ଏନ୍‌ଡିଏର ବିହାର ନିର୍ବାଚନୀ ଇସ୍ତାହାର


ପାଟନା,୩୧।୧୦

ବିହାର ବିଧାନସଭା ନିର୍ବାଚନ ପାଇଁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଶୁକ୍ରବାର ଇସ୍ତାହାର ପ୍ରକାଶ କରିଛି, ଯେଉଁଥିରେ ରାଜ୍ୟର ଯୁବତୀଯୁବକଙ୍କୁ ୫ ବର୍ଷରେ ୧ କୋଟି ନିଯୁକ୍ତି ଯୋଗାଇଦେବାର ପ୍ରତିଶ୍ରୁତି ପ୍ରଦାନ କରାଯାଇଛି। ଏହା ବ୍ୟତୀତ ବିହାରରେ ୧ କୋଟି 'ଲକ୍ଷପତି ଦିଦି' ସୃଷ୍ଟି କରାଯିବା ସହ ୪ଟି ମହାନଗରରେ ମେଟ୍ରୋ ଟ୍ରେନ୍ ସେବା ଏବଂ ୭ଟି ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ପ୍ରତିଶ୍ରୁତି ଦିଆଯାଇଛି। କେବଳ ସେତିକି ନୁହେଁ, ଏନ୍‌ଡିଏ ପୁନର୍ବାର ବିହାରରେ କ୍ଷମତାକୁ ଆସିଲେ ୭ଟି ଏକ୍ସପ୍ରେସ୍‌ୱେ, ୧୦ଟି ଶିଳ୍ପାଞ୍ଚଳ ପାର୍କ, କେଜିରୁ ପିଜି ପର୍ଯ୍ୟନ୍ତ ମୁକ୍ତ ତଥା ଉନ୍ନତମାନର ଶିକ୍ଷା ଏବଂ ଉଚ୍ଚଶିକ୍ଷା ପାଇଁ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରୀଛାତ୍ରଙ୍କୁ ମାସିକ ୨,୦୦୦ ଟଙ୍କା ସହାୟତା ଯୋଗାଇଦେବ ବୋଲି କହିଛି। ସେହିପରି ରାଜ୍ୟର ବିଶ୍ୱସ୍ତରୀୟ ମେଡିସିଟି ଏବଂ ପ୍ରତି ଜିଲାରେ ଗୋଟିଏ ମେଡିକାଲ କଲେଜ, ମୁକ୍ତ ରାଶନ, ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା, ଅଧିକ ୫୦ ହଜାର ପକ୍କା ଘର ଯୋଗାଇ ଦିଆଯିବ। ଏହା ବ୍ୟତୀତ ମାତା ସୀତାଙ୍କ ଜନ୍ମସ୍ଥାନ କୁହାଯାଉଥିବା ସୀତାମାଢ଼ି ଜିଲାରେ 'ପୁନୌରା ଧାମ ଜାନକୀ ମନ୍ଦିର' ନିର୍ମାଣ ସହ ଉକ୍ତ ଜିଲାର ନାମ ସୀତାପୁରମ୍ ରଖାଯିବ। ପାଟନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏନ୍‌ଡିଏର ଇସ୍ତାହାର ଉନ୍ମୋଚିତ ହୋଇଥିବାବେଳେ ଏଥିରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜିତନରାମ ମାନ୍‌ଝୀ, ଚିରାଗ ପାଶ୍ୱାନ ପ୍ରମୁଖ ଉପସ୍ଥିତ ଥିଲେ।

# ନେହେରୁଙ୍କ ଯୋଗୁ ବିଚ୍ଛିନ୍ନ ହୋଇଥିଲା କଶ୍ମୀର

### ରାଷ୍ଟ୍ରୀୟ ଏକତା ଦିବସରେ ପ୍ରଧାନମନ୍ତ୍ରୀ ମୋଦି କହିଲେ

ଏକତାନଗର(ଗୁଜରାଟ),୩୧।୧୦



ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଭାରତ ସହ ଅନ୍ୟ ଗଡ଼ଜାତ ରାଜ୍ୟଗୁଡ଼ିକ ଭଳି କଶ୍ମୀରର ମିଶ୍ରଣ ଚାହୁଁଥିଲେ, କିନ୍ତୁ ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଏପରି ହେବାକୁ ଦେଇ ନ ଥିଲେ ବୋଲି ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଗୁଜରାଟର ଏକତାନଗରସ୍ଥିତ ଷ୍ଟାଚ୍ୟୁ ଅଫ୍ ୟୁନିଟି ନିକଟରେ ରାଷ୍ଟ୍ରୀୟ ଏକତା ଦିବସ ପରେଡ୍ ଅବସରରେ ସମ୍ବୋଧିତକରି ପ୍ରଧାନମନ୍ତ୍ରୀ କହିଛନ୍ତି, ତତ୍କାଳୀନ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ପଟେଲ ବିଶ୍ୱାସ କରୁଥିଲେ ଯେ କେହି ଇତିହାସ ଲେଖିବା ପାଇଁ ସମୟ ନଷ୍ଟ କରିବା ଅନୁଚିତ। ଇତିହାସ ଚରିବା ଲାଗି କଠିନ ପରିଶ୍ରମ କରିବା ଉଚିତ।

୨୦୧୪ରେ ମୋଦି ପ୍ରଧାନମନ୍ତ୍ରୀ ହେବା ପରଠୁ ସର୍ଦ୍ଦାର ପଟେଲଙ୍କ ଜନ୍ମଦିନ ଅକ୍ଟୋବର ୩୧କୁ ଦେଶରେ ରାଷ୍ଟ୍ରୀୟ ଏକତା ଦିବସ ରୂପେ ପାଳନ କରାଯାଉଛି। ପଟେଲଙ୍କ ୧୫୦ତମ ଜୟନ୍ତୀକୁ ଶୁକ୍ରବାର ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଧୁମଧାମରେ ପାଳନ କରାଯାଉଥିବାବେଳେ ପ୍ରଧାନମନ୍ତ୍ରୀ ନିଜ ସମ୍ବୋଧନରେ କଂଗ୍ରେସକୁ ଟାର୍ଗେଟ କରିଛନ୍ତି। ମୋଦି କହିଛନ୍ତି, ନେହେରୁଙ୍କ ଯୋଗୁ କଶ୍ମୀରକୁ ବିଭାଜିତ ହେବାକୁ ପଡ଼ିଥିଲା। କଶ୍ମୀର ପାଇଁ ଏକ ପୃଥକ୍ ସମ୍ବିଧାନ ଓ ଭିନ୍ନ ପତାକା ତିଆରି କରାଯାଇଥିଲା। କଂଗ୍ରେସ ଯୋଗୁ ଭାରତକୁ ଅନେକ ଦଶନ୍ଧି ଧରି ଦୁର୍ଦ୍ଦଶା ଭୋଗିବାକୁ ପଡ଼ିଥିଲା। ସର୍ଦ୍ଦାର ପଟେଲ ଯେଉଁ ନୀତି ପ୍ରଣୟନ କରିଥିଲେ ଓ ନିଷ୍ପତ୍ତି ନେଇଥିଲେ ତାହା ନୂଆ ଇତିହାସ ସୃଷ୍ଟି କରିଥିଲା। ସ୍ୱାଧୀନତା ପରେ ୫୫୦ରୁ ଊର୍ଦ୍ଧ୍ୱ ଗଡ଼ଜାତ ରାଜ୍ୟକୁ ଏକତ୍ରିତ କରିବା ଅସମ୍ଭବ ମନେହେଉଥିଲା, ଯାହାକୁ ସର୍ଦ୍ଦାର ପଟେଲ ସମ୍ଭବ କରିଥିଲେ। 'ଏକ ଭାରତ, ଉତ୍କର୍ଷ ଭାରତ'ର ପରିକଳ୍ପନା ପଟେଲଙ୍କ ପାଇଁ ସର୍ବୋପରି ଥିଲା ବୋଲି ମୋଦି କହିଛନ୍ତି।

### ଆର୍‌ଏସ୍‌ଏସ୍‌କୁ ନିଷିଦ୍ଧ କରାଯାଉ, ପଟେଲଙ୍କୁ ଅପମାନିତ କରିଛନ୍ତି ମୋଦି: ଖାର୍ଗେ

ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀଙ୍କ ଏହି ମନ୍ତବ୍ୟକୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ନିନ୍ଦା କରିଛନ୍ତି। ଖାର୍ଗେ କହିଛନ୍ତି, ତାଙ୍କ ବ୍ୟକ୍ତିଗତ ମତରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍)କୁ ନିଷିଦ୍ଧ ଘୋଷଣା କରାଯିବା ଉଚିତ। କାରଣ ଅଧିକାଂଶ ଆଇନଶୃଙ୍ଖଳା ସ୍ଥିତି ଭାଜପା-ଆର୍‌ଏସ୍‌ଏସ୍ ଯୋଗୁ ଉପୁଜୁଛି। ପ୍ରଧାନମନ୍ତ୍ରୀ ମୋଦି ସରକାରୀ କର୍ମଚାରୀମାନଙ୍କୁ ସଂଘରେ ସାମିଲ ହେବାକୁ ଅନୁମତି ଦେଉଛନ୍ତି। ମୋଦି ସର୍ଦ୍ଦାର ପଟେଲଙ୍କ ଲିଗାସିକୁ ଅପମାନିତ କରିଛନ୍ତି। ୧୯୪୮ରେ ମହାତ୍ମା ଗାନ୍ଧୀଙ୍କ ହତ୍ୟା ପରେ ଆର୍‌ଏସ୍‌ଏସ୍‌କୁ ସମାଲୋଚନା କରି ପଟେଲ ଦେଇଥିବା ମନ୍ତବ୍ୟକୁ ଏହି ଅବସରରେ ଖାର୍ଗେ ଉଲ୍ଲେଖ କରିଛନ୍ତି। ପଟେଲ ଆମମାନଙ୍କ ପାଇଁ ସମ୍ମାନାସ୍ପଦ। ପ୍ରଧାନମନ୍ତ୍ରୀ ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ତାଙ୍କ ନିକଟରେ ମଥାନତ ହେବା ଉଚିତ।

## ଟ୍ୟୁନିସିଆରେ ୩ ମାସ ହେଲା ଫସିଛନ୍ତି ଝାଡ଼ଖଣ୍ଡର ୪୮ ଦାଦନ ଶ୍ରମିକ

ଆଙ୍କାରା,୩୧।୧୦

ଝାଡ଼ଖଣ୍ଡର ଗିରିଡିହ, ବୋକାରୋ ଏବଂ ହଜାରିବାଗ ଜିଲାରୁ ୪୮ ଦାଦନ ଶ୍ରମିକ ଆଫ୍ରିକୀୟ ରାଷ୍ଟ୍ର ଟ୍ୟୁନିସିଆରେ ୩ ମାସ ହେଲା ଫସିରହିଛନ୍ତି। ସୁରକ୍ଷିତ ଭାବେ ସ୍ୱଦେଶ ଫେରିବା ପାଇଁ ଏକ ଭିଡିଓ ବାର୍ତ୍ତା ଜରିଆରେ ସେମାନେ ଭାରତ ସରକାରଙ୍କ ସହାୟତା ଲୋଡ଼ିଛନ୍ତି। ୬ ମାସ ହେଲା ପାରିଶ୍ରମିକ ମିଳି ନ ଥିବାରୁ ସେମାନେ ଭୋକରେ ଦିନ କାଟୁଛନ୍ତି। ବକେୟା ପାରିଶ୍ରମିକ ପ୍ରଦାନ ସାଙ୍ଗକୁ ଶୀଘ୍ର ଫେରାଇନେବା ଲାଗି ସେମାନେ ଭାରତ ସରକାରଙ୍କୁ ନିବେଦନ କରିଛନ୍ତି। ମିଥ୍ୟା ପ୍ରତିଶ୍ରୁତିରେ ନେଇ ସେମାନଙ୍କୁ ଠିକାରେ ନିଯୁକ୍ତି ଦିଆଯାଇଥିଲା।


## ମନ୍ତ୍ରୀ ହେଲେ ମହମ୍ମଦ ଆଝାରୁଦ୍ଦିନ



ହାଇଦ୍ରାବାଦ,୩୧।୧୦

ପୂର୍ବତନ କ୍ରିକେଟ ଅଧିନାୟକ ତଥା କଂଗ୍ରେସ ନେତା ମହମ୍ମଦ ଆଝାରୁଦ୍ଦିନ ତେଲଙ୍ଗାନା କ୍ୟାବିନେଟ୍‌ରେ ଗୁରୁବାର ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ରାଜଭବନରେ ରାଜ୍ୟପାଳ ଜିଷ୍ଣୁଦେବ ବର୍ମା ପୂର୍ବତନ କ୍ରିକେଟରଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ନଭେମ୍ବର ୧୧ରେ ଜୁବିଲି ହିଲ୍ସ ଆସନରେ ଉପନିର୍ବାଚନ ଥିବାରୁ ମୁସଲମାନ ଭୋଟରଙ୍କ ସମର୍ଥନ ହାସଲ ପାଇଁ ଆଝାରୁଦ୍ଦିନ୍‌ଙ୍କୁ ମନ୍ତ୍ରୀ କରାଯାଇଛି। ଜୁବିଲି ହିଲ୍ସ ନିର୍ବାଚନ ମଣ୍ଡଳୀରେ ୩୦% ମୁସଲମାନ ଭୋଟର ରହିଛନ୍ତି। ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାବେଳେ ସରକାର ନୂଆ ମନ୍ତ୍ରୀଙ୍କୁ ନିଯୁକ୍ତି ଦେଇ ଏହାର ଉଲ୍ଲଂଘନ କରିଥିବା ଭାଜପା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି। ଉପନିର୍ବାଚନ ଲଢ଼ିବାକୁ କଂଗ୍ରେସ ଆଝାରୁଦ୍ଦିନଙ୍କୁ ଟିକେଟ ଦେଇ ନ ଥିଲା। ଏବେ ତାଙ୍କୁ ମନ୍ତ୍ରୀ କରି ସରକାର କ୍ଷମତାର ଦୁରୁପଯୋଗ କରିଥିବା ଭାଜପା କହିଛି।

## 'କିଙ୍ଗ୍'କୁ ନେଇ ଉତ୍ସାହିତ ଶାହରୁଖ



**ମୁମ୍ବାଇ:** ବଲିଉଡ୍ ବାଦ୍‌ଶାହା ଶାହରୁଖ ଖାନ୍ ତାଙ୍କ ଆଗାମୀ ଫିଲ୍ମ 'କିଙ୍ଗ୍'କୁ ନେଇ ବେଶ୍ ଉତ୍ସାହିତ। ଏହି ଫିଲ୍ମରେ ତାଙ୍କ ସହିତ ଦୀପିକା ପାଦୁକୋନଙ୍କୁ ଦେଖିବାକୁ ମିଳିବ। ସେମାନଙ୍କୁ ପରଦାରେ ଏକାଠି ଦେଖିବା ପ୍ରଶଂସକଙ୍କ ପାଇଁ ଖୁସିର ବିଷୟ। କାରଣ ଉଭୟ ପୂର୍ବରୁ ଅନେକ ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି। ଉଭୟଙ୍କ ଅଭିନୀତ ଏହା ଷଷ୍ଠ ଫିଲ୍ମ। ନିକଟରେ ଶାହରୁଖ ତାଙ୍କ X ଆକାଉଣ୍ଟରେ 'ଆସ୍କ ମି ଏନିଥିଙ୍ଗ୍' ସେସନ ଆୟୋଜନ କରିଥିଲେ। ଜଣେ ପ୍ରଶଂସକ 'କିଙ୍ଗ୍' ଉଲ୍ଲେଖ କରି ଲେଖିଥିଲେ, ଆପଣ ଏବଂ ଦୀପିକାଙ୍କୁ ପୁଣିଥରେ ଏକାଠି ଦେଖିବାକୁ ଆମେ ବହୁତ ଉତ୍ସାହିତ। ବଲିଉଡ ସୁପରଷ୍ଟାର ଏହାର ଜବାବ ଦେଇ କହିଥିଲେ, ମୁଁ ମଧ୍ୟ। ଶାହରୁଖଙ୍କ ଝିଅ ସୁହାନା ମଧ୍ୟ 'କିଙ୍ଗ୍'ରେ ଅଭିନୟ କରିବେ। ଫିଲ୍ମର କାହାଣୀ ବିଷୟରେ ଏପର୍ଯ୍ୟନ୍ତ ଅଧିକ ସୂଚନା ପ୍ରକାଶ ପାଇନାହିଁ। ପୂର୍ବରୁ ଲୋକାର୍ନୋ ଫିଲ୍ମ ଫେଷ୍ଟିଭାଲରେ ଶାହରୁଖ 'କିଙ୍ଗ୍' ବିଷୟରେ କହିଥିଲେ। ଏହା ଏକ ଆକ୍ସନ ଡ୍ରାମା ହିନ୍ଦୀ ଫିଲ୍ମ। ଏହା ଆକର୍ଷଣୀୟ ହେବ। ୭ କିମ୍ବା ୮ ବର୍ଷ ପୂର୍ବରୁ ଏଭଳି ଫିଲ୍ମ କରିବି ବୋଲି ଆଶା ରଖିଥିବା ଶାହରୁଖ କହିଥିଲେ।

## ତାଞ୍ଜାନିଆରେ ବିକ୍ଷୋଭ ହିଂସାରେ ୭୦୦ ମୃତ

ଡୋଡୋମା,୩୧।୧୦

ପୂର୍ବ ଆଫ୍ରିକୀୟ ରାଷ୍ଟ୍ର ତାଞ୍ଜାନିଆରେ ନିର୍ବାଚନୀ ଅନିୟମିତତାକୁ ନେଇ ବିକ୍ଷୋଭ ବେଳେ ୭୦୦ରୁ ଊର୍ଦ୍ଧ୍ୱ ଜଣଙ୍କ ମୃତ୍ୟୁ ଘଟିଥିବା ବିରୋଧୀ ଦଳ ଦାବି କରିଛି। ରାଷ୍ଟ୍ରପତି ସମିଆ ସୁଲୁହୁ ହାସନ୍‌ଙ୍କ ୨ ବଡ଼ ଚ୍ୟାଲେଞ୍ଜରଙ୍କୁ ଦୌଡ଼ରୁ ବାଦ୍ ଦିଆଯାଇଥିବାରୁ ଦେଶବ୍ୟାପୀ ଜନାକ୍ରୋଶ ବୃଦ୍ଧି ପାଇଛି। ଉତ୍ତ୍ୟକ୍ତ ଲୋକେ ସରକାରୀ ଅଫିସଗୁଡ଼ିକରେ ଭଙ୍ଗାରୁଜା ଓ ଜଳାପୋଡ଼ା କରିବା ସହ ପୋଲିସ ସହିତ ମୁହାଁମୁହିଁ ହୋଇଛନ୍ତି।

## ଅସ୍ତ୍ରବିରତି ବଜାୟ ରଖିବାକୁ ପାକ୍, ଆଫଗାନ ରାଜି

ଆଙ୍କାରା,୩୧।୧୦

ଇସ୍ତାନବୁଲ୍‌ରେ ଶାନ୍ତି ଆଲୋଚନା ପରେ ପାକିସ୍ତାନ ଓ ଆଫଗାନିସ୍ତାନ ଅସ୍ତ୍ରବିରତି ବଜାୟ ରଖିବାକୁ ରାଜି ହୋଇଥିବା ତୁର୍କୀ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଘୋଷଣା କରାଯାଇଛି। ପୂର୍ବରୁ ୨ ଦେଶ ମଧ୍ୟରେ ଆଲୋଚନା ବିଫଳ ହୋଇଥିଲା। ଅସ୍ତ୍ରବିରତିକୁ କିଭଳି କାର୍ଯ୍ୟକାରୀ କରାଯିବ ତାହା ଚୂଡ଼ାନ୍ତ କରିବା ନିମନ୍ତେ ଆସନ୍ତା ୬ ତାରିଖରେ ଇସ୍ତାନବୁଲ୍‌ରେ ପାକିସ୍ତାନ ଓ ଆଫଗାନିସ୍ତାନ ଉଚ୍ଚସ୍ତରୀୟ ବୈଠକ କରିବାକୁ ଯୋଜନା କରିଛନ୍ତି। ଶାନ୍ତି ବଜାୟ ରଖିବାକୁ ସୁନିଶ୍ଚିତ କରିବା ପାଇଁ ସମସ୍ତ ପକ୍ଷ ବ୍ୟବସ୍ଥାର ଅନୁଧ୍ୟାନ ଓ ଯାଞ୍ଚ କରିବେ ଏବଂ ଏହାର ଉଲ୍ଲଂଘନ ପାଇଁ ଦଣ୍ଡବିଧାନ କରାଯିବ। ଚଳିତ ମାସରେ ପାକ୍ ଓ ଆଫଗାନ ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ଘଟି ଉଭୟ ପକ୍ଷରୁ ବହୁସଂଖ୍ୟାରେ ସୈନ୍ୟ, ସାଧାରଣ ନାଗରିକ ଓ ଆତଙ୍କବାଦୀ ନିହତ ହୋଇଥିଲେ। ସୀମା ଉତ୍ତେଜନା ଲାଗି ରହିଥିବାବେଳେ ଏହାକୁ ହ୍ରାସ କରିବା ପାଇଁ ତୁର୍କୀ ଓ ଅନ୍ୟ ବନ୍ଧୁ ରାଷ୍ଟ୍ରଙ୍କ ସହଯୋଗରେ ନୂଆ ପର୍ଯ୍ୟାୟ ଆଲୋଚନା ଅନୁଷ୍ଠିତ ହୋଇଥିଲା। ପୂର୍ବ ପର୍ଯ୍ୟାୟ ଆଲୋଚନା ବିଫଳ ହୋଇଥିଲେ ମଧ୍ୟ ଚଳିତ ସପ୍ତାହରେ ନୂଆ ସୀମା ସଂଘର୍ଷ ଘଟିନାହିଁ। ଉଭୟ ଦେଶ ପ୍ରମୁଖ ସୀମାନ୍ତ ରାସ୍ତାକୁ ବନ୍ଦ ରଖିଥିବାରୁ ବହୁସଂଖ୍ୟାରେ ମାଲ୍‌ବୋଝେଇ ଟ୍ରକ୍ ଉଭୟ ପାର୍ଶ୍ୱରେ ଅଟକି ରହିଛି।


## ବ୍ରାଜିଲରେ ବାଦୁଡ଼ିଠାରୁ କୋଭିଡ୍ ଭଳି ଭୂତାଣୁ ଚିହ୍ନଟ

ନୂଆଦିଲ୍ଲୀ,୩୧।୧୦



ବ୍ରାଜିଲରେ ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ବାଦୁଡ଼ିଠାରେ କୋଭିଡ୍-୧୯ ଭଳି ଭୂତାଣୁ ଚିହ୍ନଟ ହୋଇଛି। ଆମେରିକା, ଜାପାନ,ଅଷ୍ଟ୍ରେଲିଆ ଏବଂ ବେଲ୍‌ଜିୟମ୍‌ର ବୈଜ୍ଞାନିକମାନଙ୍କ ଏକ ଅନ୍ତର୍ଜାତୀୟ ଟିମ୍ ଏହି ନୂଆ ଭାଇରସ୍ ଚିହ୍ନଟ କରିଥିବାବେଳେ ଏହାକୁ ନେଇ ସମ୍ଭାବ୍ୟ ସଂକ୍ରମଣ ଓ ନୂଆ ରୋଗର ଆଶଙ୍କା ଦେଖାଦେଇଛି।

ବେଟାକରୋନା ଭୂତାଣୁ ଯଥା ସିଭିୟର୍ ଆକ୍ୟୁଟ୍ ରେସ୍ପିରେଟୋରି ସିଣ୍ଡ୍ରୋମ୍ ଭାଇରସ୍ (ଏସ୍ଏଆର୍ଏସ୍-ସିଓଭି-୨) ଏବଂ ମିଡିଲ୍ ଇଷ୍ଟ ରେସ୍ପିରେଟୋରି ସିଣ୍ଡ୍ରୋମ୍ ଭାଇରସ୍ (ଏମ୍ଇଆର୍ଏସ୍-ସିଓଭି) ସମେତ ଅନେକ ଭୂତାଣୁର ପ୍ରାକୃତିକ ଭଣ୍ଡାର ହେଉଛନ୍ତି ବାଦୁଡ଼ି। ଟେରୋନୋଟସ୍ ପାର୍ନେଲି ନାମକ ଏକ କ୍ଷୁଦ୍ର ତଥା ମୁହଁରେ ମୁଛ ଥିବା ବାଦୁଡ଼ିଠାରୁ ବିଆର୍‌ଜେଡ୍ ବ୍ୟାଟ୍ କୋଭ୍ ନାମରେ ଭୂତାଣୁକୁ ଓସାକା ଏବଂ ସିଡ୍‌ନୀ ୟୁନିଭର୍ସିଟିର ଗବେଷକ ଟିମ୍ ଚିହ୍ନଟ କରିଛି। ଏହା ବେଟାକରୋନା ଭାଇରସ୍‌ଠାରୁ ବର୍ଗାନୁବଂଶିକ ଭାବେ ଭିନ୍ନ ବୋଲି ଗବେଷକମାନେ କହିଛନ୍ତି। ତେବେ ବିଆର୍‌ଜେଡ୍ ବ୍ୟାଟ୍ ସିଓଭି କୋଭିଡ୍ ନୁହେଁ, ବରଂ ଏହାର ଏମ୍ଇଆର୍ଏସ୍ ଭୂତାଣୁ ସହ ଅଧିକ ନିବିଡ଼ ସମ୍ପର୍କ ରହିଥିବା କୁହାଯାଇଛି।



# Chhattisgarh FOUNDATION DAY & Rajat Mahotsav



In the esteemed presence of

Hon'ble Prime Minister

## SHRI NARENDRA MODI JI

development projects worth

**Approx. ₹14,300 Crore**

01 November 2025

Rajyotsav Sthal
Nava Raipur, Atal Nagar, Chhattisgarh

**spanning Road Infrastructure, Energy, Industry, Housing, Rural Development and the Health Sector — will be Inaugurated, Dedicated to the Nation and Foundation Stones laid, alongside the ceremonial Griha Pravesh.**

## Inauguration

**Shaheed Veer Narayan Singh Memorial & Tribal Freedom Fighters Museum** ₹52 Crore





**Chhattisgarh's New Vidhan Sabha Bhawan** ₹324.93 Crore

### Griha Pravesh and Installment Release ₹1,200 Crore

- Griha Pravesh of **3.51 Lakh** 'Pucca Awaas' constructed under **PMAY-G** and distribution of **Khushiyon Ki Chaabi**
- Release of financial **assistance instalments** to **3 Lakh** beneficiaries

### Foundation Stone laying ₹7,459 Crore

- **New smart industrial** areas in Janjgir-Champa and Rajnandgaon
- **Pharmaceutical Park** in Nava raipur
- Working **women's hostel** in Koni and Uslapur villages (Bilaspur)
- **Government Medical College** building in Manendragarh, kabirdham, Janjgir-Champa and Geedam (Dantewada)
- **Government Ayurveda College** and **Hospital building** in Bilaspur
- Construction and Upgradation works of **3 National Highways** (NH-130D) and Pathalgaon-Kunkuri-CG/JH Border **Four Lane Greenfield** National Highway
- **220 kV power substation** in Kanker and **132 kV power substation** in Balodabazar-Bhatapara
- Infrastructure **Power Work** under **RDSS Scheme**

### Inauguration ₹3,250 Crore

- **7 EHV substations, 400 kV** in Mungeli, **220 kV** in Rajim (Gariyaband) and Patan (Durg), **132 kV** in Raipur, Bemetara, Bilaspur and Koriya
- **33 kV substation** in Sukma and Bastar
- Chhattisgarh and Odisha Section(489 km) of the **Nagpur–Jharsuguda Pipeline –(GAIL)**
- New **Petroleum Oil Depot (HPCL)**
- **Start-up Village Entrepreneurship Programme** in **12 blocks** across **9 districts**
- Inter-regional **ER–WR Interconnection Transmission Project (POWERGRID)**

### Dedicating to Nation ₹1,979 Crore

- New **11 kV** and **LT lines, overloaded 11 kV feeders and transformers** in various districts
- Conversion of bare **conductors** into **AB cables**
- Construction of **2-lane paved shoulder road** on **National Highway-130C** from Madangmuda–Devbhog up to the Odisha border

S-45741/39

DD NEWS Watch live on DD News

Scan the QR to join us

छत्तीसगढ़ जनसंपर्क

Visit us : /ChhattisgarhCMO /DPRChhattisgarh www.dprcg.gov.in

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସୁନ୍ଦରାକାଣ୍ଡ ସାମୂହିକ ପାଠୋତ୍ସବ, ସ୍ଥାନ: ଶ୍ରୀରାମ ମନ୍ଦିର ପରିସର, ୟୁନିଟ୍-୩, ସମୟ: ସକାଳ ୮ଟା ୩୦।
- ଦୟାନଦୀ ବୋଇତ ବନ୍ଦାଣ ଉତ୍ସବ-୨୦୨୫ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ (କାପୋକ) କାର୍ଯ୍ୟାଳୟ, ସାମନ୍ତରାପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସାମାଜିକ ନ୍ୟାୟ ନେତୃତ୍ୱ ସମ୍ମେଳନ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ରୌପ୍ୟଜୟନ୍ତୀ ଉତ୍ସବ, ସ୍ଥାନ: ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସାରସ୍ୱତ ସଭା ଏବଂ 'ମହାପ୍ରଭୁ ଶ୍ରୀଜଗନ୍ନାଥ'ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସମୟ: ସନ୍ଧ୍ୟା ୬ଟା।

## କଟକ

- ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସଚେତନତା ପଦଯାତ୍ରା, ସ୍ଥାନ: ନିଶାମଣି କନଭେନଶନ ନିକଟ, ଲିଙ୍କ ରୋଡ୍, ସମୟ: ସକାଳ ୮ଟା।
- ଦୁର୍ନୀତି ନିବାରଣ ସପ୍ତାହ ପାଳନ ଓ ସଡ଼କ ସୁରକ୍ଷା ସଚେତନତା ଅବସରରେ ପଦଯାତ୍ରା, ସ୍ଥାନ: ରାଜ୍ୟ ପରିବହନ ପ୍ରାଧିକରଣ ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, କଟକ, ସମୟ: ସକାଳ ୮ଟା ୩୦।

## ବାଲେଶ୍ୱର

- ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମହେଶପୁର ପଞ୍ଚାୟତ କାର୍ଯ୍ୟାଳୟ, ଭୋଗରାଇ, ସମୟ: ଅପରାହ୍ନ ୩ଟା।
- ବୋଇତ ବନ୍ଦାଣ ଉତ୍ସବ ଲାଗି ଖବରଦାତା ସମ୍ମିଳନୀ, ସ୍ଥାନ: ଆରୁହାବୃତ୍ତି ପଞ୍ଚାୟତ କାର୍ଯ୍ୟାଳୟ, ଭୋଗରାଇ, ସମୟ: ଅପରାହ୍ନ ୪ଟା।
- ୫୮ତମ ମା' ଶ୍ୟାମାକାଳୀ ପୂଜା ଉତ୍ସବର ତ୍ରୟୋଦଶ ଦିବସ, ସ୍ଥାନ: ପୋଡ଼ାଶୂଳ ବଜାର, ନୀଳଗିରି, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଦୁର୍ନୀତି ନିବାରଣ ସଚେତନତା ନେଇ ସାଧାରଣ ସଭା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ଜଗଧାତ୍ରୀ ପୂଜା,ସ୍ଥାନ: ଭଞ୍ଜପୁର, ବାରିପଦା,ସମୟ: ସକାଳ ୮ଟା।
- ନୂତନ ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟ ଉଦ୍‌ଘାଟନ,ସ୍ଥାନ: ତହସିଲ କାର୍ଯ୍ୟାଳୟ, ଚିତ୍ରଡ଼ା,ମୋରଡ଼ା,ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ଅଭିନୟ ଫାଉଣ୍ଡେଶନର ଦ୍ୱିତୀୟ ବାର୍ଷିକ ଉଦ୍‌ଘାଟନ, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା।

## ଅନୁଗୋଳ

- ବ୍ଲକସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା, ସ୍ଥାନ: କିଶୋରନଗର ବ୍ଲକ ବିଲେଇନାଳୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାସ ମଣ୍ଡପରେ ରାଧାକୃଷ୍ଣଙ୍କ ପୂଜା ଆରମ୍ଭ, ସ୍ଥାନ: ମହୀଧରପୁର, ସମୟ: ସନ୍ଧ୍ୟା ୬ ଟା।
- ଭିଜିଲାନ୍ସ ସଚେତନତ ଶୋଭାଯାତ୍ରା, ସ୍ଥାନ: ଅନୁଗୋଳ ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୭ଟା।
- କାର୍ତ୍ତିକ ପୂଜା ମହୋତ୍ସବ ପାଳନ, ସ୍ଥାନ: ଅନୁଗୋଳ ବାଲିସାହି, ସମୟ: ଅପରାହ୍ନ ୧ ଘଟିକା।

## ଜଗତ୍‌ସିଂହପୁର

- ଜଗନ୍ନାଥ ଚେତନା ସୁରକ୍ଷା ମଞ୍ଚ ପକ୍ଷରୁ ମାଧବ ମନ୍ଦିର ପୋଡୁଆଁ ଭାର ସମ୍ପର୍କରେ ପ୍ରସ୍ତୁତି ବୈଠକ, ସ୍ଥାନ: ଜଗନ୍ନାଥ ମନ୍ଦିର, ଉଦୟବଟ ଧାମ, ଭିତରଗଡ଼, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ଦୁର୍ନୀତି ନିବାରଣ ସଚେତନତା ରାଲି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା, ସମୟ: ସକାଳ ୭ଟା।
- ଜିଲା ଚେସ ଆସୋସିଏଶନ ପକ୍ଷରୁ ଆନ୍ତରାଜ୍ୟ ମହିଳା ଚେସ ଚମ୍ପିୟାନସିପ, ସ୍ଥାନ: ସ୍ୱୟଂସିଦ୍ଧା ହୋଟେଲ, ଗରାପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ଶିବାନନ୍ଦ ଆଶ୍ରମ ପକ୍ଷରୁ ଆୟୋଜିତ କାର୍ତ୍ତିକ ହବିଷ୍ୟାଳିଙ୍କ ପଞ୍ଚୁକ ବ୍ରତ ଉପଲକ୍ଷେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରପଡ଼ା ସହର, ସମୟ: ସକାଳ ୮ଟା।

## ଯାଜପୁର

- ଜଗନ୍ନାଥ ସେବା ସଂଘ ପକ୍ଷରୁ ରାହାସ ପୂର୍ଣ୍ଣିମା ଉତ୍ସବ, ସ୍ଥାନ : ଧର୍ମଶାଳା ବ୍ଲକ ବଳରାମପୁରଗଡ ଜଗନ୍ନାଥ ମନ୍ଦିର ପରିସର, ସମୟ : ସନ୍ଧ୍ୟା ୭ଟା।

## ନୟାଗଡ଼

- ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ମହାଯଜ୍ଞ ପାରାୟଣ ଓ ପ୍ରବଚନ, ସ୍ଥାନ: ଜଳେଶ୍ୱର ମହାଦେବଙ୍କ ପୀଠ, ମାଳିସାହି ଡିହଗାଁ, ସମୟ: ସକାଳ ୬ରୁ ରାତ୍ର ୧୦ଟା୩୦।
- ମନ୍ଦିର ପ୍ରତିଷ୍ଠା, ବାର୍ଷିକ ଉତ୍ସବ ଓ କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରାରେ ଅଳାଁ ନବମୀ ଯାତ୍ରାର ଅଙ୍କୁରାରୋପଣ, ସ୍ଥାନ: ଦଶପଲ୍ଲା ବ୍ଲକ ଖମାରସାହି ପଞ୍ଚାୟତର ଭୀମରା ପାହାଡ଼, ସମୟ: ସକାଳ ୭ଟା।
- ଶରତ ରାସଯାତ୍ରା ମହୋତ୍ସବର ୨ୟ ଦିବସରେ ବସ୍ତ୍ରହରଣ ଓ ଅଧିବାସ, ସ୍ଥାନ: ଦଶପଲ୍ଲା ସହରର ଗୋପୀନାଥ ଜୀଉ ବିଜେ ସାତପାଟଣା, ସମୟ: ସକାଳ ୭ଟା।
- ପଞ୍ଚଦଶ ଭାଗବତ ପାରାୟଣର ସୂର୍ଯ୍ୟପୂଜା, ହୋମ, ଭାଗବତ ପାରାୟଣ, ଭଜନ କୀର୍ତ୍ତନ ଓ ପ୍ରବଚନର ୪ର୍ଥ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ବେଗୁନିଆଁପାଟଣା ଗୋପୀନାଥ ଜୀଉଙ୍କ ମନ୍ଦିର, ସମୟ: ସକାଳ ୭ଟା।
- ଭାଗବତ ସପ୍ତାଙ୍ଗର ୩ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ସିଦ୍ଧାମୂଳାସ୍ଥ ଗୋକୁଳାନନ୍ଦ ମନ୍ଦିର, ସମୟ: ସକାଳ ୮ଟା।
- ଭାଗବତ ସପ୍ତାଙ୍ଗର ୩ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ମର୍ଦ୍ଦରାଜପୁରର ମୁଣ୍ଡିଆ ହନୁମାନ ପୀଠ, ସମୟ: ସକାଳ ୯ଟା।
- ଭାଗବତ ସପ୍ତାଙ୍ଗର ୩ୟ ଦିବସ, ସ୍ଥାନ: ଭାପୁର ବ୍ଲକ ପଥରଚକଡା ପଞ୍ଚାୟତର ନାରାୟଣୀ ପୀଠ, ସମୟ: ସକାଳ ୯ଟା।
- ୨ୟତମ ବୈଦିକ ଦେବ ଯଜ୍ଞ ଓ ପଞ୍ଚକ ଜ୍ଞାନ ଜ୍ୟୋତି ପାରାୟଣ ପର୍ବର ୨ୟ ଦିବସ, ସ୍ଥାନ: କଣ୍ଟିଲୋ କୁଞ୍ଜବିହାରୀପୁର ପାଟଣା, ସମୟ: ସକାଳ ୯ରୁ ରାତ୍ର ୯ଟା।

ରାଧାକୃଷ୍ଣ ମନ୍ଦିରର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଭାପୁର ବ୍ଲକ ବିଜିପୁର ସାଇ ମନ୍ଦିର ନିକଟ, ସମୟ: ସକାଳ ୯ଟା।

## ରାୟଗଡ଼ା

- ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉପଲକ୍ଷେ ଗଣଦୌଡ଼, ସ୍ଥାନ: ରାୟଗଡା ଗଜପତି ଛକ ଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୯ଟା ୩୦।
- ଦୁର୍ନୀତି ନିବାରଣ ସପ୍ତାହ ସଭାକାର୍ଯ୍ୟ ଓ ଆଲୋଚନାଚକ୍ର, ସ୍ଥାନ: ରାୟଗଡା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ସଦ୍‌ଭାବନା ଗୃହ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ଦୁର୍ନୀତି ମୁକ୍ତ ଓ ସ୍ୱଚ୍ଛ ସମାଜ ପ୍ରତିଷ୍ଠା ଉପଲକ୍ଷେ ଜିଲାସ୍ତରୀୟ ଶୋଭାଯାତ୍ରା, ସଚେତନ ସଭା , ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ

- ଅଷ୍ଟପ୍ରହର ନାମଯଜ୍ଞ ଉଦଯାପନୀ, ସ୍ଥାନ: ମାର୍କେଟ ପରିସର, ହାଲ ସୁନାବେଡା, ସମୟ: ସକାଳ ୯ଟା।
- ଦୁର୍ନୀତି ନିବାରଣ ସପ୍ତାହ ନେଇ ସଚେତନତା ରାଲି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ, ସମୟ: ସକାଳ ୯ଟା।
- ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ସଚେତନତା ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ସରକାରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଲକ୍ଷ୍ମୀପୁର, ସମୟ: ପୂର୍ବାହ୍ନ ୧୦ଟା।
- ଆଭାସି ମାଧ୍ୟମରେ ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ନନ୍ଦପୁର ବ୍ଲକ ଓସ୍ୱାନ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ମାଲକାନଗିରି

- ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳନ ନେଇ ସଚେତନତା ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ,ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ, ମାଥିଲି ,ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଭିସୁଟ ଆୟୋଜନରେ ପାରାଲେକ୍ସ ଅଫ ସର୍ସପେକଟିଭ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ଇ-ଲାର୍ଣ୍ଣିଂ ସେଣ୍ଟର, ସମୟ: ସକାଳ ୯ଟା।
- ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ଦ୍ୱିତୀୟ ସମ୍ବଲପୁର ଅନ୍ତର୍ଜାତୀୟ ଟ୍ରେଡ ଫେୟାର, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ: ଅପରାହ୍ନ ୨ଟା ୩୦ ରୁ ରାତି ୧୦ଟା।
- ଶ୍ରୀରାମ କଥା ଭକ୍ତ ମଣ୍ଡଳ ଆୟୋଜିତ ଶ୍ରୀରାମ କଥା ପ୍ରବଚନ, ସ୍ଥାନ: କ୍ଷେତରାଜପୁର ଦୁର୍ଗା ମଙ୍ଗଳମ, ସମୟ: ଅପରାହ୍ନ ୩ଟାରୁ ରାତି ୭ଟା।
- ସମ୍ବଲପୁର ରେଳମଣ୍ଡଳ ଆୟୋଜନରେ ଆନ୍ତଃ ବିଭାଗୀୟ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ରେଲବାଇ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା

## ବଲାଙ୍ଗୀର

- ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ସଚେତନତା ଶୋଭାଯାତ୍ରା, ସ୍ଥାନ: ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରୁ, ସମୟ: ପୂର୍ବାହ୍ନ ୮ଟା ୩୦।
- ବଲାଙ୍ଗୀର ଦିନ୍ ଉତ୍ସବ ଉପଲକ୍ଷେ ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ: କୋଶଳ କଳା ମଣ୍ଡଳ, ବଲାଙ୍ଗୀର, ସମୟ: ସକାଳ ୯ଟା ୩୦।

## ସୁନ୍ଦରଗଡ଼

- ୨୪ତମ ଓଡିଶା ଆନ୍ତଃଜିଲା କନିଷ୍ଠ ସିପକ ଟାକ୍ରୋ ପ୍ରତିଯୋଗିତା ଉଦ୍‌ଘାଟନ ସମାରୋହ, ସ୍ଥାନ:ଟାଙ୍ଗରପାଲି ବ୍ଲକ ଯୋଗୀମାଲ ଗ୍ରାମପଞ୍ଚାୟତ ,ତେନ୍ତୁଳି ଡିପା ହନୁମାନ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୩ଟା।

## କଳାହାଣ୍ଡି

- ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁଶୂନ ପକ୍ଷ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣାସ୍ଥିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ,ସମୟ: ସକାଳ ୯ଟା।
- କଳାହାଣ୍ଡି ଗଠନ ଦିବସ ଜିଲାସ୍ତରୀୟ ସମାରୋହ, ସ୍ଥାନ:ଭବାନୀପାଟଣାସ୍ଥିତ ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଓ ସଚେତନତା ସଭା ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ଆନ୍ତଃସ୍କୁଲ କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦକ୍ଷତା ବିକାଶ ତାଲିମ ଶିବିର, ସ୍ଥାନ: ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟାଳୟ ସ୍ତରୀୟ ମକ୍ ପାର୍ଲିଆମେଣ୍ଟ କାର୍ଯ୍ୟକ୍ରମ, ସ୍ଥାନ: ଦେବଗଡ଼ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଢୁଙ୍ଗୁରିପାଲିସ୍ଥିତ ଦିଗଶିରା ଗ୍ରାମରେ କୈଳାସୀ ଯାତ୍ରା, ସ୍ଥାନ: ଅଙ୍ଗନଦୀସ୍ଥିତ କୈଳାସୀ ଯାତ୍ରା ପଡ଼ିଆ, ସମୟ: ସକାଳ ୮ ରୁ ଆରମ୍ଭ ହୋଇ ରାତି ୧୨ଟା ପର୍ଯ୍ୟନ୍ତ।
- ସୋନପୁର ବ୍ଲକ ବଡ ଝିଙ୍କିରେ କଳାସୀ ଯାତ୍ରାର ଶୁଭାରମ୍ଭ, ସ୍ଥାନ: ବଡଝିଙ୍କି ପଡ଼ିଆ, ସମୟ: ସନ୍ଧ୍ୟା ୫ଟା ୩୦।

## ନୂଆପଡ଼ା

- ରାହାଁସ ଲୀଳା ପରିବେଷଣ ଓ ପୁରାଣ କଥା, ସ୍ଥାନ: ଖଡିଆଳ ବ୍ରାହ୍ମଣପଡ଼ା, ସମୟ: ସକାଳ ୭ଟା ଓ ରାତ୍ର ୮ଟା।
- ଶ୍ରୀକୃଷ୍ଣ କଳା ପରିଷଦ ପକ୍ଷରୁ ଶ୍ରୀକୃଷ୍ଣ ଲୀଳା, ସ୍ଥାନ: ଖଡିଆଳ ବ୍ଲକ ନେହେନା ଗାଁ, ସମୟ: ସକାଳ ୬ଟା ୩୦ ଓ ରାତି ୮ଟା।

## ଝାରସୁଗୁଡ଼ା

- ହନୁମାନଙ୍କ ପଞ୍ଚ ଉପଚାର ପୂଜା ଓ ଚାଳିଶା ପାଠ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ଦୁର୍ନୀତି ନିବାରଣ ସଚେତନତା ଶିବିର, ସ୍ଥାନ: ଜିଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବେଲପାହାଡ଼ ଫୁଟବଲ କପ୍ ଟୁର୍ନାମେଣ୍ଟ, ସ୍ଥାନ: ବେଲପାହାଡ଼ ରତନ ଟାଟା ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ରଙ୍କ ସହ ରାହୁଙ୍କ ସଂଯୋଗ ପ୍ରଭାବରେ ଭାଇ, ବନ୍ଧୁ, ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ମତାନ୍ତର ହୋଇପାରେ। କର୍ମକ୍ଷେତ୍ରରେ ପ୍ରତିବନ୍ଧକଜନିତ ବିଷୟକୁ ନେଇ ଚିନ୍ତିତ ରହିବେ। ମନରେ ଅସ୍ଥିରତା ଲାଗି ରହିବାରୁ ଅନ୍ୟମାନଙ୍କ କଥା ଆପଣଙ୍କୁ ଭଲ ଲାଗିବ ନାହିଁ। ସାହିତ୍ୟ, ସାମ୍ବାଦିକତା, ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

**ବୃଷ** ଆଜି ରାଶ୍ୟାଧିପ ଶୁକ୍ରଙ୍କ ନୀଚତ୍ୱ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ। ଶନିଙ୍କ ଦୃଷ୍ଟିଜନିତ ଉଦାସୀନତା ସୃଷ୍ଟିକରି ଭୋଗ ବିଳାସ ପ୍ରତି ବୈରାଗ୍ୟ ଭାବ ଉଦ୍ରେକ କରିପାରନ୍ତି। ଜମିଜମା କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ କିଛି ଅର୍ଥ ବ୍ୟୟ କରିବାକୁ ବାଧ ହେବେ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**ମିଥୁନ** ତୃତୀୟାଧିପତିଙ୍କ ଦୁର୍ବଳତାଜନିତ ବିବାଦରେ ପଶିଲେ ଅପଦସ୍ଥ ହୋଇପାରନ୍ତି। ପଡ଼ୋଶୀଙ୍କ ଦ୍ୱାରା ଘରୋଇ ବ୍ୟାପାରରେ ହସ୍ତକ୍ଷେପ ମାଧ୍ୟମରେ ଅଶାନ୍ତ ବାତାବରଣ ସୃଷ୍ଟି ହେବ। ପୂର୍ବରୁ ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ମତ ବଦଳାଇ ଅସହଯୋଗ କରିବେ। ଘରେ ବନ୍ଧୁ ମିଳନରେ ଆମୋଦ ପ୍ରମୋଦର ସୁଅ ଛୁଟିବ।

**କର୍କଟ** ଧନସ୍ଥାନରେ କେତୁ ଓ ଧନାଧିପ ବଳହୀନ ଯୋଗୁ ଅର୍ଥ ସଙ୍କଟ ଲାଗିରହିବ। ଦୀର୍ଘ ଦିନରୁ ଅପେକ୍ଷା କରିଥିବା ଖବରଟି ଆଜି ପାଇ ଖୁସି ରହିବେ। ଶିଳ୍ପ, ସାମ୍ବାଦିକତା, ପରିବହନ, ବାଣିଜ୍ୟରେ ଲାଭ ଆଶାନୁରୂପ ପାଇପାରିବେ। ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ ଅବଶ୍ୟ ସବୁ କଥାରେ ନରମି ରହି ପାରିଲେହିଁ ସୁଫଳ ପାଇବେ।

**ସିଂହ** ରବିଙ୍କ ଦୁର୍ବଳତା ସାଇନୋଇସାଇଟିସ୍ ଭଳି ରୋଗ ଜନିତ ମୁଣ୍ଡବ୍ୟଥା କିମ୍ବା କ୍ରନିକ୍ ରୋଗ ପୀଡ଼ାକୁ ନିମନ୍ତ୍ରଣ କରିପାରେ। କର୍ତ୍ତବ୍ୟର ଦ୍ୱାହି ଦେଇ ଅନ୍ୟ ପାଇଁ କଷ୍ଟ ସ୍ୱୀକାର କରିପାରନ୍ତି। କର୍ମକ୍ଷେତ୍ରରେ କାରଣ ନ ଥାଇ ମଧ୍ୟ ଦୋଷୀ ସାବ୍ୟସ୍ତ ହେବାର ଆଶଙ୍କା ରହିଛି। ଆଗାମୀ ସାଂସ୍କୃତିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି।

**କନ୍ୟା** ଚନ୍ଦ୍ରଙ୍କ ପ୍ରତି ମଙ୍ଗଳଙ୍କ ପୂର୍ଣ୍ଣ ଦୃଷ୍ଟି ହେତୁ ଭାଇ କିମ୍ବା ସହକର୍ମୀଙ୍କ ହେତୁକ ସମସ୍ୟାରେ ବ୍ୟସ୍ତତା ପ୍ରକାଶ କରିବେ। କିଛି ମତ ମନ୍ତବ୍ୟ ଦେବା ପୂର୍ବରୁ ଭାବିଚିନ୍ତି କହିବା ଭଲ। ବନ୍ଧୁଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବାରେ ବନ୍ଧୁ ସାହାଯ୍ୟ କରିବେ। କେତେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରି ନେଇପାରନ୍ତି।

**ତୁଳା** ନୀଚସ୍ଥ ଶୁକ୍ର ଓ ରବିଙ୍କ ଯୋଗୁ କାମଗୁଡ଼ିକ ଅଧୁରା ରହିଯିବ। ସନ୍ତାନଙ୍କ ବେଖାତିର କାମ ଯୋଗୁ ମାନସିକ ସ୍ଥିରତା ହରାଇବେ। ଆପଣ କାହାର ମିଠା କଥାରେ ଭାସି ଯାଆନ୍ତୁ ନାହିଁ, ଯାହାକି ସମସ୍ୟା ଦେଖାଦେଇପାରେ। ବୃହସ୍ପତିଙ୍କ ଦୃଷ୍ଟିରୁ ପାରିବାରିକ ସ୍ଥିତି ପ୍ରାୟତଃ ଭଲ ରହିବାର ଆଶା କରାଯାଇପାରେ।

**ବିଛା** ସ୍ୱଗୃହୀ ମଙ୍ଗଳଜନିତ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ଯୋଗୁ ଆଶ୍ୱସ୍ତି ଲାଭ କରିବେ। ଆନୁଷ୍ଠାନିକ କାମରେ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି, ସେଥିରେ କିଛି ହେବ ନାହିଁ। ଆବଶ୍ୟକତା ପୂରଣ କରିବା ସକାଶେ ବନ୍ଧୁଙ୍କ ହାତକୁ ଚାହିଁ ବସିପାରନ୍ତି। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବାର ଆଶଙ୍କା ବୃଦ୍ଧିପାଇବ।

**ଧନୁ** ପାପଗ୍ରହମାନେ ରାଶିକୁ ପ୍ରଭାବିତ କରୁଥିବାରୁ ନିଜର ସୁଖ, ସୁବିଧାକୁ ଅଗ୍ରାଧିକାର ଦେଇ ଅନ୍ତରଙ୍ଗଙ୍କ ଆନ୍ତରିକତାକୁ ହରାଇପାରନ୍ତି। ବନ୍ଧୁଙ୍କ ପ୍ରେରଣାରେ ନୂତନ କାମର ପରିକଳ୍ପନା କରିବେ କିନ୍ତୁ ଖର୍ଚ୍ଚଭାର ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ।

**ମକର** ଗ୍ରହଙ୍କ ପ୍ରତିକୂଳ ସ୍ଥିତିଜନିତ ପ୍ରତ୍ୟେକ କ୍ଷେତ୍ରରେ ବିଳମ୍ବିତ ସମୟରେ କାର୍ଯ୍ୟ ସମ୍ପନ୍ନ ହେବ। ଯୁକ୍ତିଯୁକ୍ତ କଥା କହି, ଅର୍ଥ ଓ ସମ୍ମାନ ଲାଭ କରିବେ। ଉଚ୍ଚ ବର୍ଗର ବ୍ୟକ୍ତିଙ୍କଠାରୁ ଶ୍ରଦ୍ଧା ଓ ଗଠନମୂଳକ ପରାମର୍ଶ ପାଇ ଖୁସି ରହିବେ। ସହକର୍ମୀଙ୍କ ଦୌରାତ୍ମ୍ୟ କ୍ରମଶଃ କମିବ ଏବଂ ମିତ୍ରମାନଙ୍କ ସହ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ।

**କୁମ୍ଭ** ରାଶିରେ ରାହୁଙ୍କ ପ୍ରଭାବରେ ଭୁଲ୍ ନିଷ୍ପତ୍ତି ନେଇ ହରଡଘଣାରେ ପଡ଼ିପାରନ୍ତି। ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ କେତୁଙ୍କ କୁପ୍ରଭାବରୁ ମାନସିକ ସ୍ଥିତି ଭଲ ରହିବନାହିଁ। ପିଲାଙ୍କର କିଛି ସମସ୍ୟାକୁ ନେଇ ହଠାତ୍ ବିବ୍ରତ ହୋଇପାରନ୍ତି। ତଥାପି ଜମିଜମା, କଳ କାରଖାନା, ପରିବହନରେ ସମସ୍ୟା କମିଯିବାର ସୂଚନା ରହିଛି।

**ମୀନ** କର୍ମକ୍ଷେତ୍ରରେ ଜଟିଳ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିପାରେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ ଓ ଯାହା ଚାହୁଁଛନ୍ତି ତାହା ପାଇବାରେ ଅସୁବିଧା ରହିବ ନାହିଁ। ପରିବାରରେ ଛୋଟ କଥାକୁ କେନ୍ଦ୍ରକରି କଳହ ସୃଷ୍ଟି ହେବ। ଅଭାବ ନଥିଲେ ମଧ୍ୟ ଶାନ୍ତି ପାଇବା କଷ୍ଟକର ହୋଇପାରେ।

ଆଜି ନଭେମ୍ବର ୧ ତାରିଖ, ବିଶୁଦ୍ଧ ଶାକାହାରୀ ଦିବସ, କାର୍ତ୍ତିକ ଶୁକ୍ଳ ଦଶମୀ ଯୁକ୍ତ ଏକାଦଶୀ, ଶନିବାର। ଶ୍ରୀଜୀଉଙ୍କ ରାଧା ଦାମୋଦର ବେଶ ସମାପ୍ତି, ଶରତ ରାସ ଅଧିବାସ, କପିଳାସ ମହିମାତପୋବନ ମେଳା, ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୨୧ଗତେ ଘ.୦୮।୪୦ ମଧ୍ୟେ, ଘ.୧୧।୫୨ ମି. ଗତେ ଘ.୧୨।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୪୦ ମି. ଗତେ ଘ.୧୦।୦୫ ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଉଳ ପତ୍ର, ବଉଳ ବାଆ,**
**କୋଳି ଗଣ୍ଡାକର ଘର;**
**ଷାଠିଏ ଟଙ୍କାର ବଳଦ ବାନ୍ଧି,**
**ନାଥେ ହେଲେ ହରବର ।**

ଅଭାବରୁ ହୀନସ୍ଥା। ବହୁ ମୂଲ୍ୟ ବିନିମୟରେ ବଳଦ ଆଣି ତା'ର ଉପଯୁକ୍ତ ଭାବେ ପାଳନ କରି ନ ପାରି ହରଡ଼ଘଣାରେ ପଡ଼ିଯାଇଥିବା ବ୍ୟକ୍ତିର ଦୁରବସ୍ଥା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଭିଆଡ଼ୀ ସୂତା କାଟିଲେ ରାଣ୍ଡେ,**
**ଅଭିଆଣ କଥା ଦେଖ ଲୋ ଦାଣ୍ଡେ ।**

ମଙ୍ଗଳସୂତ୍ର ସଧବା ସ୍ତ୍ରୀ କାଟିବା ବିଧି ଏବଂ ବିଧବା କାଟିବା ଶାସ୍ତ୍ରବିରୋଧୀ। ତେଣୁ ଯିଏ ଯେଉଁ କାମ କରିବା ନ୍ୟାୟସଙ୍ଗତ ନୁହେଁ, ସେହି କାମକୁ ସେ କରି ବସିବା ଭୁଲ୍ ଏବଂ ଅନ୍ୟାୟ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଓଡ଼ିଶା ରାଜନୀତିକୁ ନୂଆ ବାଟ ଦେଖାଇବ ନୂଆପଡ଼ା: ପ୍ରସାଦ

ଭୁବନେଶ୍ୱର,୩୧।୧୦
(ରବିନାରାୟଣ ଜେନା)

ଦେଶର ରାଜନୀତିକୁ ଆଗାମୀ ଦିନରେ ବିହାର ନିର୍ବାଚନ ଫଳାଫଳ ଯେଭଳି ପ୍ରଭାବିତ କରିବ, ଠିକ୍ ସେହିପରି ନୂଆପଡ଼ାର ଉପନିର୍ବାଚନ ଫଳାଫଳ ଓଡ଼ିଶା ରାଜନୀତିକୁ ଏକ ନୂଆ ବାଟ ଦେଖାଇବ ବୋଲି କଂଗ୍ରେସ କହିଛି। ଶୁକ୍ରବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି, ନୂଆପଡ଼ାରେ ଭାଜପା ଓ ବିଜେଡି ମଧ୍ୟରେ ସଲାକୁଣ୍ଡି ଚାଲିଛି। କିନ୍ତୁ ଜନତା ସବୁ ଦେଖୁଛନ୍ତି ଏବଂ ନିଷ୍ପତ୍ତି ମଧ୍ୟ ନେଇ ସାରିଛନ୍ତି। ବିଜେଡି ପ୍ରାର୍ଥୀ ବରଗଡ଼ରୁ ଆଣିଥିବାବେଳେ ଭାଜପା ପ୍ରାର୍ଥୀ ନ ପାଇ ବିଜେଡିରୁ ଧରି ଆଣିଛି। ହେଲେ କଂଗ୍ରେସ ଜଣେ ସ୍ଥାନୀୟ ଆଦିବାସୀ ଶିକ୍ଷିତ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରିଛି। ନୂଆପଡ଼ାରେ ନୂଆ ନାରା ଉଠୁଛି 'ବାହାରି ଭଗାଓ, ଆପନା ଲାଓ'। ପ୍ରସାଦ କହିଛନ୍ତି, ଦୁର୍ଭିକ୍ଷ ବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀ ଏଠାକୁ ଆସିଥିଲେ। ପ୍ରଧାନମନ୍ତ୍ରୀ ଥିବାବେଳେ ରାଜୀବ ଗାନ୍ଧୀ ଓ ସୋନିଆ ଗାନ୍ଧୀ କୋମନା ବ୍ଲକ ଆସି ଆଦିବାସୀମାନଙ୍କ ପାଇଁ କାର୍ଯ୍ୟ କରିଛନ୍ତି। 'ମାଡ଼ା' ଯୋଜନା ଓ କେବିକେ ଯୋଜନା ମାଧ୍ୟମରେ କଂଗ୍ରେସ ଅମଳରେ ନୂଆପଡ଼ାରେ ଅନେକ ବିକାଶମୂଳକ କାର୍ଯ୍ୟ ହୋଇଛି। ପିସିସି ସଭାପତି ଭକ୍ତ ଚରଣ ଦାସ କେନ୍ଦ୍ରରେ ରେଳମନ୍ତ୍ରୀ ଥିବାବେଳେ ଖୋର୍ଦ୍ଧା ଓ ବଲାଙ୍ଗୀର ରେଳପଥ ପ୍ରକଳ୍ପକୁ ପ୍ରଶାସନିକ ମଞ୍ଜୁରୀ ଦେଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ସେ କାର୍ଯ୍ୟ ଶେଷ ହୋଇନାହିଁ। ଏବେ ନୂଆପଡ଼ାରୁ ସର୍ବାଧିକ ଶିକ୍ଷିତ, ବେକାରି ଯୁବତୀ ଯୁବକମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ୨୪ବର୍ଷର ବିଜେଡି ଏବଂ ୧୬ମାସର ଭାଜପା ସରକାରଙ୍କ ଏହା ହିଁ ନୂଆପଡ଼ାକୁ ଅବଦାନ ବୋଲି ପ୍ରସାଦ କହିଛନ୍ତି।

## ୩ରେ ନୂଆପଡ଼ା ଯିବେ ନବୀନ



ନବୀନ ପଟ୍ଟନାୟକ

ଭୁବନେଶ୍ୱର, ୩୧।୧୦(ସୁନିତ୍ ମିଶ୍ର)

ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ନୂଆପଡ଼ା ଉପନିର୍ବାଚନର ପ୍ରଚାର ଲାଗି ଆସନ୍ତା ୩ ତାରିଖରେ ଗସ୍ତ କରିବେ। ଏହି ଅବସରରେ ସେ ନୂଆପଡ଼ାର କୋମନା ବ୍ଲକ୍‌ଠାରେ ଆୟୋଜିତ ଏକ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ନିଜେ ନବୀନ ଏକ ଭିଡିଓ ବାର୍ତ୍ତା ଜରିଆରେ ଶୁକ୍ରବାର ସୂଚନା ଦେଇଛନ୍ତି। ଉକ୍ତ ଭିଡିଓରେ ନବୀନ କହିଛନ୍ତି, ସେ ୩ ତାରିଖରେ କୋମନା ବ୍ଲକ୍ ଯାଇ ସେଠାରେ ସାଧାରଣ ଲୋକଙ୍କୁ ଭେଟିବେ। ସ୍ଥାନୀୟ ଲୋକମାନଙ୍କ ସହ ୨ ପଦ କଥା ହେବେ ବୋଲି ସେ ସ୍ଥାନୀୟ ଭାଷାରେ କହିଛନ୍ତି। ଅନ୍ୟପଟେ ମିଳିଥିବା ସୂଚନା ମୁତାବକ, ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ୭ ତାରିଖରେ ନବୀନ ଆଉ ଥରେ ନୂଆପଡ଼ା ଗସ୍ତକରି ନୂଆପଡ଼ା ବ୍ଲକ୍‌ରେ ହେବାକୁ ଥିବା ଅନ୍ୟ ଏକ ସଭାରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି।

## ନୂଆପଡ଼ାରେ ସାଙ୍ଗଠନିକ କାର୍ଯ୍ୟ ପାଇଁ ୧୭ ନେତାଙ୍କୁ ଦାୟିତ୍ୱ ଦେଲା ବିଜେଡି

ଭୁବନେଶ୍ୱର, ୩୧।୧୦(ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନର ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟ ଲାଗି ବିଜେଡି ପକ୍ଷରୁ ୧୭ ଜଣ ନେତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବରିଷ୍ଠ ନେତା ପଦ୍ମନାଭ ବେହେରା, ଅଶୋକ ଚନ୍ଦ୍ର ପଣ୍ଡା, ମହେଶ ସାହୁ, ସୁମିତ୍ରା ଜେନା, ସୁଲୋଚନା ଦାସ, ଶର୍ମିଷ୍ଠା ସେଠୀ, ମହୀଧର ରଣା, ରଘୁରାମ ପଡ଼ାଲ, ମାନସ ମାଡକାମୀ, ଝିନ୍ନ ହିକ୍‌କା, ସାନନ୍ଦ ମାରାଣ୍ଡି, ରୂପେଶ କୁମାର ପାଣିଗ୍ରାହୀ, ବେଣୁଧର ପ୍ରଧାନ, ଦେବାଶିଷ ପଟ୍ଟନାୟକ, ଈଶ୍ୱର ପାଣିଗ୍ରାହୀ, ସୁବ୍ରତ ସିଂ ଏବଂ ଦୁଷ୍ମନ୍ତ ନାଏକଙ୍କୁ ତାଲିକାରେ ରଖାଯାଇଛି। ସୂଚନାଯୋଗ୍ୟ, ଏହି ନେତାମାନଙ୍କ ମଧ୍ୟରୁ ଅନେକଙ୍କୁ ପୂର୍ବରୁ ନୂଆପଡ଼ାର ବିଭିନ୍ନ ବ୍ଲକ୍ ଏବଂ ଏନ୍‌ଏସି ଦାୟିତ୍ୱ ପ୍ରଦାନ କରାଯାଇଛି। ଆଉ କେତେଜଣ ନୂଆ ନେତାଙ୍କୁ ଏହି ତାଲିକାରେ ଯୋଡ଼ାଯାଇଛି।

## ପ୍ରଥମ ପୃଷ୍ଠାରୁ...

## ୬ ମେଡିକାଲ କଲେଜରେ ...

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଲେଖିଥିବା ପତ୍ରରେ ଦର୍ଶାଇଛନ୍ତି, ଗୋଟିଏ ବର୍ଷ(୨୦୨୫-୨୬)ରେ ୬ଟି ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ୬୨ଟି ସ୍ନାତକୋତ୍ତର (ପିଜି) ସିଟ୍ ପାଇଁ ଅନୁମୋଦନ ମିଳିଥିବାରୁ ହୃଦୟରୁ କୃତଜ୍ଞତା ଜଣାଉଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଏହି ଅନୁମୋଦନ ପଶ୍ଚିମ ଓଡ଼ିଶାରେ ଚିକିତ୍ସା ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ମହତ୍ତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ପ୍ରତିପାଦିତ ହେବ। ନୂଆ ପିଜି ପାଠ୍ୟକ୍ରମଗୁଡ଼ିକ ପାଠ୍ୟକ୍ରମରେ ସାମିଲ ହେବା ଫଳରେ ଚିକିତ୍ସା ଶିକ୍ଷା ଓ ଗବେଷଣାର ଗୁଣବତ୍ତା ବୃଦ୍ଧି ପାଇବା ସହିତ ସେହି ଅଞ୍ଚଳର ଲୋକମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ତ୍ୱରାନ୍ୱିତ ହୋଇପାରିବ।ଓଡ଼ିଶା ସରକାର ଜାତୀୟ ଭେଷଜ କମିଶନ(ଏନ୍‌ଏମ୍‌ସି)ଙ୍କ ଦ୍ୱାରା ନିର୍ଦ୍ଧାରିତ କରାଯାଇଥିବା ସମସ୍ତ ନିୟମ ଓ ମାନକକୁ ସମ୍ପୂର୍ଣ୍ଣ ଭାବେ ପାଳନ କରିବାକୁ ବଦ୍ଧପରିକର। ଏହି ପ୍ରତିଷ୍ଠାନଗୁଡ଼ିକୁ ଏକ ପ୍ରମୁଖ ଚିକିତ୍ସାରେ ଉତ୍କର୍ଷତା କେନ୍ଦ୍ର ଭାବରେ ବିକଶିତ କରିବା ପାଇଁ ସମସ୍ତ ପ୍ରକାରର ସହାୟତା ଯୋଗାଇବାକୁ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ, ଫକୀର ମୋହନ ମେଡିକାଲ କଲେଜ -ବାଲେଶ୍ୱର, ଭୀମଭୋଇ ମେଡିକାଲ କଲେଜ-ବଲାଙ୍ଗୀରରେ ପୂର୍ବରୁ କେବଳ ଏମ୍‌ବିବିଏସ୍ ପାଠ୍ୟକ୍ରମ ରହିଥିବାବେଳେ ଚଳିତବର୍ଷ ଏଠାରେ ପିଜି ପାଠ୍ୟକ୍ରମ ପାଇଁ ଅନୁମତି ମିଳିଛି। ଏହାସହିତ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜ ଓ ହସ୍ପିଟାଲ, କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଏବଂ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲର ପିଜିଆଇଏମ୍‌ଇଆର୍‌ରେ ମଧ୍ୟ ନୂତନ ଭାବେ ପିଜି ପାଠ୍ୟକ୍ରମକୁ ଅନୁମତି ମିଳିଥିବା ଜଣାଯାଇଛି।

DSPL-338



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଭୂମିପୂଜା ଏବଂ ପ୍ରକଳ୍ପ ଶିଳାନ୍ୟାସ

## କମ୍ପାଉଣ୍ଡ ସେମିକଣ୍ଡକ୍ଟର ଫ୍ୟାବ ଓ ଏ.ଟି.ଏମ୍.ପି. କେନ୍ଦ୍ର ନିର୍ମାଣ

(ସିକ୍‌ସେମ୍ ପ୍ରାଇଭେଟ ଲିମିଟେଡ)

ମୁଖ୍ୟ ଅତିଥି

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

ଗରିମାମୟ ଉପସ୍ଥିତି

**ଶ୍ରୀ ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ରମନ୍ତ୍ରୀ, ରେଳ, ସୂଚନା ଓ ପ୍ରସାରଣ,
ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

**ଡଃ ମୁକେଶ ମହାଲିଙ୍ଗ**
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ,
ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

**ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ**
ଲୋକସଭା ସଦସ୍ୟା, ଭୁବନେଶ୍ୱର

**ଶ୍ରୀ ବିଭୂତି ବଳବନ୍ତରାୟ**
ବିଧାୟକ, ଜଟଣୀ

୧ ନଭେମ୍ବର ୨୦୨୫, ସକାଳ ୧୦.୩୦ | ଇନଫୋଭାଲି, ଖୋର୍ଦ୍ଧା

ଭାରତ ସେମିକଣ୍ଡକ୍ଟର ମିଶନ (ଆଇ.ଏସ୍.ଏମ୍.)
ଦ୍ୱାରା ଅନୁମୋଦିତ
ପ୍ରଥମ କମ୍ପାଉଣ୍ଡ ସେମିକଣ୍ଡକ୍ଟର ଫ୍ୟାବ ପ୍ରକଳ୍ପ

୨,୦୬୭ କୋଟି ଟଙ୍କାର ପୁଞ୍ଜିନିବେଶ

୧,୦୦୦ ପ୍ରତ୍ୟକ୍ଷ ନିଯୁକ୍ତି ଏବଂ
୪,୦୦୦ ପରୋକ୍ଷ ନିଯୁକ୍ତି

ବାର୍ଷିକ ୬୦,୦୦୦ ୱେଫର୍ସ ଉତ୍ପାଦନ କ୍ଷମତା
ଏବଂ ୯୬ ନିୟୁତ ୟୁନିଟ ପ୍ୟାକେଜିଂ କ୍ଷମତା

ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ, ଓଡ଼ିଶା ସରକାର

OIPR-16003/13/0135/2526

ସମଗ୍ର ସୃଷ୍ଟି ଭିତରେ ଭଗବାନଙ୍କର ଅନନ୍ତ କୃପା ଅଦୃଶ୍ୟରେ ରହି ପୃଥିବୀ ପୃଷ୍ଠରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟ କରି ଚାଲିଛି। ତାହା ଫଳରେ ପୃଥିବୀ ବହୁପୁ ଦୁଃଖ, ବିପଦ, ଅଜ୍ଞାନ ଓ ନିର୍ବୋଧତା କବଳରୁ ରକ୍ଷା ପାଇପାରୁଛି। -ଶ୍ରୀମା

-ଶରତ ରାସ
ଅଧିବାସ



# ରିଜ୍‌ଭିଙ୍କ ଧୈର୍ଯ୍ୟ ଶେଷ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସୟଦ ଅଲି ମୁର୍ତାଜା ରିଜ୍‌ଭି ଆଠ ବର୍ଷ ପୂର୍ବରୁ ଚାକିରି ଛାଡ଼ିବାର ନିଷ୍ପତ୍ତି ନେଇଛନ୍ତି, ଯାହା ତେଲଙ୍ଗାନା ସଚିବାଳୟକୁ ଚିନ୍ତାରେ ପକାଇଦେଇଛି । ରିଜଭି ଜଣେ ବରିଷ୍ଠ ତଥା ଯୋଗ୍ୟ ବାବୁ ଏବଂ ଦୁଇଟି ସମ୍ବେଦନଶୀଳ ବିଭାଗ ଯଥା ରାଜସ୍ୱ ଏବଂ ଜିଏଡି (ରାଜନୈତିକ)ର ନେତୃତ୍ୱ ନେଇଛନ୍ତି । ତେବେ ତାଙ୍କ ଭିଆର୍‌ଏସ୍ ଘୋଷଣା ନିଶ୍ଚିତ ଭାବରେ ଆଶ୍ଚର୍ଯ୍ୟର କଥା। ସରକାରଙ୍କ ତରଫରୁ ଏହାକୁ 'ବ୍ୟକ୍ତିଗତ ଉଦ୍ଦେଶ୍ୟ' ବୋଲି ଦର୍ଶାଗଲେ ମଧ୍ୟ ରିଜଭିଙ୍କ ଦୁଇ ବର୍ଷ ମଧ୍ୟରେ ଚାରି ଥର ବଦଳି ହେବା 'ଯଥେଷ୍ଟ ପଦକ୍ଷେପ' ବୋଲି କୁହାଯାଉଛି। ଏମିତି ହେଲେ ଜଣେ ସହନଶୀଳ ବାବୁଙ୍କର କେତେଦିନ ଧୈର୍ଯ୍ୟ ରହିବ ? ପର୍ଯ୍ୟବେକ୍ଷକଙ୍କ ମତରେ, ରାଜନୈତିକ ହସ୍ତକ୍ଷେପ ଏହି ଅସ୍ଥିରତାକୁ ତ୍ୱରାନ୍ୱିତ କରିଥାଇପାରେ। ବିଡ଼ମ୍ବନାର ବିଷୟ, ଯେଉଁ ରାଜନୈତିକ ବର୍ଗ ରିଜଭିଙ୍କ ସ୍ଥିତିକୁ ଅସ୍ଥିର କରିଥିଲେ, ତାହା ଏବେ ତାଙ୍କର ପ୍ରସ୍ଥାନକୁ ରୋକିବା ପାଇଁ ଚେଷ୍ଟା କରୁଛନ୍ତି। ରିପୋର୍ଟ ଅନୁଯାୟୀ, ଅବକାରୀ ମନ୍ତ୍ରୀ ରାଜ୍ୟ ମୁଖ୍ୟ ସଚିବଙ୍କୁ ତାଙ୍କ ଭିଆର୍‌ଏସ୍ ଆବେଦନକୁ ଗ୍ରହଣ ନ କରିବାକୁ ଅନୁରୋଧ କରୁଥିବା ଜଣାପଡ଼ିଛି। ବାବୁଙ୍କୁ ଦୋଷ ଦେବା ଓ ଭିଆର୍‌ଏସ୍ ଅବେଦନ ପରେ ପୁଣି ଫେରାଇ ଆଣିବାକୁ ଚାହିଁବା ଘଟଣା ନିଶ୍ଚିତ ଭାବେ ଏକ ନିଆରା ଉଦାହରଣ। ସମ୍ପୂର୍ଣ୍ଣ ଅଧ୍ୟାୟ ତେଲଙ୍ଗାନାରେ ବାବୁ ଏବଂ ରାଜନୀତି ମଧ୍ୟରେ ଥିବା ଅସ୍ୱାଭାବିକ କାର୍ଯ୍ୟକଳାପକୁ ପ୍ରକାଶ କରେ, ଯେଉଁଠାରେ ଯୋଗ୍ୟତା ଏବଂ ନିୟମିତତା ପ୍ରାୟତଃ ମନ୍ତ୍ରୀଙ୍କ ମନୋଭାବର ଶିକାର ହେଉଛି। ଯଦି ରିଜ୍‌ଭି ବିଦାୟ ନିଅନ୍ତି, ତେବେ ମନେରଖିବାକୁ ହେବ ଯେ ଭାରତର ବାବୁସାମ୍ରାଜ୍ୟ ନୀରବରେ ପ୍ରତିଭାଙ୍କୁ ହରାଉଛି।

### ୱାଚ୍‌ଡଗ୍‌ଙ୍କ ନୀରବତା

ଦୁର୍ନୀତି ରୋକିବା ପାଇଁ ଯେତେବେଳେ ଭାରତରେ ଲୋକପାଳ ସୃଷ୍ଟି ହେଲା, ସେତେବେଳେ ନୈତିକତା ଦୃଷ୍ଟିକୋଣରୁ ଏହାକୁ ଏକ ଖୋଲା ଖଣ୍ଡା ବୋଲି କୁହାଯାଇଥିଲା। ହେଲେ ଏକ ଦଶନ୍ଧି ପରେ ଦେଖାଯାଉଛି ଯେ, ଖଣ୍ଡାଟି ବିଏମ୍‌ଡବ୍ଲ୍ୟୁ ପାଇଁ ବ୍ୟବହାର ହୋଇଛି। ଦେଶର ସର୍ବୋଚ୍ଚ ଦୁର୍ନୀତି ବିରୋଧୀ ସଂସ୍ଥା ୬ ବର୍ଷ ମଧ୍ୟରେ ମୋଟ ସାତଟି ମାମଲା ରୁଜୁ କରିଥିଲେ ମଧ୍ୟ ବିଳାସପୂର୍ଣ୍ଣ କାର୍ ଉପରେ ଅଧିକ ଖର୍ଚ୍ଚ କରିଛି। ଏକଦା କମ୍ପଟ୍ରୋଲର ଅଡିଟର ଜେନେରାଲ (ସିଏଜି ) ସରକାରରେ ଭୟ ସୃଷ୍ଟି କରିଥିଲା। ୨ଜି ଏବଂ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଦୁର୍ନୀତି ସାମ୍ନାକୁ ଆଣିଥିଲା। ସେତେବେଳେ ଅଡିଟ ରିପୋର୍ଟଗୁଡ଼ିକ କ୍ଷମତା କେନ୍ଦ୍ରକୁ ଦୋହଲାଇ ଦେଇଥିଲା। ଏବେ ସମ୍ପୂର୍ଣ୍ଣ ଶାନ୍ତ। ସିଏଜି ଏବେ ମଧ୍ୟ ଅଡିଟ କରୁଛି, ହେଲେ ତାହାର ଆଉ ସେହି ତୀକ୍ଷ୍ଣ ଧାର ନାହିଁ । ନୀରବତା ଏହି ସଂସ୍ଥାଗୁଡ଼ିକୁ ଗ୍ରାସକରିଛି। ହ୍ୱିସିଲବ୍ଲୋୟାରଙ୍କୁ ନିରୁତ୍ସାହିତ କରାଯାଉଛି, ଆଇନର ସ୍ୱଚ୍ଛତା ରହୁନାହିଁ ଏବଂ ଭିଜିଲାନ୍ସ ସଂସ୍ଥାଗୁଡ଼ିକ ଏପରି କାର୍ଯ୍ୟ କରୁଛନ୍ତି ଯେପରି ତଦାରଖ ସେମାନଙ୍କ ପାଇଁ ଏକ ଇଚ୍ଛାଧୀନ ବିଷୟ । ଲୋକପାଳ ଆଇନ, ଯାହାକୁ ପୂର୍ବରୁ ନାଗରିକ ସକ୍ରିୟତାର ବିଜୟ ଭାବରେ ପ୍ରଚାର କରାଯାଇଥିଲା, ଏବେ ଅମଲାତାନ୍ତ୍ରିକ କାର୍ଯ୍ୟ ଭଳି ମନେହେଉଛି। ତେବେ ୱାଚ୍‌ଡଗ୍‌ଗୁଡ଼ିକ ପଦକ୍ଷେପ ନେବା ପାଇଁ ଦକ୍ଷତା ହରାଇଲେଣି। ଯେଉଁସବୁ ସଂସ୍ଥା ପୂର୍ବରୁ କ୍ଷମତାର ଅପବ୍ୟବହାର ପାଇଁ କ୍ରୋଧିତ ହୋଇଥିଲେ, ସେମାନେ ଏବେ ସେମାନଙ୍କ ଏୟାରକଣ୍ଡିସନଡ, ଡ୍ରାଇଭର-ଚାଳିତ ବିଳାସପୂର୍ଣ୍ଣ କାରରେ ଯିବାରେ ସନ୍ତୁଷ୍ଟ ଥିବା ଭଳି ମନେହୁଏ। ଯଦି ଲୋକପାଳ ଏବଂ ସିଏଜି ଆମର ସଂସ୍ଥାଗତ ପ୍ରହରୀ , ତେବେ ସେମାନେ ବ୍ୟୟବହୁଳ ତଥା ଆରାମଦାୟକ ଯାତ୍ରା ବଦଳରେ ତାହାକୁ ସରଳ କରିବାକୁ ବିଚାର କରିପାରନ୍ତି। ଏହା ସେମାନଙ୍କୁ ପ୍ରକୃତରେ ଦୁର୍ନୀତି ହେଉଥିବା ସ୍ଥାନକୁ ଯିବାରେ ସାହାଯ୍ୟ କରିପାରେ।

### ଟୁଇଟ୍ ଓ ସ୍ଥାନାନ୍ତର

ନିୟମିତ ବ ବଦଳି କରାଯାଉଛି ବୋଲି ବାବୁମାନେ କହୁଥିବାବେଳେ କେହି ଏହା ପ୍ରତି ଧ୍ୟାନ ଦେଉ ନ ଥିବା ମନେ କରନ୍ତି। ଏଥର ଦୁଇଜଣ ବରିଷ୍ଠ କଷ୍ଟମ୍ସ ଅଧିକାରୀଙ୍କୁ ହଠାତ୍ ବଦଳି କରାଯିବା ବାବୁ କରିଡରରେ ଅଧିକ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଏବଂ ସରକାରଙ୍କ ପାଇଁ ଲଜ୍ଜାର କାରଣ ପାଲଟିଛି। ଏସବୁ ଆରମ୍ଭ ହୋଇଥିଲା ଯେତେବେଳେ ରପ୍ତାନିକାରୀ ଏବଂ ଆମଦାନୀକାରୀଙ୍କ ମଧ୍ୟରେ ବିବାଦ ଏକ୍ସ ଏବଂ ଅନ୍ୟାନ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଭାଇରାଲ ହୋଇଥିଲା, ଯାହା ଅର୍ଥ ମନ୍ତ୍ରଣାଳୟକୁ କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ୍ୟ କରିଥିଲା। ମନ୍ତ୍ରଣାଳୟର ମୁଖ୍ୟ ଭିଜିଲାନ୍ସ ଅଧିକାରୀ ତଥା ଜଣେ ଯୁଗ୍ମ ସଚିବ ସ୍ତରୀୟ ଅଧିକାରୀ ତଦନ୍ତ କରିଥିଲେ ଏବଂ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ବୋର୍ଡ ସର୍ବଦା ନିଜ କ୍ଷେତ୍ରକୁ ସୁରକ୍ଷା ଦେଇ କିଛି କରୁ ନ ଥିଲା। ଏହା ଯୁକ୍ତି ବାଢ଼ିଥିଲା ଯେ ଡାଇରେକ୍ଟୋରେଟ ଜେନେରାଲ ଅଫ୍ ଭିଜିଲାନ୍ସ ଏପରି ମାମଲାଗୁଡ଼ିକୁ ପରିଚାଳନା କରିବା ଉଚିତ। ଏଣୁ ନିଲମ୍ବନ କିମ୍ବା ଔପଚାରିକ ତଦନ୍ତ ପରିବର୍ତ୍ତେ, ଦୁଇ ଅଧିକାରୀଙ୍କୁ ଅଫିସର୍ସ ଅନ୍ ସ୍ପେଶିଆଲ ଡ୍ୟୁଟି ଭାବରେ ଦିଲ୍ଲୀରେ ପୁନଃ ଅବସ୍ଥାପିତ କରାଯାଇଛି। ବୋର୍ଡ ହୁଏତ ତୁରନ୍ତ ଲଜ୍ଜାକୁ ଏଡାଇ ଦେଇଥାଇପାରେ, କିନ୍ତୁ ସେଠାରେ କାର୍ଯ୍ୟରତ ଲୋକ କହୁଛନ୍ତି ଯେ ମନ୍ତ୍ରଣାଳୟ ଏଥିରେ ଖୁସି ନୁହେଁ। ଏହି ଘଟଣା ସ୍ୱାଧୀନତା ଏବଂ ଉତ୍ତରଦାୟିତ୍ୱ ମଧ୍ୟରେ ଥିବା ଅସହଜ ସନ୍ତୁଳନକୁ ପ୍ରକାଶ କରୁଛି। ଶେଷରେ ସ୍ଥାନାନ୍ତର କରାଗଲା ସିଷ୍ଟମକୁ ସ୍ୱଚ୍ଛ ନ କରି କୋଳାହଳକୁ ନିୟନ୍ତ୍ରଣ କରାଯାଇଛି। କାରଣ ସରକାରୀ କ୍ଷେତ୍ରରେ ଏଭଳି ପଦକ୍ଷେପ କେବେ ବି ସମସ୍ୟାର ସମାଧାନ କରିପାରିବ ନାହିଁ, ବରଂ ଏହା କେବଳ ଚାଲିଥିବା ଧାରାକୁ ବନ୍ଦ କରିବା ପାଇଁ ଉଦ୍ଦିଷ୍ଟ।

Email: dilipcherian@gmail.com

# ଡିଜିଟାଲ ଡାଇମଣ୍ଡ



ଡ. ନରେନ୍ଦ୍ର ସେଠୀ

୧୯୦୪ ମସିହାରେ ଇଂରେଜ ବୈଜ୍ଞାନିକ ଜନ୍ ଫ୍ଲେମିଂ ଭାକ୍ୟୁମଟ୍ୟୁବ୍ ଉଦ୍ଭାବନ କରି ବିଜ୍ଞାନ ଜଗତରେ ଚହଳ ସୃଷ୍ଟି କଲେ। ସେ ବିଜୁଳି ବଲ୍‌ବ ଉଦ୍ଭାବନ କରିଥିବା ଥୋମାସ୍ ଏଡିସନ୍‌ଙ୍କ ସହାୟକ ଥିଲେ। ଫ୍ଲେମିଂ ଏକ ଫମ୍ପା କାଚପାତ୍ର ଭିତରେ ଏନୋଡ ଓ କ୍ୟାଥୋଡ ରଖି ଏହି ଯାଦୁକରି ଉପକରଣ ତିଆରି କରିଥିଲେ। ଏହା ଦ୍ୱାରା ବିଜୁଳି କରେଣ୍ଟକୁ ନିୟନ୍ତ୍ରଣ କରାଯାଇ ପାରୁଥିଲା। ଏହାକୁ ବ୍ୟବହାର କରି ପ୍ରଥମ କରି ସ୍ୱିଇଚ, ଆମ୍ପ୍ଲିଫାୟାର ଓ ରେକ୍ଟିଫାୟର ଇତ୍ୟାଦି ପ୍ରସ୍ତୁତ ହୋଇ ବିଭିନ୍ନ ଯାନ୍ତ୍ରିକ ସରଞ୍ଜାମ ତିଆରି ହୋଇପାରିଲା। ୧୮ ହଜାର ଭାକ୍ୟୁମଟ୍ୟୁବ୍ ବ୍ୟବହାର କରି ବିଶ୍ୱର ପ୍ରଥମ ଥର ଏକ କମ୍ପ୍ୟୁଟର ମଧ୍ୟ ତିଆରି ହୋଇଥିଲା, ଯାହାର ଆକାର ୧୫୦୦ ବର୍ଗ ମିଟର ଏବଂ ଓଜନ ଥିଲା ତିରିଶି ଟନ୍। ଏହି କମ୍ପ୍ୟୁଟର ଏତେ ବିଶାଳ ଥିଲା ଯେ ଏହା ଚାଲିଲାବେଳେ ୧୭୪ କିଲୋୱାଟ୍ ତାପମାତ୍ରା ସୃଷ୍ଟି କରୁଥିଲା। ୧୯୪୬ ରୁ ୧୯୫୫ ମସିହା ପର୍ଯ୍ୟନ୍ତ ଏହି କମ୍ପ୍ୟୁଟର ବ୍ୟବହାର କରାଯାଉଥିଲା ଓ ଏହାର ନିର୍ମାଣ ପାଇଁ ସେତେବେଳେ ୪ ଲକ୍ଷ ଡଲାର ଖର୍ଚ୍ଚ ହୋଇଥିଲା। ଏହି ଭାକ୍ୟୁମଟ୍ୟୁବ୍ ସେତେବେଳେ ଟେଲିଭିଜନ, ରେଡିଓ ଇତ୍ୟାଦି ଉପକରଣରେ ବ୍ୟବହାର ହେଲା। କିନ୍ତୁ ୧୯୪୭ରେ ବେଲ୍ ଲାବୋରେଟୋରିରେ ଟ୍ରାଞ୍ଜିଷ୍ଟରର ଉଦ୍ଭାବନ ହେବା ଫଳରେ ଭାକ୍ୟୁମଟ୍ୟୁବ୍‌ର ଆଧିପତ୍ୟକୁ ଟ୍ରାଞ୍ଜିଷ୍ଟର ମାଡ଼ିବସିଲା ଓ ସବୁ ଇଲେକ୍‌ଟ୍ରୋନିକ ଉପକରଣରେ ଟ୍ରାଞ୍ଜିଷ୍ଟର ଲାଗିଲା। ତେଣୁ ଟିଭି, ରେଡିଓ, କମ୍ପ୍ୟୁଟର ଇତ୍ୟାଦିର ଆକାର ହଠାତ୍ ଛୋଟ ହୋଇଗଲା। ଫମ୍ପା କାଚପାତ୍ର ଯୋଗୁ ଭାକ୍ୟୁମଟ୍ୟୁବ୍‌ଗୁଡ଼ିକ ଖରାପ ହୋଇଯିବାର ସମ୍ଭାବନା ଅଧିକ ଥିଲା। କିନ୍ତୁ ସେମିକଣ୍ଡକ୍ଟର ପଦାର୍ଥରେ ତିଆରି ହୋଇଥିବାରୁ ଟ୍ରାଞ୍ଜିଷ୍ଟରଗୁଡ଼ିକ ଅଧିକଦିନ ପର୍ଯ୍ୟନ୍ତ ଖରାପ ହେଉନଥିଲା। ତେବେ ବିଜ୍ଞାନ ଆହୁରି କିଛି ଅଧିକ କରିବା ପାଇଁ ତତ୍ପର ଥିଲା।

ଠିକ୍ ଏହି ସମୟରେ ୧୯୫୮ରେ ଆମେରିକାର ଜାକ କିଲବୀ ନାମକ ଜଣେ ଘରୋଇ ସଂସ୍ଥାର ବ୍ୟକ୍ତି ସବୁ ଇଲେକ୍‌ଟ୍ରୋନିକ ଉପକରଣକୁ ଯୋଡ଼ି ଏକ ଛୋଟ ଏକୀକୃତ ପରିପଥ ବା ଇଣ୍ଟିଗ୍ରେଟେଡ୍ ସର୍କିଟ ପ୍ରସ୍ତୁତ କରିଥିଲେ। କିନ୍ତୁ ରୋବୋର୍ଟ ନଏସ ନାମକ ଆଉ ଜଣେ ବ୍ୟକ୍ତି ଇଣ୍ଟିଗ୍ରେଟେଡ୍ ସର୍କିଟ ପ୍ରସ୍ତୁତ କରି ଆମେରିକୀୟ ପେଟେଣ୍ଟ ହାସଲ କରିନେଲେ। ତେବେ ଆଧୁନିକ ବିଜ୍ଞାନ ଉଭୟଙ୍କୁ ଇଣ୍ଟିଗ୍ରେଟେଡ୍ ସର୍କିଟ ପ୍ରସ୍ତୁତ କରିବାର ଶ୍ରେୟ ଦିଏ। ପରେ ରୋବୋର୍ଟ ନଏସ ଇଣ୍ଟେଲ ନାମକ ବହୁ ଚର୍ଚ୍ଚିତ କମ୍ପାନୀର ସହ ପ୍ରତିଷ୍ଠାତା ହେଲେ, ଯାହାର ନାଁ ଥିଲା ଇଣ୍ଟିଗ୍ରେଟେଡ୍ ଇଲେକ୍‌ଟ୍ରୋନିକ୍ସ। କ୍ଷୁଦ୍ର ଇଣ୍ଟିଗ୍ରେଟେଡ୍ ସର୍କିଟ ଉପକରଣରେ ଟ୍ରାଞ୍ଜିଷ୍ଟର, କାପାସିଟର, ରେଜିଷ୍ଟର ଏବଂ ଡାଇଅଡ୍ ଇତ୍ୟାଦିକୁ ସୂକ୍ଷ୍ମ ଭାବରେ ଯୋଡ଼ି ଏକାସଙ୍ଗେ ରଖିବା ଫଳରେ ଇଲେକ୍‌ଟ୍ରୋନିକ ଉପକରଣ ଦୁନିଆରେ ବିପ୍ଳବ ଆସିଲା। ପୂର୍ବରୁ ଟ୍ରାଞ୍ଜିଷ୍ଟର, କାପାସିଟର, ରେଜିଷ୍ଟର ଏବଂ ଡାଇଅଡ୍ ଇତ୍ୟାଦିକୁ ଅଲଗା ଅଲଗା ରଖାଯାଉଥିବାରୁ ଏହା ଦ୍ୱାରା ଇଲେକ୍‌ଟ୍ରୋନିକ ଉପକରଣର ଆକାର ଯଥେଷ୍ଟ ବଡ଼ ହେଉଥିଲା, ଯାହା ଇଣ୍ଟିଗ୍ରେଟେଡ୍ ସର୍କିଟ ଯୋଗୁ ବୈପ୍ଳବିକ ପରିବର୍ତ୍ତନ ଆଣିଲା।



ପକେଟ୍ ରେଡିଓ, ଛୋଟ ଟିଭି ବଜାରରେ ଉପଲବ୍ଧ ହୋଇ ଯଥେଷ୍ଟ ଲୋକପ୍ରିୟ ହେବାକୁ ଲାଗିଲା। କାଳକ୍ରମେ ମାଇକ୍ରୋଚିପ୍ସଗୁଡ଼ିକ ଅଧିକରୁ ଅଧିକ ସୂକ୍ଷ୍ମ ଓ ଛୋଟ ହେବାରୁ ସବୁ ଉପକରଣ ଛୋଟ ଓ ସ୍ମାର୍ଟ ହୋଇଗଲେ। ମାଇକ୍ରୋଚିପ୍ସରେ ଥିବା ବିଭିନ୍ନ ଉପାଦାନକୁ କାର୍ଯ୍ୟ ଅନୁଯାୟୀ ପ୍ରୋଗ୍ରାମିଂ କରି ତିଆରି କରାଯାଇଥାଏ। ତେଣୁ ଏହାକୁ ଉପକରଣର ମସ୍ତିଷ୍କ ବୋଲି କୁହାଯାଇଥାଏ।

ଆମ ଜୀବନର ପ୍ରତ୍ୟକ ମୁହୂର୍ତ୍ତ ପରୋକ୍ଷ ଭାବରେ ମାଇକ୍ରୋଚିପ୍ସ ଦ୍ୱାରା ପରିଚାଳିତ। ମାଇକ୍ରୋଚିପ୍ସଗୁଡ଼ିକ ବାସ୍ତବରେ ପ୍ରତ୍ୟେକ ବୈଦ୍ୟୁତିକ ଉପକରଣ ଭିତରେ ବ୍ୟବହୃତ ହେଇଥାଏ। ଉଦାହରଣ ସ୍ୱରୂପ, ଏୟାର କଣ୍ଡିଶନରରେ ବ୍ୟବହୃତ ତାପମାତ୍ରା ନିୟନ୍ତ୍ରକଗୁଡ଼ିକ ମାଇକ୍ରୋଚିପ୍ସରେ ତିଆରି ହୋଇଥାଏ। ଆମ ଆଧୁନିକ ରୋଷେଇ ଘରେ ବୈଦ୍ୟୁତିକ ରାଇସ୍ କୁକର ଭାତକୁ ଠିକ ଭାବରେ ରାନ୍ଧିପାରେ, କାରଣ ମାଇକ୍ରୋଚିପ୍ସ ତାପମାତ୍ରାକୁ ଠିକ୍ ଭାବରେ ନିୟନ୍ତ୍ରଣ କରିଥାଏ। କମ୍ପ୍ୟୁଟରର ମୁଖ୍ୟ ଅଂଶ ସିପିୟୁଗୁଡ଼ିକ ମଧ୍ୟ ଅସଂଖ୍ୟ ମାଇକ୍ରୋଚିପ୍ସରେ ନିର୍ମିତ। ମୋବାଇଲ ଫୋନ୍, ସ୍ମାର୍ଟଫୋନ୍, ଡିଜିଟାଲ କ୍ୟାମେରା, ଟେଲିଭିଜନ, ୱାଶିଂ ମେଶିନ୍, ରେଫ୍ରିଜରେଟର ଏବଂ ଏଲ୍‌ଇଡି ବଲ୍‌ବ ମଧ୍ୟ ମାଇକ୍ରୋଚିପ୍ସ ବ୍ୟବହାର କରନ୍ତି। ଇଲେକ୍‌ଟ୍ରୋନିକ୍ସ ଉପକରଣ ବ୍ୟତୀତ ମାଇକ୍ରୋଚିପ୍ସଗୁଡ଼ିକ ବ୍ୟାଙ୍କ ଏଟିଏମ୍, ଟ୍ରେନ, ଇଣ୍ଟରନେଟ୍, ଯୋଗାଯୋଗ ଏବଂ ସାମାଜିକ ଭିତ୍ତିଭୂମିର ଅନ୍ୟାନ୍ୟ ଅଂଶ ଯଥା ମେଡିକାଲ ନେଟ୍‌ୱର୍କରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏକ ଆକଳନ ଅନୁସାରେ ବୈଶ୍ୱିକ ମାଇକ୍ରୋଚିପ୍ସ ବଜାର ୨୦୩୦ ସୁଦ୍ଧା ୨ ଲକ୍ଷ କୋଟି ଡଲାରରୁ ଅଧିକ ହୋଇଯିବ। ଆଗାମୀ ଦିନରେ ଯେଉଁ ଦେଶ ଯେତେ ମାଇକ୍ରୋଚିପ୍ସ ଉତ୍ପାଦନ କରିବ, ସେ ସେତେ ଧନୀ ହୋଇଯିବ,ଠିକ୍ ଯେମିତି ବିଂଶ ଶତାବ୍ଦୀରେ ତୈଳ ଉତ୍ପାଦନକାରୀ ଦେଶଗୁଡ଼ିକ ରାତାରାତି ଧନୀ ପାଲଟି ଯାଇଥିଲେ।

ମାଇକ୍ରୋଚିପ୍ସକୁ ଅନେକେ ଏକବିଂଶ ଶତାବ୍ଦୀର ଡିଜିଟାଲ ଡାଇମଣ୍ଡ ବୋଲି ଆଖ୍ୟା ଦେଇଛନ୍ତି। ତେବେ ଭାରତ ଏହି ମାଇକ୍ରୋଚିପ୍ସ ଉତ୍ପାଦନରେ ଖୁବ୍ ବିଳମ୍ବରେ ହେଲେ ମଧ୍ୟ ଆଗକୁ ବଢ଼ିଛି ଓ ବିକ୍ରମ-୩୨ ଚିପ୍ସ ନିର୍ମାଣ କରି ଚିପ୍ସ ବଜାରରେ ପ୍ରବେଶ ପାଇଁ ଅଣ୍ଟା ଭିଡ଼ିଛି। ତାଇୱାନ ଏହି ପ୍ରକ୍ରିୟା ୧୯୭୪ରୁ ଆରମ୍ଭ କରିଥିବାରୁ ଏବେ ବିଶ୍ୱର ନବେଭାଗ ଅତ୍ୟାଧୁନିକ ମାଇକ୍ରୋଚିପ୍ସ ଏଠାରେ ନିର୍ମାଣ ହେଉଛି। ତାଇୱାନ ବର୍ଷକୁ ୧୧୫ ବିଲିୟନ ଡଲାରର ମାଇକ୍ରୋଚିପ୍ସ ବଜାର ପ୍ରସ୍ତୁତ କରିପାରିଛି। ମାଇକ୍ରୋଚିପ୍ସ ନିର୍ମାଣ କ୍ଷେତ୍ରରେ ବିଶ୍ୱରେ ତାଇୱାନ ୭୦% ସହ ଏକ ନମ୍ବର ସ୍ଥାନରେ ଥିବା ବେଳେ ଆମେରିକା ୧୨% ସହିତ ଦୁଇ ନମ୍ବର ସ୍ଥାନରେ ଓ ଚାଇନା ୬% ସହିତ ତୃତୀୟ ସ୍ଥାନରେ ରହିଛି।

ଭାରତକୁ ଆତ୍ମନିର୍ଭରଶୀଳ ହେବାକୁ ହେଲେ ଆଧୁନିକ ବିଜ୍ଞାନର ଏହି ଡିଜିଟାଲ ଡାଇମଣ୍ଡ ନିର୍ମାଣ କ୍ଷେତ୍ରରେ ଯୁଦ୍ଧକାଳୀନ ଭିତ୍ତିରେ ଅଗ୍ରସର ହେବାକୁ ପଡ଼ିବ। ଏକ ଶୁଭ ସମ୍ବାଦ ଯେ ପ୍ରଥମ ମାଇକ୍ରୋଚିପ୍ସ ବିକ୍ରମ-୩୨ ନିର୍ମାଣ କରିବାରେ ଭାରତ ସକ୍ଷମ ହୋଇଛି। ଖୁବ୍ ଶୀଘ୍ର ଭାରତରେ ଅନେକ କମ୍ପାନୀ ମାଇକ୍ରୋଚିପ୍ସ ନିର୍ମାଣ କରି ବିଶ୍ୱ ବଜାରରେ ଭାରତକୁ ଦଣ୍ଡାୟମାନ କରିବେ। ସୂଚନାଯୋଗ୍ୟ, ଭାରତ ୨୦୨୪ରେ ୧ ଲକ୍ଷ ୭୧ ହଜାର କୋଟି ଟଙ୍କାର ମାଇକ୍ରୋଚିପ୍ସ ବିଦେଶରୁ ଆମଦାନୀ କରିଥିଲା। ମାଇକ୍ରୋଚିପ୍ସ ନିର୍ମାଣ କ୍ଷେତ୍ରରେ ସବୁଠୁ ବଡ଼ ସମସ୍ୟା ହେଲା ଏଥିପାଇଁ ଆବଶ୍ୟକ ଅତି ନିର୍ମଳ ପରିବେଶ, ଅତି ଶୁଦ୍ଧଜଳ, ନିରବଚ୍ଛିନ୍ନ ଭାବରେ ଉପଲବ୍ଧ ବିଜୁଳି ଓ ନିୟନ୍ତ୍ରିତ ଆର୍ଦ୍ରତା। ସଫା ପରିବେଶ ତିଆରି କରିବା ଖୁବ୍ ବ୍ୟୟବହୁଳ ଓ କଷ୍ଟସାଧ୍ୟ। ଏହା ସହିତ ମାଇକ୍ରୋଚିପ୍ସ ନିର୍ମାଣ କାର୍ଯ୍ୟରେ ବହୁଳ ପରିମାଣରେ ଅତି ଶୁଦ୍ଧଜଳ ଆବଶ୍ୟକ ହୋଇଥାଏ, ଯାହା ଆମେ ପିଉଥିବା ଜଳଠାରୁ ହଜାରେ ଗୁଣା ଅଧିକ ଶୁଦ୍ଧ।

ମୋ: ୭୦୦୪୦୬୮୧୧୦

# ଶିକ୍ଷାରେ ଅଭିନୟ କଳା



ଲୋକନାଥ ପଣ୍ଡା

ଶିକ୍ଷା କ୍ଷେତ୍ରରେ ଶିକ୍ଷାଦାନରେ ଶିଶୁଟି କେତେ ଗ୍ରହଣ କରିପାରିଥାଏ, ତାହା ନିର୍ଭର କରେ ଶିକ୍ଷକଙ୍କ ଶିକ୍ଷାଦାନ ଓ ତାଙ୍କର ମନୋଭାବ, ପ୍ରେରଣା, ପିତାମାତା, ବିଦ୍ୟାଳୟର ଭିତ୍ତିଭୂମି ଓ ପରିବେଶ ଏହିଭଳି ଅନେକ କିଛି ଉପରେ। କିଛିଦିନ ତଳେ ଭାଷାକୁ କିପରି ନାଟକ ମାଧ୍ୟମରେ ଶିକ୍ଷା ଦିଆଯାଇପାରିବ, ସେ ସମ୍ପର୍କରେ ଏକ କର୍ମଶାଳାରେ ଯୋଗଦେବାର ସୁଯୋଗ ପାଇଥିଲି। ତାଲିମଦାତା ଜଣକ ନାଟକ ମାଧ୍ୟମରେ ଶିଶୁର ଭାଷାର ବିକାଶ ହୋଇପାରିବ, ପଠନ ଦକ୍ଷତା ବୃଦ୍ଧି, ଶିଶୁଙ୍କୁ କିପରି ନାଟକ ଶିଖାଯାଇପାରିବ, ଭାଷା ସହିତ କିପରି ନାଟକ ଶିଖିବେ, ବିଷୟଟିକୁ ଭଲ ଭାବରେ ଗ୍ରହଣ କରିବେ ଏବଂ ତାହାକୁ କିପରି କାହାଣୀରେ ଫୁଟାଇବେ, ତାହା ଉପରେ ଗୁରୁତ୍ୱ ଦେଉଥିଲେ।

ସବୁଠାରୁ ବଡ଼କଥା ହେଲା, ତାଲିମଦାତା ନାଟକ ସହ ଶିକ୍ଷାକୁ ଯୋଡ଼ିବାକୁ ହେଲେ କେତେ କ'ଣ କରିବା ଦରକାର, ତାହା ମୁଁ ନାଟକର ତାଲିମ ସମୟରେ ଦେଖୁଥିଲି। ବିଷୟଟିକୁ ଭଲ ଭାବରେ ବୁଝିବା ଦରକାର ଏବଂ ସାରାଂଶ ଦରକାର, ଯାହାକି ଜଣେ ଅନୁଭବ କଲେ ହିଁ ଅଭିନୟ କରିପାରିବ। କାହାଣୀର ବିଭିନ୍ନ କାହାଣୀକୁ କିପରି ମଣିଷ/ପଶୁ/ପକ୍ଷୀ/ଉଦ୍ଭିଦର ଭାବନାକୁ ଜୀବନ୍ତ ଫୁଟାଯାଇପାରିବ, ସେଥିପାଇଁ ମଧ୍ୟ ସେ କସରତ କରୁଥିଲେ।

କାହାଣୀଗୁଡ଼ିକରେ ମୁଖ୍ୟତଃ ପଢ଼ିବା ଭଳି ସଚିତ୍ର ପୁସ୍ତକ ଥିଲା। କାହାଣୀଗୁଡ଼ିକ ଛୋଟ ଛୋଟ ଥିଲା, ପ୍ରାୟତଃ କାହାଣୀ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁଙ୍କ ନିମନ୍ତେ ଥିଲା। ସେହି କାହାଣୀରେ ଥିଲା ରାକ୍ଷସ କାହାଣୀ, ସୁନ୍ଦର ଫୁଲର କାହାଣୀ, ସାଙ୍ଗର କାହାଣୀ, ବର୍ଷାକୁ ନେଇ କବିତା, ଛେଳି ଓ କଟାସକୁ ନେଇ କାହାଣୀ, ବସ୍ତ୍ରର ଚୋର, ପୃଥିବୀ ଭିନ୍ନ, ହଜିବା ଏବଂ ପାଇବା, ବେଙ୍ଗ ଓ ମାଛିକୁ ନେଇ କାହାଣୀ, ଏହିଭଳି ଶିଶୁମାନଙ୍କୁ ଆକର୍ଷିତ କରିବା ଭଳି ବିଭିନ୍ନ କାହାଣୀ।

କାହାଣୀ ନାଟ୍ୟ ରୂପରେ ଉପସ୍ଥାପନା କରିବା ପୂର୍ବରୁ ସ୍ପଷ୍ଟ ଭାବରେ ଓ ଉଚ୍ଚ ପଠନ, ଦୂରତାକୁ ନେଇ ଧ୍ୱନିକୁ କିପରି ଉଚ୍ଚାରଣ କରିବା, ଭାବନାକୁ ନେଇ ସ୍ୱର କିପରି ହେବା ଦରକାର, କେଉଁ ସ୍ୱର କିପରି ହେବା ଦରକାର, ଭାବନା ସହ ସ୍ୱରର ପରିବର୍ତ୍ତନ, ଏଥିପାଇଁ ତାଲିମଦାତା ପାଟି ଖୋଲିବା ପାଇଁ ବିଭିନ୍ନ ପ୍ରକାର ଧ୍ୱନି ଉଚ୍ଚାରଣ ନିମନ୍ତେ ବିଭିନ୍ନ ପ୍ରକାର ଅଭ୍ୟାସ କରାଉଥିଲେ। ପ୍ରାଥମିକ ସ୍ତରରେ ନାଟକ କିପରି ଶିଶୁମାନଙ୍କର ଉଚ୍ଚାରଣଗତ ଶୁଦ୍ଧି ଆଣିଥାଏ, ଧ୍ୱନିରେ ପରିପକ୍ୱତା ଆଣିବା, ବିଷୟକୁ ବୋଧଗତ ହେବା, କୌଣସି ବିଷୟରେ ମଜ୍ଜିରହିବା ପାଇଁ ନାଟକ ମାଧ୍ୟମରେ ଶିକ୍ଷା ଅନେକ ସହାୟକ ହୋଇଥାଏ।

ସାଧାରଣତଃ ଶିଶୁମାନଙ୍କର ଶିକ୍ଷାଦାନରେ ଖୁସି ହେଲେ ସେମାନଙ୍କର ଶିକ୍ଷଣ ପ୍ରକ୍ରିୟା ସରଳ ହୋଇଥାଏ। ସବୁଠାରୁ ଅନ୍ୟ କଥା ହେଲା ଶିକ୍ଷାଦାନ ପଦ୍ଧତି ଏବଂ ପିଲାଟିକୁ ଶିକ୍ଷକ କିପରି ଓ କ'ଣ କ'ଣ ଶିକ୍ଷା ଦେଉଛନ୍ତି ! ଯଦି ପ୍ରାଥମିକ ସ୍ତରରେ ଠିକ୍ ଓ ଉପଯୁକ୍ତ ଶିକ୍ଷା ଦିଆ ନ ଯାଏ, ତେବେ ଶିଶୁଟି ହାଇସ୍କୁଲରେ କେବଳ ନିଜର ଶିକ୍ଷା ପାଇବା ପାଇଁ ପ୍ରୟାସ କଲେ ମଧ୍ୟ ସଫଳ ହୋଇପାରିବ ନାହିଁ, କାରଣ ଶିଶୁଟିର ଶିକ୍ଷାଲାଭ କରିବାର ଭିତ୍ତିଭୂମିଟି ଦୁର୍ବଳ ହୋଇଥିବ। ଯଦି ଶିଶୁଟି ଠିକ୍ ଭାବରେ ମାତ୍ରା, ଯୁକ୍ତାକ୍ଷର, ଧ୍ୱନିକୁ ନେଇ ଠିକ୍ ଉଚ୍ଚାରଣ କରିବା ଜାଣି ନ ଥାଏ କିମ୍ବା ଏହାକୁ ନେଇ ତାହାର ଅଭ୍ୟାସ ହୋଇ ନ ଥାଏ,ତେବେ ଭାଷାରେ ଦୁର୍ବଳ ହୋଇଥାଏ ଏବଂ ଶିଶୁଟି ଶିକ୍ଷା ଲାଭ କରିବା ବେଳେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାଏ।



ପିଲାଙ୍କ ଶିକ୍ଷାକ୍ଷେତ୍ରରେ ଗୁଣାତ୍ମକ ଶିକ୍ଷାକୁ ଦୃଷ୍ଟି ଦେବାବେଳେ ଭଲ ଲାଇବ୍ରେରିଟିର ଏବଂ ତାହାର ବ୍ୟବହାର ହେଉଥିବା ସହ ଶିଶୁଟି ଭିତରେ ଶିଶୁ ସୁଲଭକୁ ଜାଗ୍ରତ କରିବା ପାଇଁ ଅଭିନୟ ମଧ୍ୟ ଦରକାର। ଶିଶୁଟିକୁ ଯଦି ବିଷୟବସ୍ତୁକୁ ଅଭିନୟ ମାଧ୍ୟମରେ ଶିକ୍ଷା ଦିଆଯାଏ, ଅଭିନୟ ସହ ଭାଷାର ବିକାଶକୁ ଯଦି ଯୋଡ଼ିଦିଆଯାଏ, ତେବେ ଶିଶୁର ଭାଷାର ବିକାଶ ହେବା ସହ ଶିକ୍ଷକ ଓ ଶିଶୁଙ୍କୁ କେତେବେଳେ ବିଦ୍ୟାଳୟ ସମୟ ସରିଯିବ, ଘଣ୍ଟା ବାଜିବା ସମୟ ହୋଇଯିବ, ସେତିକି ଜାଣିପାରିବେ ନାହିଁ। ଏଥିସହ ସରକାରଙ୍କୁ ମଧ୍ୟ ପିଲାଙ୍କୁ ବିଦ୍ୟାଳୟ ଆଣିବା ପାଇଁ ବିଭିନ୍ନ ପ୍ରକାର ଯୋଜନା କରିବା ତଥା ଡ୍ରେସ୍, ସାଇକେଲ ଆଦି ପ୍ରାଥମିକତା ଦେବାକୁ ପଡ଼ିବ ନାହିଁ!

ଶିକ୍ଷାଦାନର ଗୋଟିଏ ମୂଳ ଅଙ୍ଗ ହେଲା ଶିକ୍ଷାଦାନରେ କଳାର ବେଶ୍ ଗୁରୁତ୍ୱ ରହିଛି। ଯେଉଁ ଶିକ୍ଷକ ଚିତ୍ରକଳା ହେଉ କିମ୍ବା ନାଟ୍ୟକଳାରେ ନିପୁଣ ଥାଏ, ତାଙ୍କୁ ଶିକ୍ଷାଦାନ ନିରଳସ ଲାଗେନାହିଁ। ଶିକ୍ଷକ ଜଣେ କଳାକାର ହେବା ଦରକାର। ଅବଶ୍ୟ ବର୍ତ୍ତମାନର ଶିକ୍ଷା ପଦ୍ଧତିରେ ଶିକ୍ଷକଟିଏ କଳାକାର ହେବା ପାଇଁ ଏବଂ ସୃଜନଶୀଳ ହେବା ପାଇଁ ଅନେକ କିଛି ସୁଯୋଗ ରହିଛି। କିନ୍ତୁ ତାହା ମେକାନିଜମ୍ ନହୋଇ ସୃଜନଶୀଳତା ହେବା ଆବଶ୍ୟକ। ସମସ୍ତେ ଶିକ୍ଷାଦାନରେ କିଛିକିଛି ଚିତ୍ରକଳା, ନାଟ୍ୟରୂପ ଦେଇଥାଆନ୍ତି। କିନ୍ତୁ ତାହାକୁ ସଙ୍ଗଠିତ ଓ ବ୍ୟବସ୍ଥିତ ଭାବରେ କରାଗଲେ ଗତିବିଧିର ପ୍ରଭାବ ଶିଶୁ ଉପରେ ପଡ଼ିଥାଏ। ଶିକ୍ଷା ପ୍ରତି ଶିଶୁର ଆଗ୍ରହ ସୃଷ୍ଟିହୋଇଥାଏ, ଧ୍ୱନି ଉଚ୍ଚାରଣ ହେଉ କିମ୍ବା ବିଷୟକୁ ଆଗ୍ରହର ସହ ବୁଝିବା ହେଉ ବା ଭାଷାଜ୍ଞାନ ବିକାଶ ହେଉ ଇତ୍ୟାଦି ଅନେକ କିଛି ହୋଇଥାଏ।

ଅନେକଙ୍କ ଧାରଣା ଥାଏ, କଳା ପ୍ରତି ଆକୃଷ୍ଟ ହେଲେ ଶିଶୁ ଶିକ୍ଷାଦୀକ୍ଷାରେ ତଥା ପାଠ ପ୍ରତି ଅବହେଳା କରେ। କିନ୍ତୁ ଯଦି କଳା ସହ ପାଠର ସମନ୍ୱୟ ଆଣାଯାଏ, ତେବେ ଶିଶୁଟିର ଶିକ୍ଷା ଗ୍ରହଣରେ ଅନେକ ଉନ୍ନତି ହୋଇଥାଏ। ଶିକ୍ଷକ ଯଦି କଳାକାର ହୁଅନ୍ତି ଏବଂ ଶିଶୁମାନଙ୍କୁ ଭଲପାଆନ୍ତି, ତେବେ ଶିକ୍ଷା କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆସିପାରିବ। ଏହିଭଳି ଅନେକ କିଛି ବିଦ୍ୟାଳୟ ଦେଖିଛି, ଶିକ୍ଷକମାନେ ନିଜର କଳା ଓ ସୃଜନଶୀଳତା ବ୍ୟବହାରକରି ପିଲାଙ୍କ ଶିକ୍ଷଣ ସ୍ତରରେ ଅନେକ ଉନ୍ନତି ଆଣିଥାଆନ୍ତି। ଭାଷାର ବିକାଶରେ ନାଟକ,ଅଭିନୟ, ସଙ୍ଗୀତ ଆଦି କେତେ ଗୁରୁତ୍ୱପୂର୍ଣ୍ଣ, ତାହାର ଗୁରୁତ୍ୱକୁ ଅନୁଭବ କରିବାର ଅଛି।

ରାଣୀଗୁଡ଼ା, ରାୟଗଡ଼ା
ମୋ: ୯୪୩୮୦୮୧୪୩୦

## ଏଇ ଭାରତରେ

ତୃଣମୂଳ ସ୍ତରରେ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା କିଭଳି ସମ୍ଭବ ତାହା ମଣିପୁରର ଛାକେସାଙ୍ଗ ଜନଜାତି ପ୍ରମାଣ କରିଦେଇଛନ୍ତି। ଏହି ନାଗା ଯୋଦ୍ଧା ଜନଜାତିର ଲୋକେ ଶିକାର ଛାଡ଼ିଦେଇ ଏବେ ପରିବେଶ ଓ ପ୍ରାଣୀଙ୍କ ଯତ୍ନ ନେଉଛନ୍ତି। ସେମାନେ ଇଣ୍ଡୋ-ବର୍ମା ବାୟୋଡାଇଭର୍ସିଟି ହଟସ୍ପଟରେ ଥିବା ଜେସାମି ଗାଁରେ ରହୁଛନ୍ତି। ଏହି ଜନଜାତିର ଲୋକେ ଶିକାର ପାଇଁ ଜଣାଶୁଣା। ଏପରି କି ଶିକାର କୌଶଳର ପ୍ରତୀକ ଭାବେ ସେମାନେ ଘର ପ୍ରବେଶ ପଥରେ ପ୍ରାଣୀଙ୍କ ଖପୁରି ରଖିଥାନ୍ତି। ଗାଁର ମୁଖ୍ୟ ପର୍ବ ହେଉଛି ଟ୍ରେକୁ ନେଗେ । ଏହି ପର୍ବରେ ଲୋକମାନେ ମୁଣ୍ଡରେ ମିସେସ୍ ହ୍ୟୁମ ପିଜାଣ୍ଟ ପକ୍ଷୀର ଲାଞ୍ଜପର ପିନ୍ଧିଥାନ୍ତି। ଉଲ୍ଲେଖନୀୟ, ଏହି ପକ୍ଷୀର ନାମକରଣ ବ୍ରିଟେନ ପରିବେଶବିତ୍ ଆଲାନ ଅକ୍ଟୋଭିଆନ ହ୍ୟୁମ୍‌ଙ୍କ ସ୍ତ୍ରୀ ମ୍ୟାରି ଆନ୍ନ ଗ୍ରୀଣ୍ଡଲ ହ୍ୟୁମ୍‌ଙ୍କ ନାମାନୁସାରେ କରାଯାଇଛି। ହ୍ୟୁମ ପିଜାଣ୍ଟ ପକ୍ଷୀ ବିଲୁପ୍ତ ହୋଇଯିବା ଖବର ଜାଣିବା ପରେ ଜେସାମି ଗ୍ରାମ ପରିଷଦର ଅଧ୍ୟକ୍ଷ ନିକୋତେ ମେକ୍ରିଶୁ ୨୦୧୮ରେ ସବୁ ପ୍ରାଣୀଙ୍କ ଶିକାର ଉପରେ ପ୍ରତିବନ୍ଧକ ଲଗାଇଥିଲେ। ଏପରି କି ଟ୍ରେକୁ ନେଗି ପର୍ବରେ ମଧ୍ୟ ଶିକାର ବନ୍ଦ କରାଯାଇଛି। ଏବେ ଗ୍ରାମବାସୀ ଶିକାର ଛାଡ଼ି ପର୍ଯ୍ୟଟକ, ବନ୍ୟପ୍ରାଣୀ ଫଟୋଗ୍ରାଫର ଓ ବୈଜ୍ଞାନିକଙ୍କୁ ଜଙ୍ଗଲରେ ଗାଇଡ୍ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧ ନଭେମ୍ବର ୧୯୭୬

- ଜାହାଜ ଦ୍ୱାରା ରପ୍ତାନି କାରବାର ବୃଦ୍ଧି କରିବା ବିଷୟ ଅନୁଧ୍ୟାନ ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ଷ୍ଟାଣ୍ଡିଂ କମିଟି ଗଠନ।
- କଲମ୍ବୋଠାରେ ଅନୁଷ୍ଠିତ ହୋଇଥିବା ୫ମ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀର ସୁପାରିସ ନିଷ୍ପତ୍ତିଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଯୁଗୋସ୍ଲୋଭିଆ ପାର୍ଲାମେଣ୍ଟରେ ପ୍ରସ୍ତାବ ଗୃହୀତ।
- ପାକିସ୍ତାନର ଉତ୍ତର ପଶ୍ଚିମ ସୀମାନ୍ତ ଅନ୍ତର୍ଗତ ଏକ ସୁଦୂର ପାର୍ବତ୍ୟାଞ୍ଚଳରେ ଗଣ ବିଦ୍ରୋହ ଘଟି ୨୫୦ରୁ ୩୦୦ ଲୋକଙ୍କ ପ୍ରାଣହାନି।

## sudoku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | 1 | 3 | | | | | 5 |
| | | | | 5 | | | | 8 |
| | | | | 8 | | | | 4 |
| | 2 | | | | | | | 6 |
| | | | 8 | | 9 | 2 | | |
| | 3 | 7 | | | 1 | | | |
| 4 | | | | | | | 5 | |
| | | 5 | | 1 | 2 | | | |
| | | | 4 | | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 6 | 8 | 2 | 7 | 9 | 1 | 4 |
| 8 | 7 | 1 | 9 | 4 | 5 | 3 | 2 | 6 |
| 2 | 9 | 4 | 1 | 3 | 6 | 5 | 8 | 7 |
| 6 | 1 | 9 | 7 | 8 | 3 | 2 | 4 | 5 |
| 4 | 8 | 3 | 6 | 5 | 2 | 1 | 7 | 9 |
| 5 | 2 | 7 | 4 | 1 | 9 | 6 | 3 | 8 |
| 7 | 4 | 2 | 5 | 6 | 1 | 8 | 9 | 3 |
| 1 | 6 | 8 | 3 | 9 | 4 | 7 | 5 | 2 |
| 9 | 3 | 5 | 2 | 7 | 8 | 4 | 6 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମାଗଣା ବସ୍ ସେବାର ସୁଫଳ

ମହାଶୟ,

ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନାରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ମାଗଣା ବସ୍ ସେବା ବ୍ୟବସ୍ଥା କରାଯାଇଛି। ଏହା କ୍ଷମତାସୀନ ସରକାରଙ୍କର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ତେବେ ଏହି ଯୋଜନାରେ କେବଳ ଓଏସ୍‌ଆରଟିସି(ସରକାରୀ) ବସ୍‌ଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ମାଗଣା ସେବା ଉପଲବ୍ଧ ହେବ ବୋଲି ତଥ୍ୟଗତ ସୂଚନାରୁ ଜାଣିବାକୁ ମିଳୁଛି। ଘରୋଇ ବସ୍ ଏବଂ ଏହାର ମାଲିକ ସଂଘ ଉପରେ ସରକାରଙ୍କର କୌଣସି ନିୟନ୍ତ୍ରଣ ନ ଥିବାରୁ ଏହି ଗାଡ଼ିରେ ଚଢ଼ି ଛାତ୍ରୀଛାତ୍ର ମାଗଣା ବସ୍ ସେବା ଦାବି ରଖିବା ନିରର୍ଥକ ହୋଇପାରେ। ତେଲ ଖର୍ଚ୍ଚ ଉଠୁ ନାହିଁ ବୋଲି ଦର୍ଶାଇ ଘରୋଇ ବସ୍ ମାଲିକ ଓ କର୍ମଚାରୀମାନେ କୁମ୍ଭୀର କାନ୍ଦଣାରେ ମାତିଥିବାରୁ ଛାତ୍ରୀଛାତ୍ର ମାଗଣାରେ ବସ୍‌ଭର୍ତ୍ତି ହୋଇଗଲେ ସେମାନଙ୍କ ଭେଳା ମଧ୍ୟ ବୁଡ଼ିଯାଇପାରେ। ଏ ପ୍ରେକ୍ଷାପଟରେ ସରକାର ଓ ପରିବହନ ବିଭାଗ ପ୍ରାଇଭେଟ ବସ୍‌ରେ ଛାତ୍ରୀଛାତ୍ରଙ୍କ ପାଇଁ ମାଗଣା ବସ୍ ସେବା ଯୋଗାଇ ଦେବା ନିମନ୍ତେ ବିକଳ୍ପ ବାଟ ବାହାର କରିବା ଦରକାର।

-ଦୁର୍ଗା ପ୍ରସାଦ ତ୍ରିପାଠୀ, ସାହୁପଡ଼ା, ବ୍ରହ୍ମଗିରି

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମୁକୁରେ ନିଜ ବଦନ ଶୋଭା ଦେଖଇଁ
ମୁଗ୍ଧ ଆଖି ନୟନ ପରେ ରଖଇଁ
କଳୁଷହୀନ ସଜ ଅଧର
ମୁକୁରେ ନେଇ ଚାପଇଁ ମୋର
ଗଣ୍ଡ ମୋର ମୁକୁରେ ନେଇ ଯୋଖଇଁ ।
-(ପ୍ରସାଧନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଷ୍ଟେଶନ ଲିଫ୍ଟରେ ଫସିଲେ ମହିଳା ଯାତ୍ରୀ**

ଢେଙ୍କାନାଳ(ରତନ ନାୟାର): ଢେଙ୍କାନାଳ ରେଳ ଷ୍ଟେଶନରେ ଶୁକ୍ରବାର ସନ୍ଧ୍ୟାରେ ଜଣେ ମହିଳା ଯାତ୍ରୀ ଲିଫ୍ଟରେ କିଛି ସମୟ ଧରି ଫସିରହିଥିଲେ। ମହିଳା ଜଣଙ୍କ ୧ ନମ୍ବର ପ୍ଲାଟଫର୍ମରୁ ୨ନମ୍ବର ପ୍ଲାଟଫର୍ମକୁ ଯିବାବେଳେ ଅଧାରେ ଲିଫ୍ଟରେ ଫସିରହିଥିଲେ। ଖବରପାଇ ଷ୍ଟେଶନ କର୍ତ୍ତୃପକ୍ଷ ଓ ରେଳବାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବହୁ ଚେଷ୍ଟା କରି ବନ୍ଦଲିଫ୍ଟ ମଧରୁ ମହିଳାଙ୍କୁ ଉଦ୍ଧାର କରିଥିବା ଜଣାପଡ଼ିଛି ।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ମହିଳା ମୃତ

ବନ୍ତଲା,୩୧।୧୦ (ସୁଶାନ୍ତ ସାହୁ)

ଅନୁଗୋଳ ବ୍ଲକ ବନ୍ତଲା ଥାନା ପୋକତୁଙ୍ଗା ଗ୍ରାମର ବୃନ୍ଦାବନ ପ୍ରଧାନଙ୍କ ସ୍ତ୍ରୀ ସୁମିତ୍ରା ପ୍ରଧାନ (୫୯) ଶୁକ୍ରବାର ବିଦ୍ୟୁତ୍ ଆଘାତରେ ପ୍ରାଣ ହରାଇଛନ୍ତି। ସୂଚନା ଅନୁଯାୟୀ, ପୋକତୁଙ୍ଗା ଗାଁର ସୁମିତ୍ରା କରତପଟା ଗାଁ ନିକଟ ବଗିଚାକୁ ସକାଳେ ଯାଇଥିଲେ। ସେଠାରେ ବୋରୱେଲର ସୁରକ୍ଷା ପାଇଁ ଥିବା ତାରବାଡ଼ ଖୋଲିଲା ବେଳେ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ତୁରନ୍ତ ତାଙ୍କୁ ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବନ୍ତଲା ପୋଲିସ ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ ନଟବର ନନ୍ଦ ପ୍ରକାଶ କହିଛନ୍ତି।

# ଦେଶର ଏକତା ଅକ୍ଷୁଣ୍ଣ ରଖିବାକୁ ଶପଥପାଠ



ଅନୁଗୋଳ,୩୧।୧୦(ମାନସ ବିଶ୍ୱାଳ)

ଅନୁଗୋଳ ଜିଲ୍ଲା ପ୍ରଶାସନ ପକ୍ଷରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ଏକତା ଗଣଦୌଡ଼ ଓ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ରାଷ୍ଟ୍ରୀୟ ଏକତା ଦିବସରେ ଶପଥ ପାଠ ଜିଲ୍ଲାପାଳ ଅବଦାଲ ମୁହମ୍ମଦ ଅଖତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଦେଶର, ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିବା ସହ ନିଜକୁ ଦେଶ ପ୍ରତି ସମର୍ପିତ କରିବା ଓ ଦେଶର ଏକତା ଅକ୍ଷୁର୍ଣ୍ଣ ରଖିବାକୁ ଜିଲ୍ଲାପାଳ ଶପଥ ପାଠ କରାଇଥିଲେ। ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଶପଥ ପାଠ କରିଥିଲେ। ସେହିପରି ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ସକାଳ ୭ଟାରେ ସ୍ଥାନୀୟ ଅନୁଗୋଳ ଷ୍ଟାଡିୟମ ଠାରୁ ଏକତା ଦୌଡ଼ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ଦିଲେଶ୍ୱର ପ୍ରଧାନ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ ଏବଂ ଅନ୍ୟ ଅତିଥି ବୃନ୍ଦଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର, କ୍ରୀଡ଼ାବିତ୍ ଓ ଜନସାଧାରଣ ଯୋଗଦେଇଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଂ ପରିଚାଳନା କରିଥିଲେ।

# ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

ବଇଣ୍ଡା, ୩୧।୧୦ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ରୋଡସିଙ୍ଗା ଗ୍ରାମର ପ୍ରଣତି ବେହେରାଙ୍କୁ ତାଙ୍କ ସ୍ୱାମୀ ଅଜୟ ପ୍ରଧାନ ଓ ଶାଶୁଘର ଲୋକେ ନିର୍ଯାତନା ଦେଉଥିବା ପ୍ରଣତି ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୪୦୧/୨୫ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ପ୍ରଣତି ରୋଡସିଙ୍ଗା ଗ୍ରାମର ଅଜୟଙ୍କୁ ୨ ବର୍ଷ ତଳେ ବୈଦିକ ରୀତିରେ ବିବାହ କରିଥିଲେ। ବାହାଘରର କିଛି ମାସ ପରେ ବାପଘରୁ ୧ ଲକ୍ଷ ଟଙ୍କା ସହ ୨ ଭରି ସୁନା ଗହଣା ଆଣିବା ପାଇଁ କହି ସ୍ୱାମୀ ଓ ଶାଶୁଘର ଲୋକେ ନିର୍ଯାତନା ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

# ପମ୍ପ ଚୋରି ଅଭିଯୋଗରେ ୩ ଗିରଫ

ଅନୁଗୋଳ,୩୧।୧୦ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଟାଉନ ଥାନା କୁକୁଡ଼ାଙ୍ଗ ଗାଁରୁ ବୁଧବାର ରାତିରେ ଏକ ପାଣି ପମ୍ପ ଚୋରି ହୋଇଥିଲା। ଏ ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଥିବା ବେଳେ ପୁଲିସ ଘଟଣାର ତଦନ୍ତ କରି ଶୁକ୍ରବାର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କୁକୁଡ଼ାଙ୍ଗ ଗାଁର ସାହିଲ ବେହେରା(୧୯), ଶୂନ୍ୟବାସୀ ବାରିକ(୨୧) ଓ ଦୀପକ ବେହେରା(୨୦)।

# ଆଜିଠାରୁ ବାଘ ଗଣନା ଆରମ୍ଭ

ଅନୁଗୋଳ.୩୧।୧୦ (ମାନସ ବିଶ୍ୱାଳ)

ନଭେମ୍ବର ୧ ତାରିଖ ଠାରୁ ୭ ତାରିଖ ଯାଏ ଅନୁଗୋଳ ବନଖଣ୍ଡର ୬ଟି ରେଞ୍ଜର ବାଘ ଗଣନା ଆରମ୍ଭ ହେବ। ଏଥିପାଇଁ ପ୍ରତି ବନାଞ୍ଚଳରେ ଥିବା ବିଟ୍ ହାଉସ, ସେକ୍ସନ ଏବଂ ସ୍କ୍ୱାଡ୍ କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରାଯାଉଛି। ମୋବାଇଲ ଆପ୍ ଜରିଆରେ କିଭଳି ବାଘର ଗତିପଥ, ହାବିଟେଟ, ଜଙ୍ଗଲର ପ୍ରକାର ଏବଂ ତୃଣଭୋଜି ପ୍ରାଣୀମାନଙ୍କ ଅବସ୍ଥିତି ଜାଣିହେବ, ସେ ନେଇ ପ୍ରଶିକ୍ଷଣ ଦିଆଯାଇଛି। ଏହାପରେ ଜଙ୍ଗଲ ଭିତରେ ଟ୍ରାଞ୍ଜିଟ ଲାଇନରେ କିଭଳି ପାଦରେ ଚାଲି ଚାଲି ଯିବାକୁ ହେବ, ହରିଣ, କୁଟୁରା, ବାରହା ଭଳି ତୃଣଭୋଜି ପ୍ରାଣୀମାନଙ୍କ ପାଦ ଚିହ୍ନ ଦେଖି ସେମାନଙ୍କ ସଂଖ୍ୟା ଓ ଅବସ୍ଥିତି ଜାଣି ହେବ ସେ ନେଇ କର୍ମଚାରୀମାନଙ୍କୁ ଶିକ୍ଷା ଦିଆଯାଉଛି। କେଉଁଠି ଏବଂ କେତେ ଉଚ୍ଚତାରେ ଟ୍ରାପ କ୍ୟାମେରା ଲଗାଇଲେ ବାଘର ଚିତ୍ର ଉତ୍ତୋଳନ ହୋଇପାରିବ, ବାଘ ପାଦ ଚିହ୍ନ ଦେଖିଲେ କିଭଳି ସୁରକ୍ଷିତ ଭାବେ ଏହାର ନମୁନା ସଂଗ୍ରହ କରିବାକୁ ହେବ, ସେ ନେଇ ସମସ୍ତ ପ୍ରଶିକ୍ଷଣ କର୍ମଚାରୀମାନଙ୍କୁ ଦିଆଯାଉଛି। ବର୍ତ୍ତମାନ ସମୟରେ ଯେଉଁ ସବୁ ଅତ୍ୟାଧୁନିକ ପଦ୍ଧତି ଅବଲମ୍ବନ କରାଯାଉଛି ସେ ସମ୍ବନ୍ଧରେ ସବିଶେଷ ବିଶେଷଜ୍ଞମାନେ ବୁଝାଇଛନ୍ତି। ଅନୁଗୋଳ ଡିଏଫ୍‌ଓ ନୀତୀଶ କୁମାର କହିଛନ୍ତି, ସମୟସୀମା ଭିତରେ କର୍ମଚାରୀମାନେ ଯାହା ତଥ୍ୟ ସଂଗ୍ରହ କରିବେ, ସେସବୁର ତର୍ଜମା କରାଯିବ। ଏହାପରେ ୨୫ ଦିନ ପର୍ଯ୍ୟନ୍ତ କ୍ୟାମେରା ଟ୍ରାପ୍ ଚାଲୁ ରହିବ। ସମସ୍ତ ତଥ୍ୟକୁ ଏକାଠି କରି କେଉଁ ଜଙ୍ଗଲରେ କେଉଁ ପ୍ରଜାତିର କେତେ ବାଘ ଅଛନ୍ତି ତାହାର ଆକଳନ କରାଯିବ। ଅନୁଗୋଳ ବନଖଣ୍ଡରେ ମହାବଳ ବାଘ ନ ଥିବାରୁ କଲରାପତରିଆ, ହେଟା ଆଦି ଗଣନା କରାଯିବ। ଅନ୍ୟ ପ୍ରାଣୀଙ୍କ ଗଣନା ମଧ୍ୟ କରାଯିବ। ୨୦୨୨ ପର୍ଯ୍ୟନ୍ତ ଅନୁଗୋଳ ବନଖଣ୍ଡରେ ୩୨ରୁ ଅଧିକ କଲରା ପତାରିଆ ବାଘ ଥିଲେ। ଚଳିତବର୍ଷ କଲରାପତରିଆ ବାଘ ସମେତ ଅନ୍ୟ ବିରଳ ଜାତୀୟ ଜନ୍ତୁଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ନେଇ ଆଶା କରାଯାଉଛି ।

# ଏକତା ଓ ଅଖଣ୍ଡତା ରକ୍ଷାର ଶପଥ ପାଠ



## ଅନୁଗୋଳରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ

ଅନୁଗୋଳ,୩୧।୧୦(ଜ୍ୟୋତିରଞ୍ଜନ ସାହୁ)

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଶୁକ୍ରବାର ଅନୁଗୋଳରେ ରାଷ୍ଟ୍ରୀୟ ଏକତା ଦିବସ ଉତ୍ସାହର ସହ ପାଳନ କରାଯାଇଛି। 'ଏକ ଭାରତ, ଶ୍ରେଷ୍ଠ ଭାରତ' ଆଦର୍ଶରେ ଅନୁଗୋଳ ଜିଲା ପୋଲିସ ଉଦ୍ୟମରେ ଏହା ଅନୁଷ୍ଠିତ ହୋଇଥିଲା। ଅନୁଗୋଳ ଏସ୍‌ପି ରାହୁଲ ଜୈନ ଅଂଶଗ୍ରହଣକାରୀମାନଙ୍କୁ ଜାତୀୟ ଏକତା ଓ ଅଖଣ୍ଡତା ରକ୍ଷାର ଶପଥ ପାଠ କରାଇଥିଲେ। ଅନୁଗୋଳ ଟାଉନ ଥାନା ଠାରୁ ଦୌଡ଼ ଆରମ୍ଭ ହୋଇ ବୁଢ଼ୀଠାକୁରାଣୀ ଛକ ଦେଇ ବଜାର ରାସ୍ତା, ରାଜା ଛକ ହୋଇ ଟାଉନ ଥାନା ଠାରେ ଶେଷ ହୋଇଥିଲା। ଏଥିରେ ଅନୁଗୋଳ କଲେଜ ଏନ୍‌ସିସି, ରୋଟାରି ବିଦ୍ୟାଳୟ ଓ ବିଭିନ୍ନ ସେବା ସଙ୍ଗଠନର ଛାତ୍ରୀଛାତ୍ର, ସଦସ୍ୟମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ।

# ୧୭ରୁ ୩୦ ପର୍ଯ୍ୟନ୍ତ କୁଷ୍ଠ ଚିହ୍ନଟ ଅଭିଯାନ

ଅନୁଗୋଳ,୩୧।୧୦(ମାନସ ବିଶ୍ୱାଳ )

ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର କୁଷ୍ଠରୋଗ ଚିହ୍ନଟ ଅଭିଯାନ ନିମନ୍ତେ ଏକ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବଦାଲ ମୁହମ୍ମଦ ଅଖତାର ଏଥିରେ ଅଧ୍ୟକ୍ଷତା କରିଥିଲେ। ନଭେମ୍ବର ୧୭ ରୁ ୩୦ ତାରିଖ ମଧ୍ୟରେ କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ଚାଲିବ। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ତରଫରୁ କରାଯାଇଥିବା ପ୍ରସ୍ତୁତି ଓ କାର୍ଯ୍ୟକାରିତା ସମ୍ବନ୍ଧରେ ସୂଚନା ଦିଆଯାଇଥିଲା।

ସୂଚନା ମୁତାବକ, ୧୭ ତାରିଖରୁ ସମସ୍ତ ବ୍ଲକରେ ଆଶାକର୍ମୀମାନେ ଘରକୁ ଘର ଯାଇ ଜନସାଧାରଣଙ୍କୁ ପରୀକ୍ଷା କରି କୁଷ୍ଠ ରୋଗ ସନ୍ଦେହ ଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବେ। ଚିହ୍ନଟ ବ୍ୟକ୍ତିମାନଙ୍କୁ ୩ ଦିନ ମଧ୍ୟରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଇ କୁଷ୍ଠ ରୋଗରେ ଆକ୍ରାନ୍ତ ନିଶ୍ଚିତ କରାଯିବା ସହ ମାଗଣାରେ ଚିକିତ୍ସା କରାଇବେ। ଏହି ଅଭିଯାନରେ ସମ୍ପୃକ୍ତ ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀ ଓ ଅଧିକାରୀଙ୍କ କର୍ତ୍ତବ୍ୟ ଓ ଭୂମିକା ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯାଇଥିଲା। ୨୦୨୪-୨୫ ଆର୍ଥିକ ବର୍ଷରେ ଅନୁଗୋଳ ଜିଲାରେ ୨୫୪ ଜଣ ନୂତନ କୁଷ୍ଠ ରୋଗୀ ଚିହ୍ନଟ ହୋଇଥିବାବେଳେ ଚଳିତବର୍ଷ ଅକ୍ଟୋବର ମାସ ଶେଷ ସୁଦ୍ଧା ୧୧୩ ଜଣ ନୂତନ ରୋଗୀ ଚିହ୍ନଟ ହୋଇଛନ୍ତି। ୨୦୨୭ ମସିହା ସୁଦ୍ଧା ଏକ କୁଷ୍ଠମୁକ୍ତ ଭାରତ ଗଠନ ଲକ୍ଷ୍ୟରେ ଏହି ଅଭିଯାନ ଆରମ୍ଭ ହୋଇଛି। ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମଦନ ମୋହନ ପ୍ରଧାନ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଅନ୍ତର୍ଯ୍ୟାମୀ ମିଶ୍ର, ଚର୍ମ ବିଶେଷଜ୍ଞ ଡା. ବିଶ୍ୱଜିତ ସାମଲ, ଜିଲା କୁଷ୍ଠ ରୋଗ କେନ୍ଦ୍ର ପରିଚାଳକ ଡ. ସୂର୍ଯ୍ୟ ନାରାୟଣ ଦତ୍ତଙ୍କ ସମେତ ବ୍ଲକ ଚିକିତ୍ସା ଅଧିକାରୀ, ମହିଳା ଓ ଶିଶୁ ସାମାଜିକ ସୁରକ୍ଷା ବିଭାଗ, ଶିକ୍ଷା ବିଭାଗ ଓ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ।



# ଯୋରନ୍ଦାଠାରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ




ମାରାଥନରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର, ଥାନା କର୍ମଚାରୀ ପ୍ରମୁଖ।

ଗଁନ୍ଦିଆ,୩୧।୧୦(ବିଶ୍ୱମୋହନ ସାହୁ)

ଢେଙ୍କାନାଳ ଜିଲା ଗଁନ୍ଦିଆ ଥାନା ପକ୍ଷରୁ ଯୋରନ୍ଦା ମହିମା ମହାବିଦ୍ୟାଳୟଠାରେ ରାଷ୍ଟ୍ରୀୟ ଏକତା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ଏହି ଅବସରରେ ସକାଳେ ଏକ ମିନି ମାରାଥନ ଆୟୋଜିତ ହୋଇଥିଲା। ଏହି ମାରାଥନରେ ସମସ୍ତ ଛାତ୍ରୀଛାତ୍ର, ଥାନା କର୍ମଚାରୀମାନେ ସାମିଲ ହୋଇ ମହିମା ମହାବିଦ୍ୟାଳୟଠାରୁ ଦୌଡ଼ ଆରମ୍ଭ କରି ନାଟିମା ବଜାର ପର୍ଯ୍ୟନ୍ତ ଯାଇଥିଲେ। ଗଁନ୍ଦିଆ ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନ ମିନି ମାରାଥନକୁ ଉଦ୍‌ଘାଟନ କରିବା ସହିତ ରାଷ୍ଟ୍ରୀୟ ଏକତା ଦିବସ ଓ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୀବନ ଆଦର୍ଶ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋରନ୍ଦା ଫାଣ୍ଡି ଅଧିକାରୀ ମାଗୁଣି ଗଡ଼ନାୟକ, ଗଁନ୍ଦିଆ ଥାନା ଏସ୍‌ଆଇ ହୃଦାନନ୍ଦ ମହାନନ୍ଦ, ଏଏସ୍‌ଆଇ ସୁକାନ୍ତି ସାହୁ, ଅଭୟ ନାୟକ, ପ୍ରଭାତ ନାୟକ ଓ ଥାନାର ସମସ୍ତ କର୍ମଚାରୀ ଓ ମହାବିଦ୍ୟାଳୟର ଏନ୍‌ସିସି ଶିକ୍ଷକ ଶ୍ରୀଚନ୍ଦନ ସାସ୍‌ମଲ ଉପସ୍ଥିତ ଥିଲେ ।

# ପରଜଙ୍ଗ ଥାନାରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ




ପରଜଙ୍ଗ, ୩୧।୧୦ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନାରେ ଶୁକ୍ରବାର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ପୋଲିସ ପକ୍ଷରୁ ଏକତା ଦୌଡ଼ ଅନୁଷ୍ଠିତ ହୋଇଯାଇଛି। ପରଜଙ୍ଗ ଥାନା ଅଧିକାରୀ ଧିରେନ କୁମାର ବେହେରାଙ୍କ ନେତୃତ୍ୱରେ ଏହି ଗଣଦୌଡ଼ ଥାନାଠାରୁ ପରଜଙ୍ଗ ବଜାର, ବଞ୍ଜେଶ୍ୱର ମନ୍ଦିର ଦେଇ ବାଇପାସ ରାସ୍ତା ନିକଟ ପେଟ୍ରୋଲ ପମ୍ପଠାରୁ ଫେରି ଥାନାରେ ପହଞ୍ଚିଥିଲା। ଏଥିରେ ଥାନାଧିକାରୀ ଧିରେନ କୁମାର ବେହେରା, ଏସ୍‌ଆଇ ଦେବଗ୍ରାହୀ ମହାନ୍ତି, ଏଏସ୍‌ଆଇ ଜଳନ୍ଧର ବାରିକ, ଅଜୟ ସାମଲ, ଜ୍ଞାନରଞ୍ଜନ ଦାସ, ସୁବ୍ରତ ଦାସ, ଅଜିତ ସାମଲ, ଅନ୍ତର୍ଯ୍ୟାମୀ ସାମଲ, ସୁବ୍ରତ ପରିଡ଼ାଙ୍କ ସମେତ ସାଧାରଣ ଯୁବକ ସାମିଲ ହୋଇଥିଲେ।


**कार्यपालक अभियंता का कार्यालय,**
**पथ निर्माण विभाग, पथ प्रमंडल, राँची**

ई–प्रोक्योरमेंट सूचना
टेन्डर रेफरेंन्स नं0–प0नि0वि0 / राँची–39 / 2025–26
दिनांक :– 31.10.2025

| | | |
|---|---|---|
| 1. | कार्य का नाम | IRQP Workin Mandar Chowk (on NH-75) to Burmu Road (कुल लम्बाई–14.80 कि0मी0) कार्य वर्ष 2025–26 |
| 2. | प्राक्कलि राशि (रू0 लाख में) | रू0 1142.22 लाख (रूपये ग्यारह करोड़ ब्यालीस लाख एवं बाईस हजार) मात्र। |
| 3. | अग्रधन की राशि (रू0 लाख में) | रू0 11.43 लाख (रूपये ग्यारह लाख तेतालीस हजार) मात्र। |
| 4. | कार्य पूर्ण करने की अवधि | 07 (सात) माह |
| 5. | वेबसाईड पर निविदा प्रकाशन की तिथि | 03.11.2025 10.30 बजे पूर्वाह्न |
| 6. | निविदा प्राप्ति की अंतिम तिथि / समय | 24.11.2025 12.00 बजे दोपहर तक |
| 7. | निविदा खोलने तिथि / समय | 25.11.2025 12.30 बजे |
| 8. | निविदा प्रकाशित करने वाले कार्यालय का नाम एवं पता | कार्यपालक अभियंता पथ निर्माण विभाग, पथ प्रमंडल राँची, मोहराबादी, राँची–834008. |
| 9. | प्रोक्योरमेंट पदाधिकारी का सम्पर्क संख्या | 0651–2361018 |
| 10. | ई–प्रोक्योरमेंट सेल का हेल्पलाईन संख्या | 0651–2401010 |

- प्राक्कलित राशि एवं अग्रधन की राशि घट–बढ़ सकती है, जिसे *Tender Online Upload* में देखा जा सकता है, एवं किसी भी प्रकार का बदलाव *http://jharkhandtenders.gov.in* पर देखा जा सकता है।
- नियम एवं शर्तें के लिए वेबसाईट *http://jharkhandtenders.gov.in* पर देखें।

कार्यपालक अभियंता
पथ निर्माण विभाग,पथ प्रमंडल, राँची।
PR.NO.364965 Road Construction Dept Road Division Ranchi(25-26):D



**कार्यपालक अभियंता का कार्यालय**
**लघु सिंचाई प्रमंडल, गोड्डा**

ई0-निविदा आमंत्रण सूचना
e-Tender Reference No.-WRD/MID/GODDA/ F2-09/2025-26 Date-30.10.2025

1. विज्ञापनदाता का नाम : कार्यपालक अभियंता, लघु सिंचाई प्रमंडल, गोड्डा।
2. वेवसाइट में ई0–निविदा प्रकाशन की तिथि : 13.11.2025
3. ई0–निविदा प्राप्ति की तिथि एवं समय : 25.11.2025 अपराहन 03:00 बजे तक
4. ई0–निविदा खोलने की तिथि एवं स्थान : 26.11.2025 अपराहन 04:30 बजे मुख्य अभियंता का कार्यालय लघु सिंचाई, दुमका।

| ग्रुप सं0 | कार्य का मद | योजना का नाम | प्रखण्ड | प्राक्कलित राशि (लाख में) | अग्रधन की राशि (रूपये में) | परिमाण विपत्र का मूल्य (रूपये में) | कार्य की अवधि |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | राज्य सम्पोषित योजना | बेदीय नदी पर श्रृंखलाबद्ध चेक डैम निर्माण। | पथरगामा | 142.086 | 2,85,000.00 | 10,000.00 | 11 माह |
| 2 | राज्य सम्पोषित योजना | कौवा नदी में गड़ी पडवारा के पास चेक डैम निर्माण। | ठाकुरगंगटी | 111.026 | 2,23,000.00 | 10,000.00 | 11 माह |
| 3 | राज्य सम्पोषित योजना | कर्णपुरा जोरिया में चेक डैम निर्माण। | गोड्डा | 75.703 | 1,52,000.00 | 10,000.00 | 11 माह |
| 4 | राज्य सम्पोषित योजना | गुणघासा नदी में श्रृंखलाबद्ध चेक डैम निर्माण। | पोड़ैयाहाट | 182.926 | 3,66,000.00 | 10,000.00 | 11 माह |

नोटः–
1. केवल ई–निविदा ही स्वीकार किया जायेगा।
2. प्राक्कलित राशि घट–बढ़ सकती है।
3. निविदा शुल्क एवं अग्रधन की राशि केवल Online Mode द्वारा ही स्वीकार्य होगी।
4. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।
5. Work performance :- पूर्व से आवंटित कार्य 90 प्रतिशत से अधिक पूर्ण नहीं रहने तथा समानुपातिक प्रगति नहीं पाये जाने पर अन्य कार्यो में डाली गई निविदा विचारणीय नहीं होगा।
6. विस्तृत जानकारी के लिए वेबसाईट http://jharkhandtenders.gov.in पर लॉग आन करें।

कार्यपालक अभियंता,
लघु सिंचाई प्रमंडल, गोड्डा
Mob.- 9939708923
PR 364929 Minor Irrigation (25-26)_D



यूनियन बैंक ऑफ इंडिया Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
୧ମ ମହଲା, କେ କେ ଭଓ୍ୱାସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ-୭୫୩୦୦୧

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ଅବଗତି କରାଇ ଦିଆଯାଉଛି କି, ସେମାନେ ସେମାନଙ୍କର ଋଣ ଆକାଉଣ୍ଟର ବକେୟା ପରିଶୋଧ କରିବାରେ ଖିଲାପ କରିଛନ୍ତି। ବ୍ୟାଙ୍କ ଦ୍ୱାରା ସେମାନଙ୍କ ନିକଟକୁ ରେଜିଷ୍ଟ୍ରି ଡାକ ଯୋଗେ ନୋଟିସ୍‌ମାନ ପଠାଯାଇଥିଲେ ମଧ୍ୟ ତାହା ପ୍ରଦାନ କରାଯାଇନପାରି ଫେରସ୍ତ ଆସିଛି। ତେଣୁ ସେମାନଙ୍କୁ ଅନୁରୋଧ କରାଯାଉଛି କି ସେମାନେ **ତା.୦୩.୧୧.୨୦୨୫ରିଖ** ଦିନ କିମ୍ବା ପୂର୍ବରୁ ସେମାନଙ୍କର ବକେୟା ଦେୟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପ୍ରଦାନ କରି ସ୍ୱର୍ଣ୍ଣ ଅଳଙ୍କାରଗୁଡ଼ିକୁ ବନ୍ଧକମୁକ୍ତ କରନ୍ତୁ ଅନ୍ୟଥା ଆମର ସମ୍ପୃକ୍ତ ଶାଖା ପରିସରରେ **ତା.୦୪.୧୧.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା** ସମୟରେ କିମ୍ବା ପରେ ଅନ୍ୟ ସୁବିଧାଜନକ ତାରିଖରେ କୌଣସି ପରବର୍ତ୍ତୀ ନୋଟିସ୍ ନଦେଇ ବ୍ୟାଙ୍କର ସ୍ୱତନ୍ତ୍ର କ୍ଷମତାବଳରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ।

| କ୍ର.ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଋଣ ନଂ. | ଋଣ ତାରିଖ |
|---|---|---|
| | **ଆଠଗଡ ଶାଖା** | |
| ୧. | ଶ୍ରୀମତୀ ଜ୍ୟୋତିର୍ମୟୀ ଦଳାଇ, ସା: ବାଣୀକଣ୍ଠ ନଗର, ପୋ: ଆଠଗଡ, ଜିଲ୍ଲା: କଟକ / ୭୬୩୮୦୬୫୪୦୦୦୦୨୩୬ | ୧୫.୦୫.୨୦୨୪ |

ସ୍ଥାନ : କଟକ, ତାରିଖ : ୩୧.୧୦.୨୦୨୫ ସ୍ୱା/– ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



यूनियन बैंक ऑफ इंडिया Union Bank of India

**ସାଲେପୁର ଶାଖା**
୧୯୫୩/୨୨୨୧, ଚନ୍ଦ୍ରଦେଇପୁର, ପୋ: ସାଲେପୁର, ଜିଲ୍ଲା: କଟକ, ପିନ୍-୭୫୪୨୦୨
ଇମେଲ୍: ubin0830101@unionbankofindia.bank

**(୩୦ ଦିନିଆ ନୋଟିସ୍)**
{ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୬(୨)/୮(୬)}

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତାମାନଙ୍କ ନିମନ୍ତେ ଏହା ଏକ ବିକଳ୍ପ ନୋଟିସ୍ ଅଟେ)

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ତାରିଖ / ୩୦ ଦିନିଆ ନୋଟିସ୍ ତାରିଖ |
|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ଅକ୍ଷୟ କୁମାର ମଲ୍ଲିକ, ପିତା: ସ୍ୱ ଉତ୍ତମ ମଲ୍ଲିକ, ସା: କୋଲଣପୁର, ପୋ: ସାଲେପୁର, କଟକ, ପିନ୍-୭୫୪୨୦୨, ୨) ଶ୍ରୀ ନରୋତ୍ତମ ସ୍ୱାଇଁ, ପିତା: ଭାଗ୍ୟଧର ସ୍ୱାଇଁ, ସା: ଜିଗନିପୁର, ପୋ: ଜିଗନିପୁର, ଥାନା: ସାଲେପୁର, କଟକ, ପିନ୍-୭୫୪୨୦୨ | ଶ୍ରୀ ଅକ୍ଷୟ କୁମାର ମଲ୍ଲିକ, ପିତା: ସ୍ୱ ଉତ୍ତମ ମଲ୍ଲିକଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୦୭୨, ଖାତା ନଂ.: ୫୧, ମୌଜା: କୋଲଣପୁର, ତହସିଲ: ନିଶ୍ଚିନ୍ତକୋଇଲି, ଜିଲ୍ଲା: କଟକ, କ୍ଷେତ୍ର: ଏକର୦.୧୦୦ଡିସିମିଲି, ଏହାର ଚରିପାର୍ଶ୍ୱରେ- ଉତ୍ତର: ପ୍ରେମାନନ୍ଦ ମଲ୍ଲିକ, ଦକ୍ଷିଣ: କେନାଲ, ପୂର୍ବ: ବାବନ ମଲ୍ଲିକ, ପଶ୍ଚିମ: ରାସ୍ତା | ୧୨.୦୪.୨୦୨୧ / ୧୬.୧୦.୨୦୨୧ / ୧୭.୧୦.୨୦୨୫ |

**ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପର ଦର୍ଶିତ ଋଣଗ୍ରହୀତାମାନଙ୍କ ସମ୍ପତ୍ତି ବିକ୍ରୟ।**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବକେୟା ଦେୟ ପଇଠ କରିବା ନିମନ୍ତେ ଆପଣଙ୍କୁ ଉପରଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ଯେହେତୁ କଥିତ ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆପଣ ବକେୟା ଦେୟ ପଇଠ କରିବାର ବିଫଳ ହେଲେ, ତେଣୁ ଧାରା ୧୩ (୪) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୬/୮ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀ ଉପରଦର୍ଶିତ ତାରିଖରେ ସମ୍ପତ୍ତିକୁ ଦଖଲ ନେଇଛନ୍ତି। ସମ୍ପତ୍ତିକୁ ଦଖଲ ନେବା ପରେ ମଧ୍ୟ ଆପଣ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟ ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ପ୍ରାପ୍ତିର ୩୦ ଦିନ ଅତିକ୍ରମ ପରେ ଅନ୍‌ଲାଇନ୍ ପଦ୍ଧତିରେ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ଉପର ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ବିକ୍ରୟ କରିବା ଆବଶ୍ୟକ ହୋଇପଡ଼ିଛି। ଇ-ନିଲାମର ତାରିଖ ଓ ସମୟ ସହିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ସେବା ପ୍ରଦାନକାରୀଙ୍କ ସବିଶେଷ ବିବରଣୀ ଯାହାଙ୍କ ଦ୍ୱାରା ଇ-ନିଲାମ ପରିଚାଳନା କରାଯିବ ତାହା ଆପଣଙ୍କୁ ପୃଥକ ଭାବେ ଜଣାଇ ଦିଆଯିବ। ତେଣୁ, ବିକ୍ରୟ ବିଜ୍ଞପ୍ତିର ପ୍ରକାଶନ ତାରିଖ ପୂର୍ବରୁ ଯଦି ଆପଣ ବକେୟା ଦେୟ ସହିତ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ବ୍ୟାଙ୍କକୁ ପଇଠ କରନ୍ତି, ତେବେ ଆପଣଙ୍କ ସମ୍ପତ୍ତି ବିକ୍ରୟ ନିମିତ୍ତ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଏବଂ କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ଆପଣ ଆପଣଙ୍କ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରିବେ।

ସ୍ଥାନ: ସାଲେପୁର, ତାରିଖ: ୩୧.୧୦.୨୦୨୫ ସ୍ୱା/– କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**ଢେଙ୍କାନାଳ ମୁଖ୍ୟ ଶାଖା**
ମୀନା ବଜାର, ଜଗନ୍ନାଥ ରୋଡ୍, ସା/ପୋ: ଢେଙ୍କାନାଳ, ଜିଲ୍ଲା: ଢେଙ୍କାନାଳ-୭୫୯୦୦୧,
ଇ-ମେଲ୍ : ubin0554057@unionbankofindia.bank

**ଡିମାଣ୍ଡ ନୋଟିସ୍**

ଆମର ଢେଙ୍କାନାଳ ମୁଖ୍ୟ ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ

ଆମେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ମୁଖ୍ୟ ଶାଖାର** ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ପ୍ରକାର | ଏନ୍‌ପିଏ ତାରିଖ/ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ବାବୁଲି ବେହେରା, ପିତା: ସୁର ବେହେରା, ୨) ଶ୍ରୀମତୀ କଳ୍ପନା ବେହେରା, ସ୍ୱାମୀ: ଶ୍ରୀ ବାବୁଲି ବେହେରା, ଉଭୟଙ୍କ ଠିକଣା- ସା: ଚାଇଁପୁର ପଟଣା, ପୋ: ଗଦାଶିଳା, ଢେଙ୍କାନାଳ ସଦର, ଓଡ଼ିଶା-୭୫୯୦୨୫ | ୟୁନିୟନ୍ ହୋମ୍ | ୨୯.୧୦.୨୦୨୩ / ୧୮.୧୦.୨୦୨୫ / ୩୦.୦୯.୨୦୨୫ ସୁଦ୍ଧା ଟ.୪,୭୪,୬୫୧.୮୩ | ଶ୍ରୀ ବାବୁଲି ବେହେରା, ପିତା: ସୁର ବେହେରାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୦୧/୨୪୯, ମ୍ୟୁଟେସନ୍ ଖାତା ନଂ.: ୨୦/୭୦, କ୍ଷେତ୍ର: ଏକର |

୦.୦୪୦ଡିସିମିଲି, ମୌଜା: ଚାଇଁପୁର ପଟଣା, ତହସିଲ: ଢେଙ୍କାନାଳ ସଦର, ଥାନା: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଦିବାକର ସାହୁ, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୯୮, ପଶ୍ଚିମ: ରାସ୍ତା

ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟରେ ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପର ଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ଉପରଦର୍ଶିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ ଆପଣଙ୍କ ଦ୍ୱାରା ଦିଆଯାଇଥିବା କଥିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ । ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପାଇବା ଠାରୁ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ବି.ଦ୍ର.: ସରଫେଶୀ ଆକ୍ଟ ଅନୁଯାୟୀ ଏ ସମ୍ବନ୍ଧୀୟ ପୂର୍ବରୁ ପଠାଯାଇଥିବା ନୋଟିସ୍‌ଗୁଡିକୁ ପ୍ରତ୍ୟାହାର କରାଯାଉଛି ।

ସ୍ଥାନ : ଢେଙ୍କାନାଳ
ତାରିଖ : ୩୧.୧୦.୨୦୨୫
ସ୍ୱା/– କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ସର୍ଦ୍ଦାର ପଟେଲ ଜଣେ ସତ୍ୟସେବକ ଥିଲେ

ଢେଙ୍କାନାଳ,୩୧।୧୦(ରତନ ନାୟାର)

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଢେଙ୍କାନାଳରେ ଶୁକ୍ରବାର ସକାଳ ୭ଟାରେ ଏକତା ପାଇଁ ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଯୋଗଦେଇ କହିଥିଲେ ଯେ, ସର୍ଦ୍ଦାର ପଟେଲ ଜଣେ ସତ୍ୟସେବକ।

## ଏକତା ପାଇଁ ଦୌଡ଼

ସେ ଭାରତର ଏକତାକୁ ଅବିଭାଜ୍ୟ କରିବା ପାଇଁ ଯେପରି ସାହସ ଓ ଦୃଢତା ଦେଖାଇଥିଲେ ସେହି କାମ ଆଜି ପର୍ଯ୍ୟନ୍ତ ଆମ ସମସ୍ତଙ୍କୁ ପ୍ରେରିତ କରେ। ଦେଶ ସ୍ୱାଧୀନ ହେବା ପରେ ୫୬୨ଟି ଦେଶୀୟ ରାଜ୍ୟକୁ ଏକ ସାଙ୍ଗରେ ଆଣି 'ଏକ ଭାରତ' ଗଠନ କରିବାର ଯେଉଁ ଅପୂର୍ବ କାର୍ଯ୍ୟ କରିଥିଲେ ତାହା ଭାରତୀୟ ଇତିହାସରେ ସଦା ଅମର ରହିବ। ଏହି 'ଏକତା ପାଇଁ ଦୌଡ଼' ଏକ କ୍ରୀଡ଼ା ଅନୁଷ୍ଠାନ ନୁହେଁ, ଏହା ଆମ ଭିତରେ ଏକତା, ଦୃଢ଼ସଙ୍କଳ୍ପ ଓ ଦେଶପ୍ରେମର ଅଗ୍ନି ଜାଗୃତ କରିବାର ଏକ ଉଦ୍ୟମ। ଯେପରି ସର୍ଦ୍ଦାର ପଟେଲ ଭାରତକୁ ଏକତାର ସୂତ୍ରରେ ବାନ୍ଧିଥିଲେ ସେପରି ଆମେ ମଧ୍ୟ ଏହି ଦୌଡ଼ ମାଧ୍ୟମରେ ଏକ ସଂଘଟିତ ଭାରତ, ଏକ ଶକ୍ତିଶାଳୀ ଓ ସମୃଦ୍ଧ ଜିଲା ଗଢ଼ି ତୋଳିବାକୁ ପ୍ରତିବଦ୍ଧ ହେବା। ଢେଙ୍କାନାଳ ଜିଲାର ଯୁବଶକ୍ତି ଆଜି ଏହି ଦୌଡ଼ ମାଧ୍ୟମରେ ଯେପରି ଏକତାର ସନ୍ଦେଶ ଦେଉଛନ୍ତି, ସେହି ସନ୍ଦେଶ ସର୍ବତ୍ର ପହଞ୍ଚିବ। ଏକତା ହେଉଛି ଆମ ଶକ୍ତି, ଏକତା ହେଉଛି ଆମ ଅସ୍ତିତ୍ୱ। ଆମେ ଯଦି ସମସ୍ତେ ଏକତାରେ ରହିବା, ତେବେ କୌଣସି ଶକ୍ତି ଆମକୁ ରୋକିପାରିବ ନାହିଁ ବୋଲି କହିଥିଲେ। ଏହି ଅବସରରେ ବାଜିଚୌକଠାରେ ଏମ୍‌ପି ଦେଶର ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଦୌଡ଼ ବାଜିଚୌକଠାରୁ ଆରମ୍ଭ ହୋଇ ମିନି ଷ୍ଟାଡିୟମ ପର୍ଯ୍ୟନ୍ତ ଯାଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଏସ୍‌ପି ଅଭିନବ ସୋନକର, ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ସୁଦୀପ୍ତ କୁମାର ସାହୁ, ସହରର ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରମୁଖ ଯୋଗଦେଇଥିଲେ। ସତ୍ୟନାରାୟଣ କର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଏମ୍‌ପି ରୁଦ୍ର ନାରାୟଣ ପାଣି ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି।

# ଜଗନ୍ନାଥ ହତ୍ୟା ମାମଲା: ବାପା, ପୁଅଙ୍କୁ ଆଜୀବନ ଜେଲ, ମା' ନିର୍ଦ୍ଦୋଷ

ଢେଙ୍କାନାଳ,୩୧।୧୦ (ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ତରଭା ସଞ୍ଜୟପଲୀ ଗ୍ରାମର ଜଗନ୍ନାଥ ନାଏକ ହତ୍ୟା ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଏହି ମାମଲାର ରାୟ ପ୍ରକାଶ କରି ଢେଙ୍କାନାଳ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ପ୍ରଣତୀ ସାହା ଅଭିଯୁକ୍ତ ବାପା ରଥିଆ ନାଏକ ଓ ପୁଅ ବାଦଲ ନାଏକଙ୍କୁ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି।

ଘଟଣାରୁ ଜଣାପଡିଛି ଯେ, ୨୦୨୧ ଡିସେମ୍ବର ୧୭ ସକାଳ ପ୍ରାୟ ୭ଟା ସମୟରେ ଗ୍ରାମର ଜଗନ୍ନାଥ ନାଏକଙ୍କ ସହିତ ରଥିଆ ନାଏକ ଓ ବାଦଲ ନାଏକଙ୍କର ଘରର ସୀମା ବିବାଦକୁ ନେଇ ବଚସା ହୋଇଥିଲା। ଜଗନ୍ନାଥଙ୍କ ସ୍ତ୍ରୀ ସୁଜାତା ଦୁଇ ପକ୍ଷର ବିବାଦକୁ ସମାଧାନ କରିଥିଲେ। ଜଗନ୍ନାଥ ମଜୁରି କରିବା ପାଇଁ ବାହାରକୁ ଯାଇଥିଲେ। ସନ୍ଧ୍ୟା ୫ଟାରେ ଜଗନ୍ନାଥ ଘରକୁ ଆସିବା ପରେ ଅଭିଯୁକ୍ତ ରଥିଆ ଓ ବାଦଲ ଜଗନ୍ନାଥଙ୍କୁ ଠେଙ୍ଗା, ଫାର୍ସା ଓ ଶିଳପୁଆରେ ଆକ୍ରମଣ କରିଥିଲେ। ଏଥିରେ ଜଗନ୍ନାଥ ଗୁରୁତର ଆହତ ହୋଇଥିଲେ। ଜଗନ୍ନାଥଙ୍କୁ ବଡ଼ଭାଇ ବଳଭଦ୍ର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ରାତିରେ ଜଗନ୍ନାଥଙ୍କର ମୃତ୍ୟୁ ଘଟିଥିଲା। ଏ ସଂକ୍ରାନ୍ତରେ ଜଗନ୍ନାଥଙ୍କ ସ୍ତ୍ରୀ ସୁଜାତା ସଦର ଥାନାରେ କରିଥିବା ଅଭିଯୋଗକୁ ଭିତ୍ତିକରି କେସ୍ ନଂ. ୬୪୬/୨୧ରେ ମାମଲା ରୁଜୁ କରାଯାଇଥିଲା। ମାମଲାର ସିଟି ସେସନ୍ସ କେସ୍ ନଂ. ୧୦୯/୨୨ର ବିଚାର କରି ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ପ୍ରଣତୀ ସାହା ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାରକରି ଅଭିଯୁକ୍ତ ବାପା ରଥିଆ ଓ ପୁଅ ବାଦଲଙ୍କୁ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହିତ ଉଭୟଙ୍କୁ ୫୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ମାସ କାରାଦାଣ୍ଡାଦେଶ ଶୁଣାଇଛନ୍ତି। ଏହି ମାମଲାରେ ସାକ୍ଷ୍ୟ ପ୍ରମାଣ ଅଭାବରୁ ରଥିଆ ନାଏକଙ୍କ ସ୍ତ୍ରୀ ଆଲିନାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅକ୍ଷୟ କୁମାର ଭୋଇ ଓ ଗଣେଶ୍ୱର ସାହୁ ପରିଚାଳନା କରିଥିଲେ।

# ଶ୍ରୀଲଙ୍କାରେ ଯୁବ ସମ୍ମିଳନୀ ପାଇଁ ଦୁଇ ଭଉଣୀ ମନୋନୀତ

ଢେଙ୍କାନାଳ,୩୧।୧୦ (ରତନ ନାୟାର)

ଶ୍ରୀଲଙ୍କାର କଲମ୍ବୋଠାରେ ୧୨ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଭାରତ-ଶ୍ରୀଲଙ୍କା ଅନ୍ତର୍ଜାତୀୟ ଯୁବ ସମ୍ମିଳନୀରେ ଢେଙ୍କାନାଳର ଦୁଇ ଭଉଣୀ ପ୍ରତିନିଧିତ୍ୱ କରିବେ। ପ୍ରୋଜେକ୍ଟ ପଏଣ୍ଟ, କମନୱେଲଥ ଓ ମାଇଁ ଭାରତ ଯୁବ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଏହି ସମ୍ମିଳନୀ ଆୟୋଜିତ ହେଉଛି। ଏହି ଦୁଇ ଭଉଣୀ ହେଉଛନ୍ତି ଢେଙ୍କାନାଳ ଜିଲା ଓଡ଼ାପଡା ବ୍ଲକ ମେରାମଣ୍ଡଳୀ ଗ୍ରାମର ବ୍ୟବସାୟୀ ବିଷ୍ଣୁ ପ୍ରସାଦ ପାଟରା ଓ ମାତା ବିଦ୍ୟୁତ୍‌ପ୍ରଭା ପାଟରାଙ୍କ କନ୍ୟା ତଥା ବିଶିଷ୍ଟ ଯୁବ ପର୍ବତାରୋହିଣୀ ବିଭାରାଣୀ ପାଟରା ଓ ତାଙ୍କ ସାନଭଉଣୀ ସନ୍ଧ୍ୟାରାଣୀ ପାଟରା। ବିଭାରାଣୀ ଆଫ୍ରିକା, ୟୁରୋପ, ରୁଷିଆ, ବାଂଲାଦେଶ, ଆବୁଧାବି ଆଦି ଦେଶରେ ସଫଳତାର ସହ ପର୍ବତାରୋହଣ କରିଥିବା ବେଳେ ସନ୍ଧ୍ୟାରାଣୀ ବର୍ତ୍ତମାନ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସଂସ୍କୃତ ଭାଷାରେ ସ୍ନାତକୋତ୍ତର ଅଧ୍ୟୟନ କରୁଛନ୍ତି। ଯୁବ ସମ୍ମିଳନୀ ପାଇଁ ମନୋନୀତ ହୋଇଥିବାରୁ ଦୁଇ ଭଉଣୀଙ୍କୁ ବିଭିନ୍ନ ମହଲ ଏବଂ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି।



ବିଭାରାଣୀ ପାଟରା



ସନ୍ଧ୍ୟାରାଣୀ ପାଟରା

# ତପୋବନ ବାର୍ଷିକ ମେଳା ଆରମ୍ଭ



ଅତିଥିମାନେ ତପୋବନ ପତ୍ରିକାକୁ ଉନ୍ମୋଚନ କରୁଛନ୍ତି।

ଢେଙ୍କାନାଳ,୩୧।୧୦(ରତନ ନାୟାର)

କପିଳାସ ମହିମା ତପୋବନ ପୀଠରେ ବାର୍ଷିକ ମେଳା ଶୁକ୍ରବାର ଆରମ୍ଭ ହୋଇଛି। ଏହି ମେଳାରେ ରାଜ୍ୟ ତଥା ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୬ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସୂର୍ଯ୍ୟୋଦୟ ପୂର୍ବରୁ ପୀଠରେ ନୂତନ ହାଣ୍ଡିରେ ବିଭିନ୍ନ ଫଳ, ଚୁଡ଼ା ଓ ଅହ୍ଲଣିଆ ବୁନ୍ଦିଆ ଏକତ୍ର କରାଯାଇ ଶୂନ୍ୟପ୍ରଭୁଙ୍କୁ ସମର୍ପିତ ହେବାପରେ ପିଲାମାନଙ୍କ ମଧ୍ୟରେ ଏହା ବିତରଣ କରାଯାଇଥିଲା। ଧୁନୀ ମନ୍ଦିରରେ ବ୍ରହ୍ମଧୁନୀ ସଂସ୍ଥାପନ କରାଯାଇ ବିଶ୍ୱକଲ୍ୟାଣ ଉଦ୍ଦେଶ୍ୟରେ ଘୃତାହୁତି କରାଯାଇଥିଲା। ଜ୍ଞାନୀବାବା ବ୍ରହ୍ମଧୁନୀରେ ଆହୂତି ପ୍ରଦାନ କରିଥିଲେ। ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ପୂର୍ବାହ୍ନ ୧୧ଟାରେ ତପୋବନ ପୀଠକୁ ଆସି ବ୍ରହ୍ମଜ୍ୟୋତି ଓ ବ୍ରହ୍ମଧୁନୀକୁ ଦର୍ଶନ କରି


## ୬ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ

ଆଶୀର୍ବାଦ ଭିକ୍ଷା କରିଥିଲେ। ଅପରାହ୍ନ ୨ଟାରେ ଆୟୋଜିତ ଧର୍ମସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ତପୋବନର ବାର୍ଷିକ ପତ୍ରିକାକୁ ଲୋକାର୍ପିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ପି ଅଭିନବ ସୋନକର ଯୋଗଦେଇଥିଲେ। କୌପିନଧାରୀ ମହିମା ସମାଜର ଧର୍ମାଧ୍ୟକ୍ଷ ଶ୍ରୀମଦ୍ ରଘୁନାଥ ବାବା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଯୁବରାଜ ଅମରଜ୍ୟୋତି ସିଂହଦେଓ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ମହିମା ଜ୍ୟୋତି ଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ ମହିମା ଧର୍ମରେ ଅଗ୍ନିପୂଜାର ମହତ୍ତ୍ୱ ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ତପୋବନ ପତ୍ରିକା ସମ୍ପାଦକ ପ୍ରଶାନ୍ତ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବେଲଟିକିରି ଗ୍ରାମ ପଞ୍ଚାୟତ ସରପଞ୍ଚ ବଳଭଦ୍ର ସାମଲ, ଶିଳ୍ପଦ୍ୟୋଗୀ ସୌମେନ୍ଦୁ ପଟ୍ଟନାୟକ, ସମାଜସେବୀ ସୂର୍ଯ୍ୟନାରାୟଣ ମିଶ୍ର, ପ୍ରେମଶଙ୍କର ମିଶ୍ର, ସସ୍ମିତ ରଥ, ମନୋରଞ୍ଜନ ମିଶ୍ର, କୈଳାସ ରାଉତ ଓ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସଦର ବ୍ଲକ ପ୍ରତିନିଧି ଜ୍ଞାନ ରଞ୍ଜନ ନାୟକ ପ୍ରମୁଖ ଯୋଗଦେଇଥିଲେ। କରୁଣାକର ବାବା, କନ୍ଦର୍ପ ବାବା, ସନକ ବାବା, ଗୁଣନିଧି ବାବା, ସଞ୍ଜୟ ବାବା, ନିବାରଣ ବାବା, ବିଜୟ ଦାସ, ଚନ୍ଦ୍ରମଣୀ ସ୍ୱାଇଁ, ଧର୍ମାନନ୍ଦ ପୃଷ୍ଟି, କୈଳାସ ରାଉତ ଓ ବାସୁଦେବ ଦେହୁରୀ ପ୍ରମୁଖ ମେଳା ପରିଚାଳନାରେ ସହଯୋଗ କରିଥିଲେ।

# ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଶପଥପାଠ

ଢେଙ୍କାନାଳ,୩୧।୧୦ (ରତନ ନାୟାର)

ଢେଙ୍କାନାଳ ଜିଲା ପୋଲିସ କାର୍ଯ୍ୟାଳୟରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଏକ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏସ୍‌ପି ଅଭିନବ ସୋନକର ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥପାଠ କରାଇବା ସହିତ ସମସ୍ତଙ୍କୁ ରାଷ୍ଟ୍ରର ଏକତା, ଅଖଣ୍ଡତା ଓ ସୁରକ୍ଷାକୁ ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଦୂରଦର୍ଶିତା ଓ ତାଙ୍କର ଦେଶ ସୁରକ୍ଷା ପାଇଁ ମହାନ ଯୋଗଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ ଓ ନିରଞ୍ଜନ ପାଢୀ, ଡିଏସ୍‌ପି ସନ୍ଧ୍ୟାରାଣୀ ବେଉରିଆ, ନଳିତା ମୋଦି, ସୁଷମା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଶପଥପାଠ।

# ଦୁର୍ନୀତି ନିବାରଣ ସଚେତନତା ପଦଯାତ୍ରା



ଅତିରିକ୍ତ ଜିଲାପାଳ ପଦଯାତ୍ରା ଶୁଭାରମ୍ଭ କରୁଛନ୍ତି।

ଢେଙ୍କାନାଳ,୩୧।୧୦ (ରତନ ନାୟାର)

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ଶୁକ୍ରବାର ସକାଳେ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ବାଜିଚୌକ ପର୍ଯ୍ୟନ୍ତ ଯାଇଥିଲା। ପଦଯାତ୍ରାକୁ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅକ୍ଟୋବର ୨୭ରୁ ଆରମ୍ଭ ହୋଇ ନଭେମ୍ବର ୨ ପର୍ଯ୍ୟନ୍ତ ଚାଲିବ। ଦୁର୍ନୀତି ନିବାରଣ ବିଭାଗର ଡିଏସ୍‌ପି ଅନସୂୟା ସେନାପତି, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦେଇଥିଲେ। ପୂର୍ବାହ୍ନରେ ଜିଲା ପରିଷଦ ସଭାଗୃହରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଭିଜିଲାନ୍ସ ଡିଏସ୍‌ପି ଅନସୂୟା ସେନାପତି, ପ୍ରଭାଗୀୟ ଶ୍ରମଆୟୁକ୍ତ ମୋନାଲିସା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଭୁବନ ପୋଲିସ ପକ୍ଷରୁ ଏକତା ଦୌଡ଼



ପୋଲିସ ଅଧିକାରୀମାନେ ଓ ଅନ୍ୟମାନେ ଶପଥ ପାଠ କରୁଛନ୍ତି।

ଭୁବନ, ୩୧।୧୦ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ପୋଲିସ ପକ୍ଷରୁ ଶୁକ୍ରବାର ଭାରତର ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଏକତା ଦୌଡ଼ କରାଯାଇଥିଲା। ଅତିରିକ୍ତ ଭାରପ୍ରାପ୍ତ ଥାନା ଅଧିକାରୀ ସୁବ୍ରତ ସାହୁଙ୍କ ତତ୍ତ୍ୱାବଧାନରେ ଏହି ଦୌଡ଼ ଅନୁଷ୍ଠିତ ହୋଇଥିଲା। ଏସ୍‌ଆଇ ସଞ୍ଜୟ କୁମାର ବେହେରା, ଏଏସଆଇ ଶଙ୍କର ମାଝୀ, ପ୍ରଦୀପ୍ତ କୁମାର ମର୍ଦ୍ଦରାଜ ଭୂୟାଁ, ସେକ ନୁରଲ ହକ ଓ ଅଜୟ କୁମାରଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। କାଳୀବଜାରଠାରେ ଥିବା ବାଜି ରାଉତ ସ୍ମୃତିପୀଠରେ ମାଲ୍ୟାର୍ପଣ କରି ମହାନ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ କରିଥିଲେ। ପରେ ଏକତାର ଦୌଡ଼ ନୀଳମାଧବ ପେଟ୍ରୋଲ ଟାଙ୍କି ପର୍ଯ୍ୟନ୍ତ କରାଯାଇଥିଲା। ଏଥିରେ ସମସ୍ତ ପୋଲିସ, ଅଞ୍ଚଳର ବୁଦ୍ଧିଜୀବୀ ଓ ଯୁବପିଢ଼ି ଉପସ୍ଥିତ ଥିଲେ।

# ସତ୍ୟାଗ୍ରହରେ ବସିଲେ ସରପଞ୍ଚ, ସମିତିସଭ୍ୟ ଓ ଗ୍ରାମବାସୀ

## କୋଇଲା ଟ୍ରକ ଚଳାଚଳକୁ ବିରୋଧ ଘଟଣା

### ପୋଲିସ ଉପସ୍ଥିତିରେ ଚାଲିଲା ଟ୍ରକ୍

ପରଜଙ୍ଗ, ୩୧।୧୦ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ବାରିହାପୁର ଗ୍ରାମ ପଞ୍ଚାୟତ ରାସ୍ତା ସହ ଶ୍ମଶାନ ଓ ଦୋଳ ମଣ୍ଡପ ମଝିରେ ଦୈନିକ ଶତାଧିକ କୋଇଲା ଟ୍ରକ୍ ଯିବାଆସିବାକୁ ବିରୋଧ କରି ଗ୍ରାମବାସୀ ଆନ୍ଦୋଳନ ଚଳାଇ ଆସୁଛନ୍ତି। କିଛିଦିନ ପୂର୍ବରୁ ଟ୍ରକ ଚଳାଚଳ ବନ୍ଦଥିଲା। ସୂଚନା ଅନୁସାରେ, ପରଜଙ୍ଗ ରେଲୱେ ଷ୍ଟେଶନ ନିକଟରେ ଥିବା କୋଇଲା ଡିପୋକୁ ବାରିହାପୁର ଗ୍ରାମ ପଞ୍ଚାୟତ ରାସ୍ତାଦେଇ ଦୈନିକ ଶତାଧିକ ଟ୍ରକ ଯିବାଆସିବା କରିଥାଏ। ଫଳରେ ଗ୍ରାମବାସୀ ଉକ୍ତ ରାସ୍ତାଦେଇ ଦୋଳମଣ୍ଡପ, ଶ୍ମଶାନ, ଗାଈ ଗୋରୁ ଚରାଇବାକୁ ଯିବାଆସିବାରେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ତେଣୁ ଉକ୍ତ ରାସ୍ତାରେ ଟ୍ରକ ନ ଯିବା ପାଇଁ ରାସ୍ତା ବନ୍ଦ କରିଥିଲେ। ଗୁରୁବାର ପୋଲିସ ପ୍ରଶାସନ ସେଠାରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରି ବିଫଳ ହୋଇଥିଲା। ଗ୍ରାମବାସୀମାନେ ନିଜ ଜିଦରେ ଅଟଳ ରହିଥିଲା। ତେବେ ପ୍ରଶାସନ ଟ୍ରକ ଚଳାଚଳ ପାଇଁ ଦୋଳମଣ୍ଡପ କଂକ୍ରିଟ ପାଚେରିକୁ ଭାଙ୍ଗି ଦେଇଥିଲା। ଶୁକ୍ରବାର ପ୍ରଶାସନ ପକ୍ଷରୁ ଫୋର୍ସ ମୁତୟନ କରାଯାଇ ଅଟକି ରହିଥିବା କୋଇଲା ଟ୍ରକ୍ ଚଳାଚଳ କରାଇଥିଲା। କିଛି ସମୟ ପରେ ଶ୍ମଶାନ ଏବଂ ଦୋଳମଣ୍ଡପ ନିକଟରେ ଟେଣ୍ଟ ତିଆରି କରି ଶତାଧିକ ମହିଳା ଏବଂ ପୁରୁଷ ଶାନ୍ତିପୂର୍ଣ୍ଣ ଭାବେ ମହାତ୍ମା ଗାନ୍ଧୀଙ୍କ ଫଟୋରେ ପୁଷ୍ପମାଲ୍ୟ ଦେଇ ସତ୍ୟାଗ୍ରହରେ ବସିଛନ୍ତି। ଯେପର୍ଯ୍ୟନ୍ତ ଉକ୍ତ ରାସ୍ତାରେ କୋଇଲା ଟ୍ରକ ଚଳାଚଳ ବନ୍ଦ ନ ରହିଛି ସେପର୍ଯ୍ୟନ୍ତ ସତ୍ୟାଗ୍ରହ ଚାଲୁରହିବ ବୋଲି ସ୍ଥାନୀୟ ସରପଞ୍ଚ ସସ୍ମିତା ସାହୁ, ସମିତି ସଭ୍ୟ ବିନୟ କୁମାର ସାହୁ ସୂଚନା ଦେଇଛନ୍ତି। ତହସିଲଦାର ସୁଦେବ ପୃଷ୍ଟି, କାମାକ୍ଷାନଗର ଏସ୍‌ଡିପିଓ ରଜନୀକାନ୍ତ ସାମଲ, ରାଜସ୍ୱ ନିରୀକ୍ଷକ ଆଲୋକ ଲେଙ୍କା, ଥାନାଧିକାରୀ ଧିରେନ ବେହେରା, ଏସ୍‌ଆଇ ଦେବଗ୍ରାହୀ ମହାନ୍ତି ପ୍ରମୁଖ ଆନ୍ଦୋଳନ ସ୍ଥଳରେ ପହଞ୍ଚିଛନ୍ତି।



# ଚନ୍ଦ୍ରଶେଖର ଶିବ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ

କାମାକ୍ଷାନଗର,୩୧।୧୦ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ ଦଶୀପୁର ଶ୍ରୀଶ୍ରୀ ଚନ୍ଦ୍ରଶେଖର ମହାଦେବ ମନ୍ଦିରରେ ଶୁକ୍ରବାରଠାରୁ ୫ଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଗାଁର ବଡ଼କଟାଠାରୁ ଏକ ବିରାଟ କଳସ ଶୋଭାଯାତ୍ରା ହୋଇଥିଲା। ନାମ ସଂକୀର୍ତ୍ତନରେ ମନ୍ଦିର ପରିବେଶ ଉତ୍ସବମୁଖର ହେଉଛି। ମୁଖ୍ୟ ପୁରୋଧା ଭାବେ ପଣ୍ଡିତ ଯଜ୍ଞେଶ୍ୱର ମିଶ୍ର କାର୍ଯ୍ୟ ନିର୍ବାହ କରିଥିଲେ। ସହଯୋଗ କରିଥିଲେ ପଣ୍ଡିତ ଶୁଭ୍ରାନନ୍ଦ ପଣ୍ଡା, ରାମଚନ୍ଦ୍ର ଶତପଥୀ। ଯଜ୍ଞକର୍ତ୍ତା ଶ୍ରୀନିବାସ ସାହୁ, ସରଦି ସାହୁ ପୂଜାକାର୍ଯ୍ୟ ସମ୍ପନ୍ନ କରୁଛନ୍ତି। ଶ୍ରୀଶ୍ରୀ ଚନ୍ଦ୍ରଶେଖର ମନ୍ଦିର କମିଟି, ଚନ୍ଦ୍ରଶେଖର ବୋଲ୍‌ବମ୍ ସଂଘ, ଦଶୀପୁର, କୁସୁମୁଣ୍ଡିଆ, ଗୁରୁଜାଙ୍ଗୁଲି, କାଉଁସିନାଳୀ ଗ୍ରାମର ଜନସାଧାରଣ ସହଯୋଗ କରୁଛନ୍ତି।

# ଜିଲାସ୍ତରୀୟ ଶିଶୁ ମହୋତ୍ସବ

ଢେଙ୍କାନାଳ,୩୧।୧୦(ରତନ ନାୟାର)

ଢେଙ୍କାନାଳ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସ୍ଥାନୀୟ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସୁରଭି ପିଲାମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣାବଳୀକୁ ପ୍ରସ୍ଫୁଟିତ କରିବାରେ ବିଶେଷ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁମିତାବାଳା ଷଡ଼ଙ୍ଗୀ, ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିବ୍ୟପ୍ରକାଶ ପ୍ରଧାନ, ପରଜଙ୍ଗ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରିୟଦର୍ଶିନୀ ନାୟକ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୌମ୍ୟାଶ୍ରୀ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ, ଢେଙ୍କାନାଳ ଜିଲାର ପିଲାମାନଙ୍କର ଅନ୍ତର୍ନିହିତ ଗୁଣ ଜିଲା ତଥା ସାରା ରାଜ୍ୟରେ ମହକି ପାରୁଛି। ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି ଧନ୍ୟବାଦ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୌମ୍ୟାଶ୍ରୀ ପଣ୍ଡା, ହିନ୍ଦୋଳ ବ୍ଲକ ଶିକ୍ଷା ଅଧିକାରୀ ହରିହର ଦେହୁରୀ, କଙ୍କଡ଼ାହାଡ଼ ବ୍ଲକ ଶିକ୍ଷା ଅଧିକାରୀ ସାରଦା ଟୁଡୁ ଅତିଥି ଭାବେ ଯୋଗ ଦେଇଥିଲେ।




ଅତିଥିମାନଙ୍କ ସହିତ କୃତୀ ପ୍ରତିଯୋଗୀମାନେ।

# ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ, ଗେଟ୍ ବନ୍ଦକଲେ ଅଭିଭାବକ

ପରଜଙ୍ଗ, ୩୧।୧୦ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କଙ୍କଡ଼ାସୋଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ମାଧବୀଲତା ଭୋଇଙ୍କ ବଦଳି ହୋଇଛି। ଏହାର ପ୍ରତିବାଦରେ ଶୁକ୍ରବାର ସ୍କୁଲ ଶିକ୍ଷା କମିଟି ଚେୟାରମ୍ୟାନ ବଟକୃଷ୍ଣ ବେହେରାଙ୍କ ନେତୃତ୍ୱରେ ଅଭିଭାବକମାନେ ସ୍କୁଲ ଗେଟ୍ ବନ୍ଦ କରିଦେଇଥିଲେ। ଫଳରେ ଗେଟ୍ ବାହାରେ ଛାତ୍ରୀଛାତ୍ରମାନେ ବସି ଆନ୍ଦୋଳନ କରିଥିଲେ। ଏମିତିକି ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ବିଦ୍ୟାଳୟ ପରିସରରୁ ବାହାର କରିଦେଇଥିଲେ। ଖବର ପାଇ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା ପହଞ୍ଚି ବୁଝାସୁଝା କରିବା ସହିତ ୭ ଦିନ ସମୟ ମାଗିଛନ୍ତି। ଆନ୍ଦୋଳନ ନ କରିବାକୁ ଗ୍ରାମବାସୀଙ୍କୁ କହିବା ପରେ ଅଭିଭାବକମାନେ ସ୍କୁଲ୍ ଗେଟ ଖୋଲିଥିଲେ।

ସୂଚନା ମୁତାବକ, ଉକ୍ତ ସ୍କୁଲରେ ଦୀର୍ଘ ୭ ବର୍ଷ ଧରି ମାଧବୀଲତା ୧ମରୁ ୮ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ

## ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ ଦାବି

ଦେଇଆସୁଛନ୍ତି। ଉକ୍ତ ସ୍କୁଲରେ ୧୦ମ ପର୍ଯ୍ୟନ୍ତ ମୋଟ ୪୭୦ ଛାତ୍ରୀଛାତ୍ର ପଢୁଥିବା ବେଳେ ୧୪ ଶିକ୍ଷୟିତ୍ରୀ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶ ମୁତାବକ ଉକ୍ତ ଶିକ୍ଷୟିତ୍ରୀଙ୍କ ସୁଣ୍ଡିକାଟେଣି ସ୍କୁଲକୁ ବଦଳି ହୋଇଥିବା ବେଳେ ତାଙ୍କ ବଦଳରେ ଅନ୍ୟ ଜଣେ ଶିକ୍ଷକଙ୍କୁ କଙ୍କଡ଼ାସୋଡ଼ା ସ୍କୁଲକୁ ବଦଳି କରାଯାଇଛି। କିନ୍ତୁ ଶିକ୍ଷୟିତ୍ରୀ ମାଧବୀଲତାଙ୍କ ବଦଳି ନିର୍ଦ୍ଦେଶ ବାତିଲ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି। ସ୍କୁଲର ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ବିଶ୍ୱାଳ ଶିକ୍ଷୟିତ୍ରୀ ମାଧବୀଲତାଙ୍କୁ ଗୁରୁବାରଠାରୁ ରିଲିଭ୍ କରିଦେଇଛନ୍ତି। ମାଧବୀଲତାଙ୍କ ଘର ନିକଟସ୍ଥ କନ୍ତୁର ଗ୍ରାମରେ ହୋଇଥିବାରୁ ସେ ଯିବାକୁ ଚାହୁଁ ନ ଥିବା କହିଛନ୍ତି।



ବିଦ୍ୟାଳୟ ଗେଟ୍ ସମ୍ମୁଖରେ ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

ପ୍ରଦକ୍ଷିଣ

# ମୁଁ ଅଙ୍ଗୀକାର କରୁଛି ଜୀବନ, ମୁଁ ତତେ ଭଲପାଏ

– ରାଜେନ୍ଦ୍ର କିଶୋର ପଣ୍ଡା

ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ଜନ୍ମ ୨୪ ଜୁନ୍ ୧୯୪୪ରେ, ଅବିଭକ୍ତ ସମ୍ବଲପୁର ଜିଲାର ପତଲଗା ଗାଁ(ହୀରାକୁଦ ଜଳଭଣ୍ଡାରରେ ବିଲୀନ)ରେ। ବୃତ୍ତିରେ ଭାରତୀୟ ପ୍ରଶାସନିକ ସେବାଧିକାରୀ ଥିଲେ ବି କବିତା ରଚନା ଥିଲା ତାଙ୍କର ନିଶା ଓ ତପସ୍ୟା। ପ୍ରମୁଖ କବିତାଗ୍ରନ୍ଥ: 'ଗୌଣ ଦେବତା' (୧୯୭୫), 'ଅନବତାର ଓ ଅନ୍ୟ ଅନ୍ୟ' (୧୯୭୬), 'ଘୁଣାକ୍ଷର' (୧୯୭୭), 'ଶତଦ୍ରୁ ଅନେକ' (୧୯୭୭), 'ନିଜ ପାଇଁ ନାନାବାୟା' (୧୯୮୦), 'ଚୌକାଠରେ ଚିରକାଳ' (୧୯୮୧), 'ଶୈଳକଳ୍ପ' (୧୯୮୨), 'ଅନ୍ୟା' (୧୯୮୮), 'ବହୁବ୍ରୀହି' (୧୯୯୧), 'ବୋଧିନଭ' (୧୯୯୬) ଓ 'ମଣିଷ, ମଣିଷ' (୨୦୧୭)। ଓଡ଼ିଆ କବିତାକୁ ଉଲ୍ଲେଖନୀୟ ଅବଦାନ ପାଇଁ ସେ 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର' (୧୯୮୫, ପୁରସ୍କୃତ ବହି 'ଶୈଳକଳ୍ପ'), 'ଗଙ୍ଗାଧର ଜାତୀୟ କବିତା ପୁରସ୍କାର' (୨୦୧୦), 'ଶାରଳା ପୁରସ୍କାର' (୧୯୯୫- ପ୍ରତ୍ୟାଖ୍ୟାନ) ଓ 'କୁଭେଂପୁ ରାଷ୍ଟ୍ରୀୟ ପୁରସ୍କାର' (୨୦୨୦) ଦ୍ୱାରା ସମ୍ମାନିତ। ଅଭିନବ ବ୍ୟଞ୍ଜନା ଓ ଧ୍ୱନିଗର୍ଭୀ ସଂରଚନା ପାଇଁ ଭାରତୀୟ କବିତାରେ ଉଜ୍ଜ୍ୱଳ ତାଙ୍କ ସୃଜନ-ଛବି।

"ଯୋଉଠି ଯେତେବେଳେ ଯିଏ ବି କାନ୍ଦୁଛି,
ସେଇଠି ସେତେବେଳେ
ବିଷଣ୍ଣ ବାଳକ ପରି ତା'ରି ଭିତରେ
ମୁଁ ଇ କାନ୍ଦୁଛି।"

['ଆଶ୍ୱାସ', 'ଶୈଳକଳ୍ପ']

ବସିଲାଠୁଁ ଉଠିଗଲା ପରି ଆରପାରିକି ଚାଲିଗଲେ କବି ରାଜେନ୍ଦ୍ର କିଶୋର ପଣ୍ଡା, ୨୪ ଅକ୍ଟୋବର ୨୦୨୫ରେ। କୈଶୋରରୁ ତାଙ୍କ କବି-ଜୀବନର ଉନ୍ମେଷ ଘଟିଥିଲେ ବି ଜନନେତ୍ରରେ ଭାସ୍ୱର ହୋଇଛି ତାଙ୍କ ପ୍ରତିଭା ଗତ ଶତାବ୍ଦୀର ସପ୍ତମ ଦଶକରେ। ଆରମ୍ଭରୁ ଶେଷଯାଏଁ ସେ କ୍ରିୟାଶୀଳ ରହିଛନ୍ତି ଓଡ଼ିଆ କବିତାରେ। କେତେବେଳେ ବନ୍ଦିତ ତ କେତେବେଳେ ବିତର୍କିତ ଏହି କବି ଭାରତୀୟ କବିତାରେ





ଥିଲେ ଅମଡ଼ା ବାଟର ଯାତ୍ରୀ। ଓଡ଼ିଆ କବିତାରେ ଏକଦା ଥିଲେ ବଡ଼ ଏକ ଲହର। ଶବ୍ଦଙ୍କର ମୂଳ ଉତ୍ସକୁ ଯାଇ ଗଢ଼ିଛନ୍ତି ନାନା ନୂଆ ଶବ୍ଦ କବିତାରେ, ଶବ୍ଦଙ୍କ ଭିତରେ ଟକରାଟକରି ଲଗେଇ ଦେଇ ନୂଆ ଧ୍ୱନିରେ ସେ ଶବ୍ଦର ଅର୍ଥକୁ ଅର୍ଥାନ୍ତରକୁ ନେଇଛନ୍ତି। 'ଚିର ଖେଳୁଆଡ଼ ଶିଶୁ' ତାଙ୍କର କବିସତ୍ତା। 'ଶୃଙ୍ଗାର' ଓ 'ବୀଭତ୍ସ'- ଦୁଇ ରସର ସଉତୁଣୀ କଳି କେବେ କେବେ ତାଙ୍କ କବିତାକୁ ପୁଣି କରିଥାଏ ଉପଭୋଗ୍ୟ।

୧୯୭୫ରୁ ୮୫- ଏଇ ଦଶ ବର୍ଷ ଥିଲା ରାଜେନ୍ଦ୍ରଙ୍କ କବିତାର ସବୁଠୁଁ ସ୍ମରଣୀୟ କାଳଖଣ୍ଡ। ଏହି ଅବଧିରେ ସେ ତାଙ୍କ ଜୀବନର ସର୍ବୋତ୍ତମ କବିତାଗୁଡ଼ିକୁ ଲେଖିଛନ୍ତି। ଜୀବନ ଓ କବିତା ହୋଇଛି ତାଙ୍କ ପାଇଁ ଏକଇ ମୁଦ୍ରାର ଦୁଇ ପାର୍ଶ୍ୱ। ଥରେ ସେ କହିଥିଲେ: "ମୋର କବିତା ଇ ମୋର ଆତ୍ମଜୀବନୀ। ଅନ୍ତତଃ ଗତ ଚାରି ପାଞ୍ଚ ବର୍ଷ ଧରି ମୁଁ ଯାହା ଲେଖିଛି ନିଜକୁ କାବ୍ୟ ନାୟକ କରି, ତହିଁରେ ଅନୃତ-ଭାଷଣ କରିନାହିଁ; ମୋ' ଉପଲବ୍ଧି ପ୍ରତି ବିଶ୍ୱାସଘାତ କରିନାହିଁ।" (କଳିଙ୍ଗ ସାହିତ୍ୟ ସମାଜ, ବ୍ରହ୍ମପୁରର ବାର୍ଷିକ ସାହିତ୍ୟୋତ୍ସବ-୧୯୮୦ରେ ପ୍ରଦତ୍ତ ଅଭିଭାଷଣ)। ଲେଖିଛନ୍ତି: "କ୍ଷୁଧାର ରାଉରାଉ ହାତନଖରେ/ ଖଣ୍ଡିଏ ରୁଟି ଛିନ୍ନବିଚ୍ଛିନ୍ନ ହୋଇଯିବାର ମୁଁ ଦେଖିଛି/ ଉତ୍ତରଖଣ୍ଡରେ ରାମସଜୀବନ୍‌ର ହାଡୁଆ ଗାଡୁଆ ମୁହଁ/ ପୁତ୍ରଶୋକରେ କିଳିବିଳେଇ ଯିବାର ମୁଁ ଦେଖିଛି.../ ରାଜନୀତିର ବାଘନଖୀ ଖେଳ/ ଉପରିକର ଚୌକି-ଧନ୍ୟ ମୁରାଟ/ ଶତ୍ରୁର କପଟ, ଈର୍ଷା, ଜିଂଘାସା/ ମତେ କେବେ ଅଧୋପଂଣ କରିଛି, କେବେ ଆହତ,/ ଗ୍ରହଣ କରିଛି ସବୁକିଛି।" (ଜୀବନପ୍ରତି, ଶୈଳକଳ୍ପ)। ସୁଖ, ଦୁଃଖ, ଆନନ୍ଦ ବିଷାଦ ଭିତରେ ସେ ମଗ୍ନେଇ ନେଇଛନ୍ତି ଜୀବନକୁ।

ସ୍କୁଲଫେରନ୍ତା ବାଟରେ ରଙ୍ଗବେରଙ୍ଗର ଗୋଡ଼ି, କୋଳି ଓ ଅନାବନା ପତ୍ର ଫୁଲ ଗୋଟାଇ ପକେଟରେ ଭରିବା, ଦୁମୁକାଣି ବର୍ଷାରେ ତିନ୍ତିବା, ମାଆ ବାପାଙ୍କୁ ଲୁଚାଇ ବିଡ଼ି ଟାଣିବା, ପାଣି ଚବର ଚବର କରି ତା'ର ଧ୍ୱନିରେ ବିମୋହିତ ହେବା, ତଳେ ଥାଇ ମେଘଙ୍କୁ ଚିହାଇ ଲଢ଼େଇ ଲଗେଇଦବା, ଅଚାନକ ନିଜର ଭିଟାମାଟି ହରାଇ ବସିବା, ମଶାଣିର ଜଳଜଳା ହାଣ୍ଡି ଖପରା ସନ୍ଧିରେ ଗଜୁରି ଉଠିଥିବା ଚାରାଗଛକୁ ଚାହିଁ ଅବାକ୍ ହେବା, ରାତିସାରା ଧଇଁପେଲା ଶ୍ୱାସ ଭୋଗି ପାହାନ୍ତାର ପୃଥ୍ୱୀକୁ ଅନେଇ କାନ୍ଦକାନ୍ଦ ହେବା ଓ ଓଠରେ ସ୍ମିତ ଫୁଟାଇ କହିବା- "ମୁଁ ଅଙ୍ଗୀକାର କରୁଛି ଜୀବନ/ ମୁଁ ତତେ ଭଲପାଏ"- ଏହିପରି ଜୀବନର ରକମ ରକମ ଅନୁଭୂତିରେ ଭାରାନତ ତାଙ୍କ କବିତା। ସେ ସେଇ କବି, ଯିଏ 'ମଣିଷର ପ୍ରତିବେଶୀ'। ମୃତ୍ୟୁର ପାଖେ ପାଖେ ଥାଇ ମଧ୍ୟ ମୃତ୍ୟୁକୁ ତାଙ୍କର ଡର ନାହିଁ। ଜୀବନକୁ ସେ ବର ମାଗନ୍ତି: "ମତେ ଏଇ ବର ଦେ'ରେ ଜୀବନ୍!/ ଥରକୁ ଥର ମୁଁ ଯେମିତି ତୋର/ ଅଥଳ ଅଥୟ ଡଅଁର ଭିତରେ/ ଅତି ଛୋଟ ଏକ ହୁଲି ଡଙ୍ଗା ପରି/ ଏମିତି ଉଲ୍ଲାସରେ ବେଦନାରେ/ ନାଚୁଥିବି ଡେଉଁଥିବି ଘୂରୁଥିବି ଛିଟ୍‌କୁଥିବି/ ମୋକ୍ଷଫୋକ୍ଷ ମୋର ଲୋଡ଼ା ନାହିଁ।" (ଜୀବନ ପ୍ରତି, ସାଦାପୃଷ୍ଠା- ୩୬୬)।

ରାଜେନ୍ଦ୍ର ଜୀବନ ଓ ସମାଜ ପ୍ରତି ପ୍ରତିବଦ୍ଧ ସତ, କିନ୍ତୁ 'ଅନ୍ଧ ପକ୍ଷଭୁକ୍ତି ବା ସ୍ତାବକତା'ରେ ବିଶ୍ୱାସୀ ନୁହନ୍ତି। ତାଙ୍କ ମତରେ "ପ୍ରତିବଦ୍ଧତା ଏପରି ହେବା ଉଚିତ ଯେମିତି କବି ନିଜର ଦୋଷ ଦେଖି, ଅନ୍ୟାୟ- ଅନାଚାରରେ ନିଜର ପରୋକ୍ଷ ସଂଲିପ୍ତି ଦେଖି, କହିଦେଇପାରିବ: ପହିଲା ଗୁଳି ମୋତେ ମାର୍।" 'ନିଜ ପାଇଁ ନାନାବାୟା' କବିତାଗ୍ରନ୍ଥରେ ସ୍ଥାନିତ 'ଗୋଲାମ୍ ଦାସ୍' କବିତା। ବହୁ ଚର୍ଚ୍ଚିତ। ମୁହେଁ ମୁହେଁ ଘୂରିବୁଲେ ଆଜି ଏ କବିତାର କେତେକେତେ ଧାଡ଼ି: "ଅନାମ ଦାସ୍ ଅଧାମ୍ ଦାସ୍/ ଶୁଣ୍ ମୁଁ କହୁଚି ଗୋଲାମ୍ ଦାସ୍/ x x ମୁଁ ଦଲାଲ୍ ମୁଁ ଦଲାଲ୍/ ପହିଲା ଗୁଳି ମୋତେ ମାର୍...।" 'ଭୁବନେଶ୍ୱର' କବିତାରେ ଆହୁରି ଟାଣ୍ ତାଙ୍କ ସୃଜନ-ଦମ୍ଭ। ଡାକିହାକି କହନ୍ତି: "ଭୁବନେଶ୍ୱର!/ ମୁଁ ଖାତିର୍ କରେନା ତୋର ମଧୁପିଙ୍ଗଳ ମାନଚକ୍ରବର୍ତ୍ତୀମାନଙ୍କୁ/ ଶିରପା ମୁଦି ମକର କୁଣ୍ଡଳ ପାଇଁ କନ୍ଦଳ କରୁଥିବା/ ସାହିତ୍ୟର ସିହାଣା ସୌଦାଗରମାନଙ୍କୁ, ଭୁବନେଶ୍ୱର!/ ମୁଁ ଖାତିର୍ କରେନା/ ପାହାଡ଼ ପ୍ରମାଣ ନଥି ଭିତରେ 'ବ୍ରହ୍ମୋଽସ୍ମି' କହୁଥିବା/ ମୂଷିକମୁଖ କୁନି ସାଇବଙ୍କୁ।" (ଶୈଳକଳ୍ପ)। 'ଶ୍ରାବଣ' ଓ 'ହୁତାଶନ' ଯଦିଓ ଏକାଠି ଜଳୁଥାଏ ରାଜେନ୍ଦ୍ରଙ୍କ କବିତାରେ, ନବରତ୍ନ ସଭାରେ ପଶି ନିଜକୁ କିନ୍ତୁ 'ଦଶ' ବୋଲି ଗଣିବାର ଅହମିକା ତାଙ୍କର ନ ଥାଏ କେବେ। ବରଂ ମନରେ ଥାଏ ନମ୍ର ଅଭିଳାଷ: "ଯୋଉଠି ଯେତେବେଳେ ଯିଏ ବି କାନ୍ଦୁ ତା'ରି ପାଖରେ/ ଠିଆ ହୁଅନ୍ତି ମୁଁ/ ଘଡ଼ିଏ/ ପୋଛି ଦିଅନ୍ତି ଲୁହ, କହନ୍ତି: ମଣିଷ!/ କାନ୍ଦନା!" ('ଆଶ୍ୱାସ', 'ଶୈଳକଳ୍ପ'- ସାଦାପୃଷ୍ଠା-୩୬୦)।

କବି ମାତ୍ରକେ 'ପ୍ରେରଣିତ ଶିଶୁ' ସୃଜନର। ଅନ୍ତରରେ ମଙ୍ଗଳର ଆବାହନୀ: "ସବୁ ମଲାଲୋକ ଲେଉଟି ଆସନ୍ତୁ ଶିଶୁ ହୋଇ/ ସବୁ ବଡ଼ ମଣିଷ ଶିଶୁ ପାଲଟି ଯାଆନ୍ତୁ/ ସବୁ ଶିଶୁ ରହିଥାନ୍ତୁ ଶିଶୁ ହୋଇ/ ସବୁ ଶିଶୁ କବି ହୋଇ ରହିଥାଆନ୍ତୁ!" (ଶିଶୁ, ସାଦାପୃଷ୍ଠା- ୩୫୧)। ପତ୍ନୀ ଭିତରେ କବି ଆବିଷ୍କାର କରନ୍ତି ଚିରକାଳର ନାରୀକୁ। କହନ୍ତି: "ଅମୃତ ବୁନ୍ଦାକ ହୁଏତ ମୋ' ଭାଗ୍ୟରେ ନାହିଁ।/ ଏତିକି ଜାଣେ,/ ତୁମେ ଏମିତି ଏକ ସମୁଦ୍ର/ ଯାହାକୁ ନିରବଧି କାଳ ମନ୍ଥୁଥିଲେ ବି/ ହଳାହଳ ନିଗିଡ଼େ ନାହିଁ।" (ପତ୍ନୀ ପ୍ରତି, ଶୈଳକଳ୍ପ, ସାଦାପୃଷ୍ଠା- ୩୬୪)।

ରାଜେନ୍ଦ୍ରଙ୍କ କବିତାରେ ଥାଏ ଶୈଳୀର ନାନା ବୁଦ୍ଧିଦୀପ୍ତ ଛଟକ। ପୂର୍ବସୂରୀ କବିଙ୍କ କବିତା ସହ ତାଙ୍କ କବିତାର ଚେହେରା ମିଶେ ନାହିଁ। ନିଜ କବିତାରେ ବି ନିଜକୁ ଦୋହରାଇ ଯିବାର ସେ ପରିପନ୍ଥୀ। ସମଧର୍ମା ନୁହନ୍ତି, ଅସମଧର୍ମା ଯୁଯୁତ୍ସୁମାନଙ୍କ ପାଇଁ ସଦା ଅଭିପ୍ରେତ ଥାଏ ଚିର ଅନ୍ୱେଷୀ ତାଙ୍କ କବିତା। ଲୀଳା-କୁତୂହଳୀ ତାଙ୍କ ଶୈଳୀ। କେଇଟି ଉଦ୍ଧୃତି: ୧. "ନଈରେ ବାଲିଆ ଚହଟିବ/ ଡିମିରି ଫୁଲ ମହକିବ/ କାହାଳୀ ଘଣ୍ଟ ସଜାଡ଼ ଭାଇ/ ଛକଡ଼ି ପଧାନ ଯାଇଛି କହି/ ମନ୍ତ୍ରୀ ହୋଇ ନେଉଟିବ.../ ନେଉଟିବ।" (ନିଜ ପାଇଁ ନାନାବାୟା, ସାଦାପୃଷ୍ଠା-୩୮୫), ୨. "ଭୁଞ୍ଜ୍ ବୋଇଲେ ଖାଇବୁ/ ଆଉ ଗିଲ୍ ବୋଇଲେ ଉପାସ?/ କଥାକୁ ନ ବୁଝି ନଥାରେ ଗୁମାନ/ କାହିଁକିରେ ଧନ/ ତୋର କାହିଁରେ ଖମାର, ଉଆସ?" (ନିଜ ପାଇଁ ନାନାବାୟା, ସାଦାପୃଷ୍ଠା-୩୯୮), ୩. "କାନ୍ଥ ନ ଶୁଣିଲା କାନ୍ଥକୁ ଡିଏ/ ବାଡ଼ ନ ଶୁଣିଲା ବାଡ଼କୁ ଡିଏ?/ ଗହଳ ମାଣ୍ଡିଆ କେଉଁଠିରେ ବାୟା/ ପେଟେ ଓଦାକନା ଦେଏ/ ରାଣୀ ଶୋଇଛନ୍ତି ଗୁଷିବା ଘରେ ଯେ/ ସେଠି କୋଉ ନିଦ ହୁଏ!" ('ରଜାଘର ଭୋଜି', ସାଦାପୃଷ୍ଠା- ୩୯୨)। ଉକ୍ତିଗୁଡ଼ିକ ଭିତରେ ଚେକାଭିଡ଼ି ଶୋଇଛି ଶ୍ଳେଷ, 'ଅସ୍ତ୍ରମାନଙ୍କର ସଂଘାତରୁ ସମ୍ଭୂତ ଅଗ୍ନି'। (ବୋଧିନଭ-୩)

ଏକାଧିକ ଭଲ କବିତା ଲେଖିବା ସତ୍ତ୍ୱେ ସାରା ଜୀବନ କବି ଭୋଗିଛନ୍ତି ସ୍ୱ-କବିତା ପ୍ରତି ପାଠକର ଅସୂୟା ଓ ଅଣହେଳା। ବିଷାଦରେ ଜରିଜରି ଦିଶିଛନ୍ତି ବାଉଲ ପରି ବିଷଣ୍ଣ, ସୁଫୀ ସନ୍ନ୍ୟାସୀର ସ୍ୱର ପରି ଶୁଭିଛି ତାଙ୍କ ଉଦାସ କଣ୍ଠସ୍ୱର। ତାଙ୍କର ବୁଝିବା ବାକି ନ ଥିଲା ଯେ, ସାରା ଜୀବନ କବିତାରେ ବିତାଇବା ସତ୍ତ୍ୱେ ସ୍ୱ-ଅଭିଳଷିତ କବିତାଟି ସେ ଲେଖିପାରିଲେ ନାହିଁ। ତଥାପି ହାତରେ କଲମ ଥାଇ କବି ବିଦାୟ ନେଲେ। 'ଭୁବନେଶ୍ୱର' କବିତାରେ ସେ ବଚନ ଦେଇଛନ୍ତି- "ଯେତେବେଳେ ମରିଯିବି, ଆତ୍ମା ମୋର ବିଜେ କରିବ/ ରାଜାରାଣୀ ମନ୍ଦିରର/ ଛୋଟ ବଂଶୀବାଦକ ମୂର୍ତ୍ତିର ପଥର ଦେହ ପଥର ବଂଶୀରେ...।" ମନେହୁଏ, ବୃଥା ହେବନାହିଁ ମିଜାଜୀ କବି ରାଜେନ୍ଦ୍ରଙ୍କର ଏ ପ୍ରତିଶ୍ରୁତି!

ପ୍ରସ୍ତୁତି : ଡ. ହୃଷୀକେଶ ମଲ୍ଲିକ
ମୋ: ୯୮୫୩୨୮୭୭୫୫



[୨୪ ଜୁନ୍ ୧୯୪୪ – ୨୪ ଅକ୍ଟୋବର ୨୦୨୫]

## ଅପର ପକ୍ଷ

ରାଜେନ୍ଦ୍ର କିଶୋର ପଣ୍ଡା

ସମବେତ ପ୍ରାର୍ଥନା ଗାଇବା ପାଇଁ
ଧାଡ଼ି ବାନ୍ଧି ଠିଆ ହେବା କଥା ତ
ତୁମେ ସବୁ ଠିଆହୁଅ।
ମୁଁ କିନ୍ତୁ ସ୍ୱର ମିଳାଇ
ଗାଇବା ପାଇଁ ବାଧ୍ୟ ନୁହେଁ।

ହାତଟିଏ ବଢ଼ି ଆସିଲେ
ନ ମିଳାଇବି କେମିତି?
କିନ୍ତୁ ମିଳିତ ଦରଖାସ୍ତରେ
ମୋର ଦସ୍ତଖତ?
ନା, ଧନ୍ୟବାଦ।
ମଡ଼ାର ଟିପଚିହ୍ନ ମୋର ନୁହେଁ।
ମୋର ହାତମିଳା କିଛି ନୁହେଁ-
କେବଳ ଶିଷ୍ଟାଚାର।

ଚୌକିମାନଙ୍କୁ ସଲାମ କରି ଆସିଲେ ବି
ମୁଁ ଜାଣେ: ସମସ୍ତ ଚୌକି ଶୂନ୍ୟ।
ଆପୋସ ଭାବକୁ ମୋର ଘୃଣା।
ହାଃ
ପାଦ ପାଖେ କିଏ ମୁଁ ଜାଣେ
ମୁଣ୍ଡ କତିରେ କିଏ ମୁଁ ଜାଣେ
କିନ୍ତୁ
ଆଖି ଖୋଲି ପକ୍ଷଭୁକ୍ତ ହେବାକୁ
ମୁଁ ବାଧ୍ୟ ନୁହେଁ।


ପକ୍ଷ କଥା ଉଠୁଛି ତ
ମୋତେ ସାମିଲ କର ଅପର ପକ୍ଷରେ
(ଶରଣ ପଶିବାର ସୌଭାଗ୍ୟ
ମୋର ନାହିଁ)
ତୁମର ଅପର ପକ୍ଷ ବି ଜାଣେ
ଯେ, ମୁଁ ତା'ର ବି ଅପର ପକ୍ଷରେ।
ଏକ ବଚନ।

[କବିତାର ନିର୍ବାଚିତ ଅଂଶ ସ୍ଥାନିତ]

ପୁସ୍ତକ ପରିଚୟ

## ଓଡ଼ିଶାରେ ଦର୍ଶନଶିକ୍ଷାର ଇତିହାସ


**ଲେଖକ:** ଡ. ନାରାୟଣ ମହାନ୍ତି
**ପ୍ରକାଶକ:** ଅଧ୍ୟାପିକା ନୀହାରିକା ଦାସ ସ୍ମୃତିନ୍ୟାସ, ଝାଞ୍ଜିରିମଙ୍ଗଳା, କଟକ-୯
**ଦ୍ୱିତୀୟ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୩୦୦/-




ଆଲୋଚ୍ୟ ପୁସ୍ତକର ପ୍ରଥମ ସଂସ୍କରଣ ୨୦୧୯ରେ ପ୍ରକାଶ ପାଇଥିଲା ଓ ଦ୍ୱିତୀୟ ସଂସ୍କରଣ ଏବେ ପ୍ରକାଶ ପାଇଛି। ବିଶିଷ୍ଟ ଦାର୍ଶନିକ ଓ ଲେଖକ ପ୍ରୟାତ ହୃଦାନନ୍ଦ ରାୟଙ୍କ ପ୍ରେରଣା ଏହି ଗ୍ରନ୍ଥ ପ୍ରକାଶନ ମୂଳରେ ରହିଛି ବୋଲି ଲେଖକ ସୂଚାଇଛନ୍ତି। ପ୍ରଥମ ସଂସ୍କରଣର ମୁଦ୍ରିତ ସମସ୍ତ ପାଞ୍ଚଶହ କିତା ନିଃଶେଷ ହୋଇଯିବା ପରେ ଓ ପ୍ରଥମ ସଂସ୍କରଣର ଅପୂର୍ଣ୍ଣତାକୁ ପୂରଣ କରିବା ଲକ୍ଷ୍ୟରେ ଦ୍ୱିତୀୟ ସଂସ୍କରଣ ପ୍ରକାଶର ପରିକଳ୍ପନା କରାଯାଇଛି। ଏଥିରେ ମଧ୍ୟ ସେ ପ୍ରାପ୍ତ ଓ ଉପଲବ୍ଧ ସମସ୍ତ ତଥ୍ୟକୁ ଅନ୍ତର୍ଭୁକ୍ତ କରିପାରିନାହାନ୍ତି ବୋଲି ମୁଖବନ୍ଧରେ ଅକୁଣ୍ଠ ସ୍ୱୀକାରୋକ୍ତି ପ୍ରଦାନ କରିଛନ୍ତି। ଯାହା ମନେହୁଏ, 'ଓଡ଼ିଶାରେ ଦର୍ଶନଶିକ୍ଷା' ସମ୍ପର୍କରେ ଡକ୍ଟର ମହାନ୍ତିଙ୍କର ଏହି ଗ୍ରନ୍ଥଟି ହେଉଛି ସର୍ବପ୍ରଥମ ଉଦ୍ୟମ। ଏଥିରେ ମୋଟ ଦଶଟି ଅଧ୍ୟାୟ ରହିଛି। ପ୍ରଥମ ଅଧ୍ୟାୟରେ ରେଭେନ୍‌ସା କଲେଜ (ଯେଉଁଠୁ ରାଜ୍ୟରେ ଦର୍ଶନ ଶିକ୍ଷାର ଭିତ୍ତି ସ୍ଥାପନ ହୋଇଥିଲା), ଦ୍ୱିତୀୟରେ ବେସରକାରୀ କଲେଜ ସମୂହ, ତୃତୀୟରେ ସରକାରୀ କଲେଜ ସମୂହ, ଚତୁର୍ଥରେ ଉତ୍କଳ ବିଶ୍ୱବିଦ୍ୟାଳୟ, ପଞ୍ଚମରେ ସ୍ନାତକୋତ୍ତର ପରୀକ୍ଷାରେ ପ୍ରଥମ ହୋଇଥିବା ଛାତ୍ରୀଛାତ୍ରଙ୍କ ତଥ୍ୟ, ଷଷ୍ଠରେ ଦର୍ଶନଶାସ୍ତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ତୁଙ୍ଗ ବ୍ୟକ୍ତିବିଶେଷ, ସପ୍ତମରେ ଓଡ଼ିଆ ସାହିତ୍ୟକୁ ଦର୍ଶନଶାସ୍ତ୍ରବିତ୍‌ମାନଙ୍କର ଅବଦାନ, ଅଷ୍ଟମରେ ବିଭିନ୍ନ କ୍ଷେତ୍ରରେ ଦର୍ଶନଶାସ୍ତ୍ରବିତ୍‌ଙ୍କ ଅବଦାନ, ନବମରେ ବିଦେଶରେ ଓଡ଼ିଶାର ଦର୍ଶନ ଶାସ୍ତ୍ରବିତ୍ ଓ ଦଶମରେ ଦର୍ଶନଶାସ୍ତ୍ରରେ ସ୍ନାତକୋତ୍ତର ଶ୍ରେଣୀ ଆଦି ପ୍ରସଙ୍ଗ ରହିଛି। ଏଭଳି ଏକ ପୁସ୍ତକ ଓଡ଼ିଶାର ବର୍ତ୍ତମାନ ପିଢ଼ି ଓ ଭବିଷ୍ୟତ ପିଢ଼ିର ଦର୍ଶନଶାସ୍ତ୍ର ଅନୁରାଗୀ ତଥା ସାଧାରଣ ପାଠିକା ପାଠକଙ୍କ ପାଇଁ ଯେ ଅତ୍ୟନ୍ତ ଉପଯୋଗୀ, ଏଥିରେ ସନ୍ଦେହ ନାହିଁ।

## ଶ୍ରୀକୃଷ୍ଣ କୃଷ୍ଣା

**କବୟିତ୍ରୀ:** ଭାନୁମତୀ ସାହୁ
**ପ୍ରକାଶକ:** ବ୍ଲାକ୍ ଈଗଲ୍ ବୁକ୍ସ, ଭୁବନେଶ୍ୱର/ଡବ୍‌ଲିନ୍, ଆମେରିକା
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୦୦/-




ବହିଟିର ଦୁଇଟି ଭାଗ। ପ୍ରଥମରେ 'ଶ୍ରୀକୃଷ୍ଣ' ଓ ଦ୍ୱିତୀୟ ଭାଗରେ 'କୃଷ୍ଣା'- କୃଷ୍ଣ ଓ ଦ୍ରୌପଦୀଙ୍କୁ ଚରିତ୍ର କରି ଦୁଇଟିଯାକ ଦୀର୍ଘ କବିତା ଲେଖାଯାଇଛି। କବିତା ଦ୍ୱୟର ଭିତ୍ତି ହେଉଛି 'ଈଶ୍ୱର ବିଶ୍ୱାସ'। ଶ୍ରୀକୃଷ୍ଣ କବିତାଟି ଏକ ସ୍ୱପ୍ନିଳ ସମ୍ମୋହନ ଭିତରୁ ଭୂମିଷ୍ଠ, ଯେଉଁଠି କବୟିତ୍ରୀ କହନ୍ତି: "ଜନ୍ମର ଆରମ୍ଭରୁ ଓ ଜନ୍ମର ଶେଷ ପର୍ଯ୍ୟନ୍ତ/ ତୁମ ପାଦତଳେ ମୁଁ ହିଁ ସମର୍ପିତ/ ଅନ୍ୟର ଉପେକ୍ଷାରେ ମନରେ ବିଷ ଭରେ/ ତଥାପି ଭଲ ପାଇବାର ଦ୍ୱାହି ଦେଇ/ ନିଜକୁ ସମ୍ଭାଳେ।" (ପୃ:୪୭)। 'ଶ୍ରୀକୃଷ୍ଣ'ରେ ମୋଟ ୩୮ଟି ଭାଗ ରହିଛି, ସବୁଥିରେ କୃଷ୍ଣଙ୍କୁ ନେଇ କବୟିତ୍ରୀଙ୍କର ମନୋଭାବନା ସ୍ଥାନିତ। 'କୃଷ୍ଣା'ରେ ଲେଖିକା କହନ୍ତି ଦ୍ରୌପଦୀଙ୍କ କା' ହେଇ ଶ୍ରୀକୃଷ୍ଣଙ୍କୁ: "ଶୋକ, ଦୁଃଖ, ଯନ୍ତ୍ରଣାର ମାୟାର ଭ୍ରମରେ ପଡ଼ି/ ଭ୍ରମି ଭ୍ରମି ମାୟାଗ୍ରସ୍ତା ହେଲି/ ଆଜି ହିମାଳୟ ପଥର ଯାତ୍ରାରେ/ ନିଃଶେଷ କରିଦିଅ ମୋତେ କ୍ଷଣକରେ/ ମିଶୁ ମୋର ଆତ୍ମା ତୁମ ପରମାତ୍ମାଠାରେ।" (ପୃ:୧୩୨)। କୃଷ୍ଣାରେ ରହିଛି ୨୭ଟି ଭାଗ। କବିତାର ଗୁଣାଗୁଣ ସମ୍ପର୍କରେ ମନ୍ତବ୍ୟ ଦେବାଠୁଁ ଶ୍ରେୟସ୍କର ବହିଟିକୁ କେବଳ ପାଠିକାପାଠକଙ୍କ ଆଗରେ ନିଷ୍ପକ୍ଷ ଭାବେ ତୋଳିଧରିବା। ଆଶା, କବୟିତ୍ରୀଙ୍କ ଶବ୍ଦସେବା ବ୍ୟର୍ଥ ଯିବ ନାହିଁ।

କାଳକାଳକୁ



**"ଆକ୍ରମଣ କରୁଥିବା ଶତ୍ରୁଙ୍କୁ ଡର ନାହିଁ, ଡର ତୋଷାମଦି କରୁଥିବା ବନ୍ଧୁଙ୍କୁ।"**
**– ଡେଲ୍ କାର୍ନେଗୀ**

**ଡେଲ୍ କାର୍ନେଗୀଙ୍କ** ଜନ୍ମ ୨୪ ନଭେମ୍ବର ୧୮୮୮ରେ ଆମେରିକାର ମିସୌରୀରେ ଓ ପରଲୋକ ୦୧ ନଭେମ୍ବର ୧୯୫୫ରେ ନ୍ୟୁୟର୍କର ଫରେଷ୍ଟ୍ ହିଲ୍‌ସରେ। ବୃତ୍ତି ଅଧ୍ୟାପନା ଓ ରୁଚି ଲେଖାଲେଖି। ତାଙ୍କର ପ୍ରସିଦ୍ଧ ଗ୍ରନ୍ଥଗୁଡ଼ିକ ହେଲା- 'ହାଓ ଟୁ ୱିନ୍ ଫ୍ରେଣ୍ଡସ ଆଣ୍ଡ ଇନ୍‌ଫ୍ଲୁଏନ୍‌ସ ପିପୁଲ୍' (୧୯୩୬), 'ହାଓ ଟୁ ଷ୍ଟପ୍ ୱରିଙ୍ଗ୍ ଆଣ୍ଡ୍ ଷ୍ଟାର୍ଟ ଲିଭିଂ' (୧୯୪୮) ଓ 'ଲିଙ୍କନ୍ ଦ ଅନ୍‌ନୋନ୍' (୧୯୩୨)। ସେ କହୁଥିଲେ: "ବିଫଳତା ଭିତରୁ ସଫଳତା ଆହରଣ କର" ଏବଂ କହୁଥିଲେ: "ଉପଯୋଗ ନ ହେବା ଯାଏଁ ଜ୍ଞାନ ଶକ୍ତି ନୁହେଁ।" ଲୋକଶକ୍ତି ନିର୍ମାଣରେ ନିଜର ବିଦ୍‌ବତ୍ତା ଓ ମହତ୍ତର ଯୋଗଦାନ ପାଇଁ ସେ 'ଗ୍ଲୋବାଲ ଲିଡରଶିପ୍ ଆୱାର୍ଡସ'ରେ ସମ୍ମାନିତ ହୋଇଥିଲେ।

ଅନୁବାଦ ଗଳ୍ପ

## ମନୁଷ୍ୟ

ମୂଳହିନ୍ଦୀ- ଡ. ଚନ୍ଦ୍ରେଶ କୁମାର ଛତଲାନୀ
ଅନୁବାଦ- ମଧୁସ୍ମିତା ପଟ୍ଟନାୟକ

**ଲେ**ଖକ ମୋହିତ ହେଇଯାଇଥିଲେ ତା'ର ରୂପ ଦେଖି। ସେଥିପାଇଁ ପ୍ରତିଦିନ ତା'ର ପିଛା କରି କରି ଲେଖୁଥିଲେ ବହିଟିଏ ତା' ଉପରେ। ଆଜି ସେ ବହିକୁ ଶେଷ କରିବାକୁ ଯାଉଥିଲେ। ସେ ପ୍ରଥମ ପୃଷ୍ଠା ଖୋଲିଲେ, ଯେଉଁଥିରେ ଲେଖାଥିଲା "ଆଜି ମୁଁ ତାକୁ କଇଁଛ ରୂପରେ ଦେଖିଲି, ସେ ନିଜ ଖୋଳପା ଭିତରେ ପଶିଥିଲା"।

ତା'ପରେ ଦ୍ୱିତୀୟ ପୃଷ୍ଠା ଖୋଲିଲେ, ସେଥିରେ ଲେଖାଥିଲା "ଆଜି ସେ ବିଲୁଆ ରୂପରେ ଥିଲା"। ଜଣକ ପଛରେ ଜଣେ ସମସ୍ତେ ଆଖି ବନ୍ଦ କରି ଚିଲୋଉଥିଲେ।

ଆଉ ତୃତୀୟ ପୃଷ୍ଠାରେ ଲେଖାଥିଲା, "ଆଜି ସେ ଥିଲା ଈଶ୍ୱରଙ୍କ ରୂପରେ ଆଉ ତାକୁ ନିଦରେ ଲାଗୁଥିଲା କି ସେ କୌଣସି ଅବତାରଙ୍କୁ ସୃଷ୍ଟି କଲା"।

ତା' ପର ପୃଷ୍ଠାରେ ଲେଖାଥିଲା, "ଆଜି ସେ ଗୋଟିଏ ମେଣ୍ଢା ଥିଲା। ରାସ୍ତା ସମ୍ପର୍କରେ ତା'ର କୌଣସି ଜ୍ଞାନ ନ ଥିଲା। ସେ ଆଖି ବନ୍ଦ କରିଥିଲା ଆଉ ତାକୁ ବାଡ଼େଇ ବାଡ଼େଇ ଚରାଉଥିଲା"। ତା' ପର ପୃଷ୍ଠାରେ ଲେଖା ହୋଇଥିଲା, "ଆଜି ସେ ମୃଦୁ ପାନୀୟ ବୋତଲ ରୂପରେ ଥିଲା, ଆଉ ତା'ର ରକ୍ତ ପିଇବାକୁ ଯାଉଥିଲା"। ଯାହାକୁ ସେ ନିଜର ସୃଜିତ ଅବତାର ବୋଲି ଭାବୁଥିଲା, ତାକୁ ଭବିଷ୍ୟତର ସ୍ୱପ୍ନରେ ବୁଡ଼େଇ ରଖିଥିଲା।

ଲେଖକଙ୍କର ଆଗକୁ ଥିବା ପୃଷ୍ଠା ଆଉ ପଢ଼ାଗଲା ନାହିଁ। ତାଙ୍କ ଭଲପାଇବା ତାଙ୍କୁ ଅଟକେଇଦେଲା ଆଉ ଆଗକୁ ପଢ଼ିବାରୁ। ପ୍ରଥମ ପୃଷ୍ଠା ତଳେ ସେ ଲେଖିଲା- 'ଅକର୍ମଣ୍ୟ'! ଦ୍ୱିତୀୟ ପୃଷ୍ଠା ତଳେ ଲେଖିଲା- 'ରାଜନୈତିକ ସ୍ଲୋଗାନ', ତୃତୀୟ ପୃଷ୍ଠା ଶେଷରେ ଲେଖିଲା- 'ନିର୍ବାଚନରେ ବିଜୟ', ଚତୁର୍ଥ ପୃଷ୍ଠା ଶେଷରେ ଲେଖିଲା- 'ଚେସ୍‌ର ଗୋଟି', ପଞ୍ଚମ ପୃଷ୍ଠା ଶେଷରେ ଲେଖିଲା- 'ମହଙ୍ଗାଇ'। ଶେଷରେ ବହିକୁ ବନ୍ଦକରି ଶୀର୍ଷକ ରଖିଲା- 'ମନୁଷ୍ୟ'।

ପ୍ଲଟ ନମ୍ବର-୨୭, ବ୍ରହ୍ମେଶ୍ୱରବାଗ,
ଟଙ୍କପାଣି ରୋଡ, ଭୁବନେଶ୍ୱର-୭୫୧୦୧୮

କବିତା

## ବର୍ଣ୍ଣବାଦ

ଭରତ ବେହେରା

**ଏ**ମିତି ଥିଲା
ବର୍ଣ୍ଣବାଦର କରୁଣ ପରିଣତି ଯେ
ଜିଇବାକୁ ହେଲା ସାରା ଜୀବନ
ପୁରୁଷ ପୁରୁଷ ଗାଁ ଶେଷମୁଣ୍ଡ
ଅପହୃତ ହୋଇଥିଲା
ମଣିଷର ମଞ୍ଜି: ଜିନ୍ ଜେନମ୍।

ସେମାନଙ୍କ ଭାଗରେ
ନା ଥିଲା ପ୍ରସ୍ଥପ୍ରସ୍ଥ ଘର
ନା ବାଟିବାଟି ଜମି।

ଥିଲା: ହଜାର ବର୍ଷର ଘୃଣା, ଅପମାନ
ଯୁଗଯୁଗରୁ ଅବନତ ହୋଇଥିଲା ମଥା
ଭାଙ୍ଗି ଦିଆଯାଇଥିଲା
ଗର୍ଦ୍ଦନର ଗାଢ଼ ଗଢ଼ଣ।

ତେବେ ବି ସବୁ ଅବିଚାର ଅନାଦର
ମୁଣ୍ଡରେ ମୁଣ୍ଡେଇ ସେମାନେ ଚାଲିଛନ୍ତି
ଜିଇଛନ୍ତି ଶତାବ୍ଦୀ ଶତାବ୍ଦୀ।

ସେମାନଙ୍କର ଥିଲା କଳା ମଟମଟ ଦେହ
ଥିଲା ବଳିଷ୍ଠବାହୁ
ଥିଲା କମରର ଅପ୍ରମିତ ବଳ
ଲମ୍ବା ସମୟ ଖଟିବାର ତାକତ।

ଅଥଚ ପାଦତଳ ମାଟି ନଥିଲା
ଏକାନ୍ତ ନିଜର।

ସେମାନଙ୍କ ଉପଜାତିର ନାମ
ଏତେ ତିକ୍ତ, ଏତେ କଟୁ ଯେ
ଉଚ୍ଚାରଣ କଲାକ୍ଷଣି ଦୁହିଁଯାଏ
ସାରାଦେହ ଶିରା ଓ ପ୍ରଶିରା
ଅନୁଦିନ ଅନୁକ୍ଷଣ କିଏ ଯେମିତି
ବିନ୍ଧ କରେ କଳିଜାରେ କଣ୍ଟା।

ଏତେ ଘୃଣା, ଅବିଚାର, ଅପମାନ ସତ୍ତ୍ୱେ
ସେମାନେ ତୁଠର ପଥର ପରି ସବୁ ସହିଛନ୍ତି
କାଳ ନିରବଧି।
ସେମାନଙ୍କ ଉଦାରତାର ଲମ୍ବ ପ୍ରସ୍ଥ
ସହଣିର ଗଭୀରତା, ଖଟଣିର ମୂଲ୍ୟ
ଆକଳନ କିଏ ସେ କରିବ?
ଦେଖ, ବର୍ଣ୍ଣବାଦର ଜଳନ୍ତା ବହ୍ନି
ଜାଳିପୋଡ଼ି ପାଉଁଶ କରିଛି
କୋଟି କୋଟି ନିଉଚ୍ଛୁଣା ମାମୁଲି ମଣିଷ।

ଏମ୍.ଆଇ.ଜି.-୨୨
ଜି.ଏସ୍.ନଗର, ଜଗତପୁର, କଟକ
ମୋ: ୯୪୩୭୫୭୦୧୨୦

## ଅଶରୀରୀ

ଦୀପ୍ତି ମିଶ୍ର

**ଆ**ଜିକାଲି କିଏ ଗୋଟେ
ମୋ' ପାଖେପାଖେ ରହୁଛି
ମୋତେ ସବୁବେଳେ ଜଗିଛି,
କାଳେ କାହାକୁ କହିଦେବି
'ତୁମେ ମୋ ନିଜର...
ମୁଁ ତୁମକୁ ଖୁବ୍ ଭଲପାଏ।'

କାରଣ ଏଠି ସଂପ୍ରୀତିର ଅନୁଭବ
ଆଣିଦିଏ ବିଷାକ୍ତ ଅନୁଭୂତି,
ଝରଣା ବି ତା'ର କୁଳୁକୁଳୁ ସ୍ୱରକୁ
ବେଳେବେଳେ ହରାଇଦିଏ,
ଏଇ ଭାବମୟ ସଂସାରରେ
ଭାବର ବନ୍ଧନରେ ବାନ୍ଧି ହେବାକୁ
ସଂକୋଚ କରେ।

ଆଉ ଏଠି 'ପ୍ରୀତି' 'ପ୍ରୀତି' କହି
ଯେଉଁମାନେ ଚିତ୍କାର କରନ୍ତି
ସେମାନେ ବୁଝନ୍ତି ନାହିଁ
ପ୍ରୀତିର ସୌଷମ୍ୟ,
ପ୍ରୀତିର ଲାବଣ୍ୟ
'ପ୍ରୀତି'ଟା ସତେ ଅବା ତାଙ୍କ
ଗୋଡ଼ ତଳର ଦାସ
ତାଙ୍କ ହାତଗଢ଼ା କଣ୍ଢେଇ
ଯେତେବେଳେ ଚାହିଁବେ
ସେତେବେଳେ ପାଉଥିବେ ତାକୁ,
ଆଉ ମନଇଚ୍ଛା ବ୍ୟବହାର କରିବେ
ଯେପରି ଚାହିଁବେ।

ଆଜିକାଲି କିଏ ଗୋଟେ ମୋର
ପାଖେପାଖେ ରହୁଛି
ଜାଣିପାରୁନି ସେ 'ପ୍ରୀତି' ନା 'ଭୀତି'
ଏ ଦୁନିଆ ମୋତେ
ଯାହା ଦେବାର ତ ଦେଇଛି
ଆଉ କ'ଣ ବା ଦେବ?
ଯାହା ଦେଉ ବା ନ ଦେଉ ମୋତେ
ଚିହ୍ନେଇ ଦେଇଛି କିନ୍ତୁ ଆପଣାକୁ।

ମୋ: ୯୪୩୮୪୦୪୩୦୮

ଦୁଇଟି ମିନି କବିତା

କୃଷ୍ଣା ମିଶ୍ର

## କୋଣାର୍କ


**କୋ**ଣାରକେ ଶିଳାପଦ୍ମ
ଆଉ ଫୁଟେ ନାଇଁ,
କାରୁକଳା ଧୋଇଗଲା ପରେ
କାଳର ସୁଅରେ,
ଉଜୁଡ଼ା ମନର ଭାବ
କେବଳ ହିଁ ସୂର୍ଯ୍ୟ ବୁଝିପାରେ
ସେଇଥିପାଇଁ ତ ନିତିଦିନ
ଭଙ୍ଗା ଦେହକୁ ତା'ର ଆଦରରେ
ଛୁଇଁଯାଏ, ସକାଳର
କଅଁଳ ଖରାରେ!

## ଦିନେ କେବେ

**ଦି**ନେ ତ ଫୁଟିବ ଫୁଲ,
ପାଣି କିଏ ଦଉ କି ନ ଦଉ
ପାଚି ଝଡ଼ୁଥିବ ଫଳ
ତୋଳି କିଏ ନଉ କି ନ ନଉ।

ସେ ଗଛକୁ ରୋପି ଦେଇ
ତା' ଦେହେ ମୋ' ଆତ୍ମା ଥାପିଦେବି
ଫୁଲ ଫଳ ଭରିଥିବ
ଜାଣେନି, ମୁଁ ଥିବି କି ନ ଥିବି।

ବାଣପୁର, ଖୋର୍ଦ୍ଧା
ମୋ: ୯୮୫୩୩୭୫୭୩୪




# ଆଜିଠାରୁ ଖୋଲିବ 'ସୁଭଦ୍ରା' ପୋର୍ଟାଲ

ଭୁବନେଶ୍ୱର,୩୧।୧୦(ସୁଚିସ୍ମିତା ସାହୁ)

- ୨୧ ବର୍ଷ ହୋଇଥିଲେ କରିପାରିବେ ଆବେଦନ
- ନୂଆପଡ଼ା ବ୍ୟତୀତ ରାଜ୍ୟର ସମସ୍ତ ଜିଲାରେ ଖୋଲିବ ପୋର୍ଟାଲ

'ସୁଭଦ୍ରା' ଯୋଜନାରେ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ଲାଗି ନଭେମ୍ବର ୧ ଶନିବାରଠାରୁ ପୋର୍ଟାଲ ଖୋଲିବ। ଏହି ପୋର୍ଟାଲ ମାଧ୍ୟମରେ ୨୦ ବର୍ଷ ପୂରି ୨୧ ଚାଲୁଥିବା ଯୁବତୀମାନେ ସୁଭଦ୍ରା ସହାୟତା ପାଇଁ ଆବେଦନ କରିପାରିବେ। ଏଥିସହ ଯେଉଁମାନେ ପୂର୍ବରୁ ଆବେଦନ କରିପାରି ନାହାନ୍ତି, ସେମାନେ ମଧ୍ୟ ସୁଯୋଗ ପାଇବେ। ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା ନୂଆପଡ଼ା ଜିଲାକୁ ଛାଡି ଅନ୍ୟ ସମସ୍ତ ଅଞ୍ଚଳର ମହିଳା ଆବେଦନ କରିପାରିବେ। ନୂଆ ହିତାଧିକାରୀ ଆସନ୍ତା ମାର୍ଚ୍ଚ ୮ ଅନ୍ତର୍ଜାତୀୟ ମହିଳା ଦିବସରେ ସୁଭଦ୍ରା କିସ୍ତି ପାଇବେ। ସେହିଦିନ ଚତୁର୍ଥ କିସ୍ତି ମିଳିବା ସହିତ ନୂଆ ଆବେଦନକାରୀଙ୍କୁ ମଧ୍ୟ କିସ୍ତି ବଣ୍ଟନ କରାଯିବ। ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଶୁକ୍ରବାର ଭୁବନେଶ୍ୱରଠାରେ ସୁଭଦ୍ରା ଏକତା ପଦଯାତ୍ରାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ପୂର୍ବରୁ ମାର୍ଚ୍ଚ ୩୧ରେ ପ୍ରଥମ ପର୍ଯ୍ୟାୟ ସୁଭଦ୍ରା ଆବେଦନକୁ ବନ୍ଦ କରାଯାଇଥିଲା। ସେବେଠାରୁ ପୋର୍ଟାଲ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଫଳରେ ମାର୍ଚ୍ଚ ୩୧ ପରେ ଯେଉଁମାନଙ୍କୁ ୨୧ ବର୍ଷ ହୋଇଯାଇଥିଲା ସେମାନେ ଆଉ ଆବେଦନ କରିପାରି ନ ଥିଲେ। ସେହିପରି ଯେଉଁମାନେ କୌଣସି କାରଣ ଯୋଗୁ ଆବେଦନ କରିପାରି ନାହାନ୍ତି ସେମାନେ ମଧ୍ୟ ଆବେଦନ କରିପାରିବେ। ସେଥିପାଇଁ ସୁଭଦ୍ରା ପୋର୍ଟାଲକୁ ପୁଣିଥରେ ଖୋଲାଯାଉଛି। ଏତଦ୍‌ବ୍ୟତୀତ ନିକଟସ୍ଥ ଆମ ସେବା କେନ୍ଦ୍ର କିମ୍ବା ଜନସେବା କେନ୍ଦ୍ରରେ ମଧ୍ୟ ଦେୟମୁକ୍ତ ଭାବେ ପଞ୍ଜୀକରଣ କରାଯାଇପାରିବ। ଏଥିପାଇଁ ଆଧାର ନମ୍ବର ଓ ଆଧାର ସହ ଲିଙ୍କ ଥିବା ମୋବାଇଲ ନମ୍ବର ପ୍ରଦାନ କରି ଜଣେ ହିତାଧିକାରୀ ଆବେଦନ କରିପାରିବେ। ସୁଭଦ୍ରା ନିୟମାବଳୀ ଅନୁଯାୟୀ ଯୋଗ୍ୟ ବିବେଚିତ ସମସ୍ତ ଆବେଦନକାରୀଙ୍କୁ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଦୁଇଟି କିସ୍ତି ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

# ନୂଆପଡ଼ା: ଏବେ ବି ନାହିଁ ନେଟ୍‌ୱର୍କ

ନୂଆପଡ଼ା,୩୧।୧୦(ମକାରୁ ବେମାଲ)



ଦେଶ ଏବେ ବିକାଶ ପଥରେ ଅଗ୍ରସର ହେଉଛି। ଭାରତ ଆତ୍ମନିର୍ଭର ହେବା ନେଇ କେନ୍ଦ୍ର ସରକାର କହୁଛନ୍ତି। ହେଲେ ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ଏକାଧିକ ଗାଁରେ ମୋବାଇଲ ଫୋନ୍ ନେଟ୍‌ୱର୍କ ମୂଳରୁ ନାହିଁ। ଯଦି ନେଟ୍‌ୱର୍କ ନ ଥିବ ତେବେ ଜଣେ ମୋବାଇଲ ଫୋନ୍ ବ୍ୟବହାର କରିପାରିବ ନାହିଁ। ଏଥିରୁ ସେଠାକାର ଲୋକଙ୍କ ସମସ୍ୟା କେତେ ଜଟିଳ ହୋଇଥିବ ତାହା ସହଜେ ଅନୁମେୟ। ନୂଆପଡ଼ା ସଦର ବ୍ଲକ ଅନ୍ତର୍ଗତ କାଦୋମେରୀ ଗ୍ରାମ ପଞ୍ଚାୟତର କୋନ୍ଦାଡାପ ଗାଁରେ ମୋବାଇଲ ନେଟ୍‌ୱର୍କ ଉପଲବ୍ଧ ନ ଥିବାବେଳେ ଆମେ ସେଠାରେ ଉପନିର୍ବାଚନ ସ୍ଥିତି ସମ୍ପର୍କରେ ବୁଝିବାକୁ ଯାଇଥିଲୁ। ନିର୍ବାଚନ କଥା ପଚାରିବାବେଳେ ସେହି ଗାଁର ବହୁ ଯୁବତୀ ଓ ଯୁବକ ଆମକୁ ଘେରିଯାଇ କହିଥିଲେ, ଆଜ୍ଞା ନେତାମାନେ ଯେମିତି ଆସି ନିଜ ସ୍ୱାର୍ଥପୂରଣ ପାଇଁ ବାକଚାତୁରି କଥା କହିଦେଇ ଯାଉଛନ୍ତି, ବର୍ତ୍ତମାନ ସମୟରେ ଗଣମାଧ୍ୟମ ଯଦି ନିଜ ଦାୟିତ୍ୱ ଭୁଲିଯାଏ, ତେବେ ଦେଶର ଅବସ୍ଥା ରସାତଳଗାମୀ ହେବାକୁ ଆଉ ବେଶିଦିନ ଲାଗିବ ନାହିଁ। ଏହି କ୍ରମରେ ନୂଆପଡ଼ା ବ୍ଲକ ଅନ୍ତର୍ଗତ କେନ୍ଦୁବାହାରା ପଞ୍ଚାୟତର ସିରଗିଡ଼ି, ଭଇଷାଦରା ଓ କେରମେଲି ପଞ୍ଚାୟତର କାଙ୍ଗେରମେଞ୍ଜି, ଗୋଲାବନ୍ଧ, ମାରାଗୁଡା ଆଦି ଗାଁକୁ ଯାଇ ନେଟ୍‌ୱର୍କ ବିଷୟରେ ବୁଝିଥିଲୁ। କେରମେଲିର ଲିଙ୍ଗରାଜ ମାଝୀ କହୁନ୍ତି, ଏଠାରେ ସୁବିଧା କହିଲେ କିଛି ନାହିଁ। ସବୁଠୁ ଦୁଃଖର ବିଷୟ ଏଠାରେ ମୋବାଇଲ ନେଟ୍‌ୱର୍କ ନାହିଁ। ଆମପିଲା ପାଠ ପଢ଼ିପାରୁନି। ସରକାର ବିଭିନ୍ନ ଜରୁରିକାଳୀନ ସେବା ପାଇଁ ଟୋଲଫ୍ରି ନମ୍ବର ଜାରି କରୁଛନ୍ତି। ଥରେ ଚିନ୍ତା କରନ୍ତୁ, ଏହି ଗାଁରେ ଦୁର୍ଭାଗ୍ୟବଶତଃ ଯଦି କାହା ଘରେ ନିଆଁ ଲାଗିଯାଏ, ଯଦି କାହାର କିଛି ହଠାତ୍ ଦେହ ଅସୁସ୍ଥ ହୋଇପଡ଼େ, ମୋବାଇଲ ନେଟ୍‌ୱର୍କ ବିନା ଆମ ଗାଁ ଲୋକ କ'ଣ କରିପାରିବେ। କେନ୍ଦୁବାହାରା ଓ କେରମେଲି ପଞ୍ଚାୟତର ହିତାଧିକାରୀମାନେ ରାଶନ ସାମଗ୍ରୀ ଆଣିବା ପାଇଁ ଯାଇ ହଟହଟା ହେଉଛନ୍ତି। ପଞ୍ଚାୟତ କର୍ମଚାରୀମାନେ ପାହାଡ଼ିଆ କିମ୍ବା ଢିପ ସ୍ଥାନକୁ ଯାଇ ନେଟ୍‌ୱର୍କ ସର୍ଚ୍ଚ କରୁଛନ୍ତି, ଯେଉଁଠାରେ ନେଟ୍‌ୱର୍କ ଆସେ ସେଠାରେ ରହି ହିତାଧିକାରୀଙ୍କ ଫିଙ୍ଗର ପ୍ରିଣ୍ଟ ନେଇଥାନ୍ତି। ପାହାଡ଼ ଉପରେ ହିତାଧିକାରୀମାନେ ଫିଙ୍ଗର ପ୍ରିଣ୍ଟ ଦେଇ ପଞ୍ଚାୟତକୁ ଯାଇ ଚାଉଳ ନେଇଥାନ୍ତି।

# ବିଜେଡି ନେତାଙ୍କ ଭଡ଼ାଘରେ ନିର୍ବାଚନ ଅଧିକାରୀଙ୍କ ଚଢ଼ାଉ

**ନୂଆପଡ଼ା ଉପନିର୍ବାଚନ**

## ଅଧିକାରୀଙ୍କ କାର୍‌କୁ ଘେରି ସ୍ଲୋଗାନ ଦେଲେ ବିଜେଡି ନେତା

ନୂଆପଡ଼ା,୩୧।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ନୂଆପଡ଼ା ଉପନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମ ଜୋର ଧରୁଥିବାବେଳେ କିଛି ଘଟଣା ରାଜନୈତିକ ସ୍ଥିତିକୁ ଉଷ୍ମ କରିଦେଉଛି। ଶୁକ୍ରବାର ପୂର୍ବାହ୍ନରେ ଜଣେ ନିର୍ବାଚନ ଅଧିକାରୀ (ଏସ୍‌ଏସ୍‌ଟି) ନିଜକୁ ମାଜିଷ୍ଟ୍ରେଟ୍ କହି ଖରିଆର ରୋଡ୍‌ଠାରେ ବିଜେଡି ନେତା ପ୍ରୀତିରଞ୍ଜନ ଘଡେଇଙ୍କ ଭଡା ଘରେ ଅତର୍କିତ ଚଢାଉ କରିଥିଲେ। ବନ୍ଧୁକଧାରୀ ପୋଲିସଙ୍କ ଉପସ୍ଥିତିରେ ଅଧିକାରୀ ଜଣକ ଉକ୍ତ ଘରକୁ ପଶି ଯାଞ୍ଚ କରିଥିଲେ। ସେଇ ଘରେ ଥିବା ଜଣେ ଯୁବକ ଆକାଶ ପଣ୍ଡା ଅଧିକାରୀଙ୍କୁ ଘରକୁ କାହିଁକି ପଶୁଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଏହାର କିଛି ସମୟ ପରେ ସେଠାରେ କିଛି ବିଜେଡି ନେତା ପହଞ୍ଚିଥିଲେ। ସେଇ ବିଜେଡି ନେତା ଓ ସମର୍ଥକମାନେ ସମ୍ପୃକ୍ତ ଅଧିକାରୀଙ୍କୁ ଘେରି ଯାଇ କାହା ନିର୍ଦ୍ଦେଶରେ ଏବଂ କେଉଁ ସର୍ଚ୍ଚ ଅର୍ଡର ବଳରେ ସେମାନେ ପୋଲିସ ଧରି ଘରକୁ ପଶିଲେ ବୋଲି ପ୍ରଶ୍ନ କରିଥିଲେ। ଅଧିକାରୀ ଜଣକ କୁଆଡେ କହିଥିଲେ ଯେ, ସେଇ ଘରେ କଳା ଟଙ୍କା ରହିଥିବା ତାଙ୍କ ପାଖକୁ ଫୋନ୍ ଆସିଥିଲା। ଏଭଳି ଫୋନ୍ କଲ ପାଇବା ପରେ ସେ ଯାଞ୍ଚ କରିବାକୁ ଆସିଛନ୍ତି। ଅଧିକାରୀ ଜଣକ ଏଭଳି କହିବା ପରେ ବିଜେଡି ନେତାମାନେ ରାଗିଯାଇ ସର୍ଚ୍ଚ ଅର୍ଡର ଦେଖାଇବାକୁ କହିଥିଲେ। ସର୍ଚ୍ଚ ଅର୍ଡର ନ ଦେଖାଇ ଯାଞ୍ଚ କରିଥିବାରୁ ସେଠାରେ ବିଜେଡି ନେତାମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସର୍ଚ୍ଚ ଅର୍ଡର ନ ଦେବା ଯାଏ କିମ୍ବା କ୍ଷମା ନ ମାଗିବା ଯାଏ ସେମାନେ ତାଙ୍କୁ ସେଠାରୁ ଛାଡିବେ ନାହିଁ କହି ତାଙ୍କ କାର୍ ସମ୍ମୁଖରେ ଘେରିଯାଇଥିଲେ। ସେଠାରେ ବିଜେଡି ନେତାମାନେ ଭାଜପା ସରକାର ଓ ପ୍ରଶାସନ ବିରୋଧରେ ସ୍ଲୋଗାନ ଦେଇଥିଲେ। ଭାଜପା ସରକାର ପ୍ରଶାସନିକ କଳ ଓ ନିର୍ବାଚନ ଅଧିକାରୀଙ୍କୁ ଅସ୍ତ୍ର କରି ବିରୋଧୀଙ୍କ ଉପରେ ଚାପ ପକାଉଛି ବୋଲି କହିଥିଲେ। ସେଠାରେ ବିଜେଡି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ବିଜେଡି ନେତା ରାଜେଶ ନିଗମ, ରାଜୁ ଚୌହାନ, ଅନନ୍ତ ନାରାୟଣ ଜେନା, ସଞ୍ଜୟ କୁମାର ସେଠୀ, ଆକାଶ ପଣ୍ଡା, ବଲାଙ୍ଗୀର ଯୁବ ବିଜେଡି ସଭାପତି ରାଜେନ୍ଦ୍ର ହୋତା, ଛାତ୍ର ବିଜେଡି ସଭାପତି ସୁମନ ନନ୍ଦ, ଲେଙ୍କା ସାହୁ, ବିଭୂତି ମିଶ୍ର, ଚିରାଗ ସିଂଦେଓ ପ୍ରମୁଖ ଅଧିକାରୀଙ୍କୁ ଘେରିଯାଇ ପ୍ରଶ୍ନ କରିଥିଲେ। ଭୋଗରାଇ ବିଧାୟକ ଦାସ ଏହି ଘଟଣାକୁ ନିନ୍ଦା କରିବା ସହ ଭାଜପା ପ୍ରଶାସନକୁ ଧରି ଏଭଳି ଚାପ ପକାଉଛି ବୋଲି ଅଭିଯୋଗ କରିଥିଲେ। ପୂର୍ବାହ୍ନରେ ବିଜେଡି ଜିଲାପାଳ ଅଫିସ ଘେରାଉ କରି ଜିଲାପାଳ ଏବଂ ଏସପିଙ୍କ ବଦଳି ଦାବି କରିବା ପରେ ପ୍ରଶାସନ ଏଠାକୁ ଆସି ଏଭଳି କାଣ୍ଡ କରିଛି ବୋଲି କହିଥିଲେ। ପୋଲିସ ବିଜେଡି ବିକ୍ଷୋଭକାରୀଙ୍କୁ ହଟାଇବା ପରେ ସେଇ ସ୍ଥାନରୁ ଅଧିକାରୀଙ୍କ କାର ବାହାରିଥିଲା। ଏହି ଘଟଣା ପରେ ନୂଆପଡା ଉପନିର୍ବାଚନ ଦିନକୁ ଦିନ ପ୍ରତିଦ୍ୱନ୍ଦ୍ୱିତାମୂଳକ ହେଉଥିବା ଆଲୋଚନା ହେଉଛି।



ବିଜେଡି ନେତାମାନେ ଖରିଆର ରୋଡ୍‌ସ୍ଥିତ ପ୍ରୀତିରଞ୍ଜନ ଘଡେଇଙ୍କ ଭଡାଘରେ ଚଢ଼ାଉ କରିଥିବା ଅଧିକାରୀଙ୍କୁ ଘେରାଉ କରିଛନ୍ତି।

# ଭଉଣୀଘରେ ସାପକାମୁଡ଼ାରେ ଭାଇଙ୍କ ମୃତ୍ୟୁ

ପାଟଣା,୩୧।୧୦(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ପିପିଲିଆ ଗ୍ରାମରେ ଭଉଣୀ ଘରେ ରହୁଥିବା ଯୁବକଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ମୃତକ ହେଲେ ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ସାନଜାମୁପଶି ଗ୍ରାମର ବିକ୍ରମ ମୁଣ୍ଡାଙ୍କ ପୁଅ ନରୋତ୍ତମ। ସେ ପିପିଲିଆରେ ଭଉଣୀ ବର୍ଷାରାଣୀ ମୁଣ୍ଡାଙ୍କ ଘରେ ରହି ପାଠ ପଢୁଥିଲେ। ବୁଧବାର ରାତିରେ ସେ ତଳେ ଶୋଇଥିବା ବେଳେ ତାଙ୍କୁ ବିଷଧର ସର୍ପ କାମୁଡ଼ି ଦେଇଥିଲା। ପ୍ରଥମେ ତାଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଛି। ପାଟଣା ଥାନାରେ ଏକ ମାମଲା(ନଂ.୩୪/୨୫)ରୁଜୁ କରାଯାଇଛି। ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଳ କହିଛନ୍ତି।

## ଅପରାଧ

**ପଞ୍ଚାୟତ ନିର୍ବାଚନକୁ ନେଇ ସଲମନ ରାଉତ ହତ୍ୟା ମାମଲା**

# ୮ ଅଭିଯୁକ୍ତଙ୍କୁ ଆଜୀବନ ଜେଲ

ଢେଙ୍କାନାଳ,୩୧।୧୦ (ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ତରଭା ପଞ୍ଚାୟତରେ ୨୦୧୭ ଫେବୃଆରୀ ୪ରେ ଘଟିଥିବା ବହୁଚର୍ଚ୍ଚିତ ସଲମନ ରାଉତ ହତ୍ୟା ମାମଲାର ରାୟ ୮ ବର୍ଷ ପରେ ଶୁକ୍ରବାର ପ୍ରକାଶ ପାଇଛି। ଏହି ମାମଲାର ରାୟ ପ୍ରକାଶ କରି ଜିଲା ଦୌରାଜଜ୍ ୮ଜଣ ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ପ୍ରମାଣ ଅଭାବରୁ ୬ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ପଞ୍ଚାୟତ ନିର୍ବାଚନ ଓ ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିଲା।

ଘଟଣାରୁ ପ୍ରକାଶ ଯେ, ୨୦୧୭ ଫେବୃଆରୀ ୪ ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ସମୟରେ ଭାଜପା ସମର୍ଥକ ସଲମନ ରାଉତ ନିଜର ସହଯୋଗୀମାନଙ୍କ ସହ ତରଭା ଗୋଡ଼ିସାହିଠାରେ କ୍ରିକେଟ ମ୍ୟାଚ ଖେଳିସାରିବା ପରେ ନିକଟସ୍ଥ ଗୋପୀ ପାନ ଦୋକାନରେ ସରପଞ୍ଚ ନିର୍ବାଚନକୁ ନେଇ ପ୍ରଚାର କରୁଥିଲେ। ସେହି ସମୟରେ ବିପକ୍ଷ ଦଳର ସରପଞ୍ଚ ପ୍ରାର୍ଥୀ କୁଳମଣି ବେହେରା ଓ ତାଙ୍କ ସମର୍ଥକମାନେ ନିର୍ବାଚନ ପ୍ରଚାର ପାଇଁ ଗୋଡିସାହି ଗ୍ରାମ ନିକଟକୁ ଆସିଥିଲେ। ସରପଞ୍ଚ ପ୍ରାର୍ଥୀଙ୍କ ପାଇଁ ପୋଷ୍ଟର ମାରିବାକୁ କେନ୍ଦ୍ରକରି ଗ୍ରାମର ଚିକୁନ ବିଶ୍ୱାଳଙ୍କ ସହିତ ସଲମନଙ୍କର ବଚସା ହୋଇଥିଲା। ଏହି ସମୟରେ କୁଳମଣି ଓ ତାଙ୍କର ସମର୍ଥକମାନେ ସଲମନ ଏବଂ ତାଙ୍କ ସହଯୋଗୀ ବିକ୍ରମ କେଶରୀ ମଲିକଙ୍କୁ ବିଧା, ଗୋଇଠା, ମୁଥ ମାରି ଆକ୍ରମଣ କରିଥିଲେ। ପରେ ସଲମନଙ୍କ ଛାତିକୁ କୁଳମଣିଙ୍କ ସହଯୋଗୀ ବ୍ୟୋମକେଶ ଅତି ନିକଟରୁ ଗୋଟିଏ ରାଉଣ୍ଡ ଗୁଳି ମାରିଥିଲେ। ସଲମନ ଗୁରୁତର ହୋଇପଡ଼ିଯିବାରୁ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁରୁତର ସଲମନ ଓ ଆହତ ବିକ୍ରମଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତରମାନେ ସଲମନଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ତରଭା ଗ୍ରାମ ସମେତ ଢେଙ୍କାନାଳ ସହର ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ସଲମନଙ୍କ ସମର୍ଥକମାନେ ମୃତଦେହ ରଖି ବିଳମ୍ବିତ ରାତି ପର୍ଯ୍ୟନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ରାସ୍ତା ଅବରୋଧ କରିଥିଲେ। ତରଭା ଗ୍ରାମରେ ମଧ୍ୟ ପୋଡ଼ାଜଳା ହିଂସାକାଣ୍ଡ ଘଟିଥିଲା। ନିର୍ବାଚନ ସରିବା ପରେ ମଧ୍ୟ ଦୀର୍ଘଦିନ ପର୍ଯ୍ୟନ୍ତ ତରଭା ଗ୍ରାମରେ ପୋଲିସ ଫୋର୍ସ ମୁତୟନ ରହିଥିଲେ। ବିକ୍ରମ ମଲ୍ଲିକଙ୍କ ଅଭିଯୋଗକ୍ରମେ ସଦର ଥାନାରେ କେସ୍ ନଂ. ୪୭/୧୭ରେ ଏକ ମାମଲା ରୁଜୁ କରାଯାଇଥିଲା। ପରେ ରାଜ୍ୟ ସରକାର ଘଟଣାର ଗୁରୁତ୍ୱକୁ ଦେଖି କ୍ରାଇମବ୍ରାଞ୍ଚକୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଫଳରେ କ୍ରାଇମବ୍ରାଞ୍ଚରେ ଏ ସଂକ୍ରାନ୍ତରେ କେସ୍ ନଂ.୪/୨୦୧୭ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। କ୍ରାଇମବ୍ରାଞ୍ଚ ଅତିରିକ୍ତ ଏସ୍‌ପି ସର୍ବେଶ୍ୱର ସାହୁ ମାମଲାର ତଦନ୍ତ କରି କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ। ଏହି ମାମଲାର ସିଟି ସେସନ୍ସ କେସ୍ ନଂ. ୮୮/୨୦୧୭ର ବିଚାର କରି ଜିଲା ଦୌରାଜଜ୍ ପ୍ରଣବ କୁମାର ରାଉତରାୟ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ମାମଲାର ମୁଖ୍ୟ ଅଭିଯୁକ୍ତ ତଥା କେଉଁଝର ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନରେ ସେହି ସମୟରେ କାର୍ଯ୍ୟରତ ଥାଇ ଗ୍ରାମକୁ ଛୁଟିରେ ଆସିଥିବା କନ୍‌ଷ୍ଟେବଲ ବ୍ୟୋମକେଶ ବିଶ୍ୱାଳଙ୍କୁ ଦଫା ୩୦୨, ୨୫ ଓ ୨୭ ଆର୍ମସ୍ ଆକ୍ଟରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅନ୍ୟ ଅଭିଯୁକ୍ତ ତ୍ର୍ୟମ୍ବକ ବିଶ୍ୱାଳ, ମୃତ୍ୟୁଞ୍ଜୟ ବିଶ୍ୱାଳ, ହୃଦାନନ୍ଦ ବିଶ୍ୱାଳ, ସମରେନ୍ଦ୍ର ବିଶ୍ୱାଳ, ମନମୋହନ ବିଶ୍ୱାଳ, ଦେବେନ୍ଦ୍ର ସ୍ୱାଇଁ ଓ ଉକ୍ତ ନିର୍ବାଚନରେ ତରଭା ପଞ୍ଚାୟତ ସରପଞ୍ଚ ପ୍ରାର୍ଥୀ କୁଳମଣି ବେହେରାଙ୍କୁ ୩୦୨ ଦଫାରେ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ପ୍ରତ୍ୟେକଙ୍କୁ ୨୦ହଜାର ଟଙ୍କା ଲେଖାଏ ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ୬ମାସ ସଶ୍ରମ କାରାଦଣ୍ଡ ଆଦେଶ ପ୍ରଦାନ କରିଛନ୍ତି। ପ୍ରମାଣ ଅଭାବରୁ ଅନ୍ୟତମ ଅଭିଯୁକ୍ତ ଚିତ୍ତରଞ୍ଜନ ବିଶ୍ୱାଳ, ସଞ୍ଜୟ ବିଶ୍ୱାଳ, ଗଦାଧର ବିଶ୍ୱାଳ ଓରଫ ସ୍ୱାଇଁ, ରାଜେନ୍ଦ୍ର ବେହେରା, ଅଜିତ ମଲ୍ଲିକ ଓ ବିଜୁ ମଲ୍ଲିକଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଥିବା ଜଣାପଡ଼ିଛି। ଅନ୍ୟ ଜଣେ ଅଭିଯୁକ୍ତ ଚିକୁନ ବିଶ୍ୱାଳଙ୍କ ପୂର୍ବରୁ ମୃତ୍ୟୁ ଘଟିଛି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପବ୍ଲିକ ପ୍ରସିକ୍ୟୁଟର ସୀତାକାନ୍ତ ଦାସ ପରିଚାଳନା କରିଥିଲେ। ଦଣ୍ଡାଦେଶ ପାଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ହୃଦାନନ୍ଦ ବିଶ୍ୱାଳ ଉକ୍ତ ନିର୍ବାଚନରେ ତରଭା ପଞ୍ଚାୟତ ନିକଟସ୍ଥ ଥାକୁଲେଇ ଗ୍ରାମ ପଞ୍ଚାୟତ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ ଏବଂ ସେ ଏଥିପୂର୍ବରୁ ସଦର ବ୍ଲକର ଉପାଧ୍ୟକ୍ଷ ଥିଲେ। ବିଜେଡିର ଜଣେ ଆଗଧାଡ଼ିର ଯୁବନେତା ହୋଇଥିଲା ବେଳେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ଘନିଷ୍ଠ ସହଯୋଗୀ ମଧ୍ୟ ଥିଲେ।

**୬ ନିର୍ଦ୍ଦୋଷରେ ଖଲାସ**

# ଭିଜିଲାନ୍ସ ଜାଲରେ ପ୍ରଧାନଶିକ୍ଷକ

**ଛୁଟି ମଞ୍ଜୁର ପାଇଁ ନେଉଥିଲେ ଲାଞ୍ଚ**

ଫୁଲବାଣୀ/ଦାରିଙ୍ଗବାଡ଼ି, ୩୧।୧୦(ରାକେଶ କୁମାର ରାଉତ/ଅରୁଣ ସାହୁ)

ଜଣେ ମହିଳା ରୋଷେୟା ତଥା ଆଟେଣ୍ଡାଣ୍ଟଙ୍କ ଛୁଟି ମଞ୍ଜୁର କରିବା ପାଇଁ ଲାଞ୍ଚ ନେଇ ଏକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ତାଙ୍କୁ ଫୁଲବାଣୀ ଭିଜିଲାନ୍ସ ଟିମ୍ ଗିରଫ କରିଛି। କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ୍ ବୁଡ଼ାଗୁଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ମହିଳା ରୋଷେୟା ତଥା ଆଟେଣ୍ଡାଣ୍ଟ ସୁରେଖା ପ୍ରଧାନ(୩୧)ଙ୍କ ଛୁଟି ମଞ୍ଜୁର କରିବା ପାଇଁ ପ୍ରଧାନଶିକ୍ଷକ କୁମରମଣି ମଲିକ ଅର୍ଥ ଦାବି କରିଆସୁଥିଲେ। ଏଥିପାଇଁ ସେ ବାରମ୍ବାର ଫୋନରେ ମଧ୍ୟ ଅର୍ଥ ଦାବି କରୁଥିଲେ। ଏହାର ପ୍ରମାଣକୁ ସୁରେଖା ନିଜ ମୋବାଇଲ କଲ୍ ରେକର୍ଡରେ ରଖି ସେ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ।

ପ୍ରଧାନଶିକ୍ଷକ ନିଜ ଫୋନ୍ ପେ'ରେ ଏହି ଅର୍ଥ ଦାବି କରିଥିଲେ। ଦାବି ମୁତାବକ ଅଭିଯୋଗକାରୀ ସୁରେଖା ପ୍ରଧାନଶିକ୍ଷକଙ୍କୁ ନିଜ ଫୋନ ପେ'ରୁ ୪ ହଜାର ଟଙ୍କା ଟ୍ରାନ୍ସଫର କରିଥିଲେ। ପୂର୍ବ ଯୋଜନା ଅନୁସାରେ ଭିଜିଲାନ୍ସ ଡିଏସ୍‌ପି ହେମନ୍ତ ମହାନ୍ତିଙ୍କ ନେତୃତ୍ୱରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ କାବୁ କରିଥିଲା। ଏହି ସମୟରେ ତାଙ୍କଠାରୁ ଲାଞ୍ଚ ଗ୍ରହଣ କରିଥିବା ମୋବାଇଲ ଫୋନ ଓ ଅନ୍ୟ ଆବଶ୍ୟକ ପ୍ରମାଣ ଜବତ କରାଯାଇଛି। ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ଫୁଲବାଣୀ ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଛି। ଏନେଇ ଭିଜିଲାନ୍ସ ପକ୍ଷରୁ ୧୬/୨୫ ମାମଲା ରୁଜୁ କରାଯାଇ ଅଧିକା ତଦନ୍ତ ଜାରି ଥିବା ଭିଜିଲାନ୍ସ ଡିଏସ୍‌ପି ମହାନ୍ତି କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ବିଦ୍ୟାଳୟଟି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ତଥା ପଛୁଆବର୍ଗ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ହେଉଛି।



କୁମରମଣି ମଲିକ

# ମୋଟରସାଇକେଲ ଡିକି ଭାଙ୍ଗି ୫ ଲକ୍ଷରୁ ଉର୍ଦ୍ଧ୍ୱ ଲୁଟ୍

ଗୁଡଭେଲା,୩୧।୧୦ (ମନୋଜ କୁମାର ଜୈନ)

ଶୁକ୍ରବାର ଅପରାହ୍ନ ପ୍ରାୟ ଗୋଟାଏ ସମୟରେ ବଲାଙ୍ଗୀର ଜିଲା ତୁଷୁରା ସହରର ମୁଖ୍ୟ ଛକଠାରେ ଥିବା ଏକ ଫ୍ୟାନ୍ସି ଦୋକାନ ଆଗରେ ଥୁଆ ହୋଇଥିବା ବାଇକ୍ ଡିକି ଭାଙ୍ଗି କେହି ଦୁର୍ବୃତ୍ତ ପ୍ରାୟ ୫ ଲକ୍ଷ ୧୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ତୁଷୁରା ଥାନାରେ ଅଭିଯୋଗ ହୋଇଛି। ଖବର ପାଇ ପୋଲିସ ଘଟଣାସ୍ଥଳ ଅନୁଧ୍ୟାନ କରିବା ସହ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଯାଞ୍ଚ କରିଛି।

ପ୍ରକାଶ ଯେ, ତୁଷୁରା ଏନ୍‌ଏସି ଅଧୀନ ନଅଗାଁ କଲୋନୀର ରିଙ୍କୁ ଷଡ଼ଙ୍ଗୀ ଓ ସାଧୁରାମ ଷଡ଼ଙ୍ଗୀ ତୁଷୁରା ଷ୍ଟେଟବ୍ୟାଙ୍କରୁ ୫ ଲକ୍ଷ ୧୦ ହଜାର ଟଙ୍କା ଉଠାଣ କରିଥିଲେ। ଉକ୍ତ ଟଙ୍କାକୁ ବାଇକ୍ ଡିକିରେ ରଖି ସେମାନେ ବ୍ୟାଙ୍କଠାରୁ ମାତ୍ର ଏକ କିଲୋମିଟର ଦୂରରେ ଥିବା ଉକ୍ତ ଫ୍ୟାନ୍ସି ଦୋକାନ ଆଗରେ ଗାଡି ରଖି କିଛି କିଣିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଛନ୍ତି। ଘଟଣାର ତଦନ୍ତ ଚାଲିଛି, ଯଥାଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ତୁଷୁରା ଥାନା ଅଧିକାରୀ ମନୋଜ ପ୍ରଧାନ କହିଛନ୍ତି।

# ୮୦୦ ଟଙ୍କା ଲାଞ୍ଚ ମାମଲାରେ ୨ ବର୍ଷ ଜେଲ

ବନ୍ତଲା,୩୧।୧୦ (ସୁଶିତ ସାହୁ)

୮ ଶହ ଟଙ୍କା ଲାଞ୍ଚ ନେବା ମାମଲାରେ ଅନୁଗୋଳ ବ୍ଲକ କୁମୁରିସିଂହାର ପୂର୍ବତନ ରାଜସ୍ୱ ନିରୀକ୍ଷକ ଗୁଣନିଧି ନାୟକଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ସୂଚନା ଅନୁଯାୟୀ, ୨୦୧୩ ମାର୍ଚ୍ଚ ୧୫ରେ ଏକ ମ୍ୟୁଟେଶନ କେସ୍‌ର ଯାଞ୍ଚ କରି ରିପୋର୍ଟ ପଠାଇବା ପାଇଁ ପୂର୍ବତନ ରାଜସ୍ୱ ନିରୀକ୍ଷକ ନାୟକ ଅଞ୍ଜନା ବେହେରାଙ୍କ ପୁଅଙ୍କଠାରୁ ୧୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ଭିଜିଲାନ୍ସରେ ଅଭିଯୋଗ ହେବା ପରେ ଅଧିକାରୀମାନେ ପୂର୍ବତନ ରାଜସ୍ୱ ନିରୀକ୍ଷକଙ୍କୁ ୮ଶହ ଟଙ୍କା ଲାଞ୍ଚ ନେବା ବେଳେ ଧରିଥିଲେ। ମାମଲାର ଶୁଣାଣି କରି ଅନୁଗୋଳର ସ୍ୱତନ୍ତ୍ର ବିଚାରପତି ରାଜଲକ୍ଷ୍ମୀ ପଟ୍ଟନାୟକ ପୂର୍ବତନ ରାଜସ୍ୱ ନିରୀକ୍ଷକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଉପରୋକ୍ତ ଦଣ୍ଡାଦେଶ ଦେଇଥିଲେ ବୋଲି ସରକାରୀ ଓକିଲ ଅଶ୍ୱିନୀ କୁମାର ମଲ୍ଲିକ କହିଛନ୍ତି।

# ଯୁବକଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

ଝାରବନ୍ଧ, ୩୧।୧୦(ଦେବେନ୍ଦ୍ର ସାହୁ)

ବରଗଡ଼ ଜିଲା ଝାରବନ୍ଧ ଥାନା ବୈତାଲି ଗ୍ରାମରେ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ରୁକଧର ସେଠ(୪୫)। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ଏବଂ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ତାଙ୍କୁ କେହି ଧାରୁଆ ଅସ୍ତ୍ରରେ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ଝାରବନ୍ଧ ଥାନାରେ କେସ୍ ନଂ. ୧୪୪/୨୫ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

ସୂଚନା ଅନୁସାରେ, ରୁକଧର ପ୍ରତିଦିନ ପରି ଶୁକ୍ରବାର ଭୋର ୪ଟାରେ ନିକଟସ୍ଥ ଅଙ୍ଗ ନଦୀକୁ ଯାଇ ଆଉ ଫେରି ନ ଥିଲେ। ସକାଳ ୮ଟା ପର୍ଯ୍ୟନ୍ତ ନ ଫେରିବାରୁ ଘର ଲୋକେ ନଦୀକୁ ଆସି ଖୋଜାଖୋଜି କରିଥିଲେ। ସେଠାରେ ଗଦା ହୋଇଥିବା ବାଲି ଉପରେ ରକ୍ତ ଛିଟା ଏବଂ ଗାମୁଛା ପଡ଼ିଥିବା ଦେଖିବାକୁ ପାଇଥିଲେ। ବହୁତ ଖୋଜାଖୋଜି କରିବା ପରେ ରକ୍ତ ପଡ଼ିଥିବା ସ୍ଥାନରୁ ପ୍ରାୟ ୨ ଶହ ମିଟର ଦୂରରେ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏନେଇ ଝାରବନ୍ଧ ପୋଲିସକୁ ଜଣାଇଥିଲେ।

# ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ: ପ୍ରଧାନ ଶିକ୍ଷକଙ୍କୁ ଜେଲ

ସମ୍ବଲପୁର,୩୧।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅନ୍ତର୍ଗତ ଧୁଡ଼ିପାଲି ଗ୍ରାମରେ ଥିବା ଆବାସିକ ପ୍ରାଥମିକ ବିଦ୍ୟାଳୟର ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ ମାମଲାରେ ପ୍ରଧାନ ଶିକ୍ଷକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ବିଚାରପତି। ଏହି ମାମଲାର ବିଚାର କରି ସମ୍ବଲପୁର ଅତିରିକ୍ତ ଜିଲା ଜଜ୍ ତଥା ପୋକ୍‌ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଲାଷ ସେନାପତି ୧୨ଜଣ ସାକ୍ଷ୍ୟ ଓ ଅନ୍ୟାନ୍ୟ ତଥ୍ୟ ପ୍ରମାଣର ତର୍ଜମା କରି ଶୁକ୍ରବାର ତାଙ୍କ ରାୟରେ ଅଭିଯୁକ୍ତ ପ୍ରଧାନ ଶିକ୍ଷକ ବେଦବ୍ୟାସ ପଟେଲ(୬୨)ଙ୍କୁ ୮ପୋକ୍‌ସୋ ଆଇନରେ ୪ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅର୍ଥ ଅନାଦାୟେ ଅଭିଯୁକ୍ତଙ୍କୁ ଅଧିକ ୬ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ପୀଡ଼ିତାଙ୍କୁ କ୍ଷତିପୂରଣ ସ୍ୱରୂପ ଆବଶ୍ୟକ ବିଚାର ପୂର୍ବକ ଅନୁକମ୍ପାମୂଳକ ରାଶି ପ୍ରଦାନ ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ବିଚାରପତି ସେନାପତି ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ପୀଡ଼ିତା ଛାତ୍ରୀ(୧୨) ବିଦ୍ୟାଳୟରେ ରହି ଷଷ୍ଠ ଶ୍ରେଣୀରେ ପାଠ ପଢୁଥିଲେ। ତେବେ ସେ ଅସୁସ୍ଥ ହେବାରୁ ନିଜ ଘର ଝାରପୁର ଗ୍ରାମକୁ ଚାଲିଯାଇ ଚିକିତ୍ସିତ ହୋଇଥିଲେ। ସେ ସୁସ୍ଥ ହେବା ପରେ ପୁଣି ବିଦ୍ୟାଳୟକୁ ଫେରିଥିଲେ। ପ୍ରଧାନ ଶିକ୍ଷକ ବେଦବ୍ୟାସ ତାଙ୍କୁ ଚିକିତ୍ସା ପାଇଁ ଇଞ୍ଜେକ୍ସନ ନେବାକୁ ପଡ଼ିବ ବୋଲି କହି ଗତ ୨୦୧୮ ଫେବୃଆରୀ ୧୭ରେ ବିଦ୍ୟାଳୟରୁ ତାଙ୍କ ବାଇକ୍‌ରେ ବସାଇ ଡାକ୍ତରଖାନା ଅଭିମୁଖେ ବାହାରିଥିଲେ। ମାତ୍ର ଡାକ୍ତରଖାନାକୁ ନ ଯାଇ ସେ ବାଟରେ ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ। ଏହାର ପ୍ରତିରୋଧ କରି କାନ୍ଦିବାରୁ ସେ ଛାତ୍ରୀଙ୍କୁ ଆଣି ତାଙ୍କ ଘର ନିକଟରେ ଛାଡ଼ି ଦେଇ ସେଠାରୁ ଫେରାର୍ ହୋଇଯାଇଥିଲେ। ଛାତ୍ରୀ ଜଣକ ଘରକୁ ଆସି ପରିବାର ଲୋକଙ୍କୁ ସବୁକଥା କହିଥିଲେ। ତାଙ୍କଠାରୁ ସବୁକଥା ଶୁଣି ତା'ପରଦିନ ଅର୍ଥାତ ଫେବୃଆରୀ ୧୮ରେ ପରିବାର ଲୋକେ ଛାତ୍ରୀଙ୍କୁ ସାଙ୍ଗରେ ନେଇ କୁଚିଣ୍ଡା ଥାନାରେ ଏତଲା ଦେଇଥିଲେ। ଛାତ୍ରୀଙ୍କ ବୟାନ ଓ ତାଙ୍କ ପିତାଙ୍କ ଏତଲା କ୍ରମେ ଏକ ମାମଲା (ନଂ. ୪୯/୨୦୧୮) ରୁଜୁ ହୋଇଥିଲା। ପୋଲିସ ତଦନ୍ତକରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୨୦୧୮ ଏପ୍ରିଲ୍ ୩୦ରେ ପୋଲିସର ଚାର୍ଜସିଟ୍ ଦାଖଲ ପରେ ପୋକ୍‌ସୋ ଅଦାଲତରେ ଏହି ମାମଲାର ଶୁଣାଣି ଆରମ୍ଭ ହୋଇ ଶୁକ୍ରବାର ଏହାର ରାୟ ପ୍ରକାଶ ପାଇଛି।

# ବଳାତ୍କାର ଉଦ୍ୟମ ଅଭିଯୁକ୍ତଙ୍କୁ ୫ବର୍ଷ ଜେଲ

ଛେଣ୍ଡିପଦା,୩୧।୧୦ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ମାମଲାର ଶୁଣାଣି କରି ଅତିରିକ୍ତ ଜିଲା ଫାଷ୍ଟ ଟ୍ରାକ୍ କୋର୍ଟର ବିଚାରପତି ବିରଞ୍ଚି ନାରାୟଣ ମିଶ୍ର ଅଭିଯୁକ୍ତ କଣିହାଁ ଥାନା ତେଲିସିଙ୍ଗା ଗାଁର ସନ୍ତୋଷ କୁମାର ନାଏକଙ୍କୁ ଶୁକ୍ରବାର ୫ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାରୁ ପ୍ରକାଶ, ୨୬ ଜୁଲାଇ ୨୦୧୪ରେ ସମ୍ପୃକ୍ତା ନାବାଳିକା ଘରେ ଏକୁଟିଆ ଥିବାବେଳେ ଅଭିଯୁକ୍ତ ସନ୍ତୋଷ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକା ୨୭ ତାରିଖରେ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନଂ. ୧୪୧/୧୪ରେ ମାମଲା ରୁଜୁ କରି ତତ୍କାଳୀନ ଥାନା ଅଧିକାରୀ ଓ ଏସ୍‌ଆଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ୮ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି କୋର୍ଟ ସନ୍ତୋଷଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଥିଲେ। ଏହି ମାମଲାକୁ ସହକାରୀ ଓକିଲ ପ୍ରଦୀପ କୁମାର ଭୂତିଆ ପରିଚାଳନା କରିଥିଲେ।

# ରାଜା ଚକ୍ର, ସୁଶାନ୍ତଙ୍କ ଜାମିନ ଆବେଦନ ଖାରଜ

## ଗନ୍ଧମାର୍ଦ୍ଦନ ଲୋଡିଂ ଟ୍ରାନ୍ସପୋର୍ଟିଂ ଦୁର୍ନୀତି ମାମଲା

କଟକ,୩୧।୧୦(କାର୍ତ୍ତିକ ସାହୁ)

କେନ୍ଦୁଝରସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟିଂ କୋ-ଅପରେଟିଭ ସୋସାଇଟି ଲିମିଟେଡ୍‌ରେ ଆର୍ଥିକ ଦୁର୍ନୀତି ମାମଲାରେ ଗିରଫ ମୁଖ୍ୟ ଅଭିଯୁକ୍ତ ସୌମ୍ୟଶଙ୍କର ଚକ୍ର ଓରଫ ରାଜା ଏବଂ ଅନ୍ୟତମ ଅଭିଯୁକ୍ତ ସୁଶାନ୍ତ କୁମାର ସାମଲଙ୍କ ଜାମିନ ଆବେଦନ ହାଇକୋର୍ଟରେ ଖାରଜ ହୋଇଛି। ହାଇକୋର୍ଟ ବିଚାରପତି ଗୌରୀଶଙ୍କର ଶତପଥୀ ମାମଲାର ଶୁଣାଣି କରି ଅପରାଧ ଗୁରୁତର ଦୃଷ୍ଟିରୁ ଜାମିନ ଆବେଦନକୁ ଖାରଜ କରିଦେଇଥିବା ରାୟରେ ଦର୍ଶାଇଛନ୍ତି।

ସୂଚନାନୁସାରେ, ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଏବଂ ଟ୍ରାନ୍ସପୋର୍ଟିଂ କୋ-ଅପରେଟିଭ ସୋସାଇଟି ସଂସ୍ଥା କେନ୍ଦୁଝର ଜିଲାରେ ଖଣିଖାଦାନ ଅଞ୍ଚଳର ବିକାଶ ପାଇଁ ଗଠିତ ହୋଇଥିଲା। କେତେକ ବ୍ୟକ୍ତି ବିକାଶ ନାମରେ ପ୍ରତିବର୍ଷ କୋଟି କୋଟି ଟଙ୍କା ଆତ୍ମସାତ କରୁଥିବା ଇକୋନୋମିକ ଅଫେନ୍ସ ୱିଙ୍ଗ (ଇଓଡବ୍ଲ୍ୟୁ)ରେ ଅଭିଯୋଗ ହୋଇଥିଲା। ୨୦୧୭-୧୮ରୁ ୨୦୨୩-୨୪ ମାର୍ଚ୍ଚ ପର୍ଯ୍ୟନ୍ତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟିଂ କୋ-ଅପରେଟିଭ ସୋସାଇଟି ଲି. ୧୮୫ କୋଟି ଟଙ୍କା ଲାଭ କରିଥିବା ଖାତାରେ ଦର୍ଶାଇଥିଲେ। ୨୦୧୨-୧୩ରୁ ୨୦୨୪ ପର୍ଯ୍ୟନ୍ତ ସୋସାଇଟିର କୌଣସି ଅଡିଟ କରାଯାଇନାହିଁ। ସ୍ଥାନୀୟ ଅଞ୍ଚଳର ପାରିପାର୍ଶ୍ୱିକ ବିକାଶ ପାଇଁ ସଂସ୍ଥା ପକ୍ଷରୁ ୩୪ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି। ମାତ୍ର ସେଥିରେ କୌଣସି ଅର୍ଥ ଖର୍ଚ୍ଚ ହୋଇ ନ ଥିବା ୨ ଜଣ ବିଡିଓ ଯାଞ୍ଚ କରି ରିପୋର୍ଟ ପ୍ରଦାନ କରିଛନ୍ତି। ଏଥିସହ ସୋସାଇଟିର ଗାଡ଼ି ବଦଳରେ ରାଜା ଚକ୍ରଙ୍କ ନିଜ ଗାଡ଼ି, ମେସିନେରି ବ୍ୟବହାର କରି ସେଥିରେ ୯.୧ କୋଟି ଟଙ୍କାର ତେଲ ପକାଇବା ବାବଦରେ ତାଙ୍କ ନାମରେ ଥିବା ମା' କାଳୀ ପେଟ୍ରୋଲ ପମ୍ପକୁ ଏହି ଟଙ୍କା ପ୍ରଦାନ କରିଛି ଗନ୍ଧମାର୍ଦ୍ଦନ ଏଜେନ୍ସି। ସେହିପରି ବିଭିନ୍ନ ଗାଁ ଲୋକଙ୍କ ମୁହଁକୁ ଚୁପ କରି ସମର୍ଥନ ପାଇବା ପାଇଁ ସଂସ୍ଥା ପକ୍ଷରୁ ଗତ ୪ ବର୍ଷରେ ୩୩ କୋଟି ଟଙ୍କା ବର୍ଣ୍ଟନ କରାଯାଇଛି। ଶ୍ରମିକଙ୍କୁ ଦେୟ ଓ ଲୋଡିଂ ଖର୍ଚ୍ଚ ପାଇଁ ୭୪ କୋଟି ଟଙ୍କା ଦିଆଯାଇଥିବା ତଦନ୍ତରୁ ଜଣାପଡ଼ିଥିଲା। ଏହି ମାମଲାରେ ରାଜା ଚକ୍ର ଏବଂ ତାଙ୍କ ସ୍ତ୍ରୀ ରୂପାଲି ପଟ୍ଟନାୟକଙ୍କ ନାଁରେ ଥିବା ୨ଟି ଯାତ୍ରୀବାହୀ ଗାଡ଼ି, ୪୦ଟି ହାଇୱା ଗାଡ଼ିକୁ ଇଓଡବ୍ଲ୍ୟୁ ଜବତ କରିଛି। ଏଥିସହ ରାଜା ଚକ୍ରଙ୍କ ୨ଟି କ୍ରସିଂ ପ୍ଲାଣ୍ଟକୁ ମଧ୍ୟ ଜବତ କରାଯାଇଛି। ତେବେ ରାଜା ଚକ୍ର ଓ ତାଙ୍କ ସହଯୋଗୀ ଗିରଫ ହୋଇ ଏବେ ଜେଲରେ ଥିବାବେଳେ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ।

# ଜଳ ସମ୍ପଦ ବିଭାଗକୁ ଆହୁରି ଦକ୍ଷ, ସ୍ମାର୍ଟ କରାଯିବ



- ରାଜ୍ୟର ହାଇଡ୍ରୋଲୋଜିକାଲ ତଥ୍ୟ ଅନୁଧ୍ୟାନକଲେ ମୁଖ୍ୟମନ୍ତ୍ରୀ
- କର୍ମଚାରୀଙ୍କୁ ଅଧିକ ପ୍ରତିବଦ୍ଧତାର ସହ କାମ କରିବାକୁ ପରାମର୍ଶ ଦେଲେ

ଭୁବନେଶ୍ୱର,୩୧।୧୦(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ପୂର୍ବାହ୍ନରେ ରାଜୀବ ଭବନସ୍ଥିତ ଜଳ ସମ୍ପଦ ବିଭାଗ ପରିଦର୍ଶନ କରି ବିଭାଗର ବିସ୍ତୃତ କାର୍ଯ୍ୟାବଳୀ ସମ୍ପର୍କରେ ପଚାରି ବୁଝିଛନ୍ତି। ମୁଖ୍ୟମନ୍ତ୍ରୀ ଜଳ ସମ୍ପଦ ବିଭାଗରେ ପହଞ୍ଚି ପ୍ରଥମେ ଅଷ୍ଟମ ମହଲାସ୍ଥିତ ରାଜ୍ୟ ଜଳ ବିଜ୍ଞାନ ତଥ୍ୟ କେନ୍ଦ୍ର ଯାଇ ସେଠାରେ ଥିବା ରାଜ୍ୟର ବିଭିନ୍ନ ଜଳଭଣ୍ଡାର ଓ ନଦୀଗୁଡ଼ିକରେ ଜଳ ସ୍ଥିତି ଅନୁଧ୍ୟାନ କରିବା ସହ ଏହାର କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ବୁଝିଥିଲେ।

ସୂଚନାଯୋଗ୍ୟ, ରାଜ୍ୟ ଜଳ ବିଜ୍ଞାନ କେନ୍ଦ୍ରର ତଥ୍ୟ ଅନୁଯାୟୀ ଯଥାସମୟ ଭିତ୍ତିରେ ରାଜ୍ୟରେ ଜଳ ପରିଚାଳନା କରାଯାଇଥାଏ। ଏହାପରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଉପବିଭାଗ ପରିଦର୍ଶନକରି ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କ କାର୍ଯ୍ୟରେ ସନ୍ତୋଷ ବ୍ୟକ୍ତକରି କହିଥିଲେ, ରାଜ୍ୟ ସରକାରଙ୍କ ଲକ୍ଷ୍ୟ ପୂରଣ ପାଇଁ ଆପଣମାନେ ଆହୁରି ପ୍ରତିବଦ୍ଧତାର ସହ କାମ କରନ୍ତୁ।

ପରିଦର୍ଶନ ପରେ ଗଣମାଧ୍ୟମକୁ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଥିଲେ, ୨୦୨୯-୩୦ ସୁଦ୍ଧା ରାଜ୍ୟରେ ୧୫ ଲକ୍ଷ ହେକ୍ଟର ଚାଷଜମିକୁ ଜଳସେଚନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏଥିସହ କେନାଲର ଶେଷ ମୁଣ୍ଡ ପର୍ଯ୍ୟନ୍ତ ଜଳ ପହଞ୍ଚାଇବାକୁ ଆମେ ସୁନିଶ୍ଚିତ କରୁଛୁ। ଏହାକୁ ଦୃଷ୍ଟିରେ ରଖି ବିଭାଗକୁ ଆହୁରି ଦକ୍ଷ ଓ ସ୍ମାର୍ଟ କାର୍ଯ୍ୟାଳୟରେ ପରିଣତ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ ଏବଂ ବିଭାଗୀୟ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ କଲେଜରେ ଉତ୍ତେଜନା

## ପୀଡ଼ିତାଙ୍କ ବୟାନ ରେକର୍ଡ, ଅଧ୍ୟାପକ ଗିରଫ

ରାୟଗଡ଼ା,୩୧।୧୦
(ଆଶିଷ ରଞ୍ଜନ ପଣ୍ଡା)



ଏସ୍‌ଡିପିଓ ଗୌରହରି ସାହୁ ପୀଡ଼ିତା ଛାତ୍ରୀଙ୍କ ସହ ଆଲୋଚନା କରୁଛନ୍ତି।

ରାୟଗଡ଼ା ସହରସ୍ଥିତ ଉତ୍କଳ ଗୌରବ ମଧୁସୂଦନ ବୈଷୟିକ (ୟୁଜିଏମ୍‌ଆଇଟି) କଲେଜର ଅଧ୍ୟାପକ ଜଣେ ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଶୁକ୍ରବାର କଲେଜ ପରିସରରେ ଉତ୍ତେଜନା ପ୍ରକାଶ ପାଇଛି। ଛାତ୍ରୀଛାତ୍ର ଅନୁଷ୍ଠାନ ଆଗରେ ଧାରଣାରେ ବସିବା ସହ ପୀଡ଼ିତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ପାଇଁ ଦାବି କରିଥିଲେ। ଛାତ୍ରୀ ଜଣକ ରାୟଗଡ଼ା ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତାଙ୍କ ବୟାନ ରେକର୍ଡ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଅଧ୍ୟାପକ ପ୍ରଦୀପ ତ୍ରିପାଠୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ରାୟଗଡ଼ା ଟାଉନ ଥାନା ଆଇଆଇସି ପ୍ରସନ୍ନ କୁମାର ବେହେରା ସୂଚନା ଦେଇଛନ୍ତି।

ଘଟଣାରୁ ପ୍ରକାଶ, ଡିପ୍ଲୋମା ପ୍ରଥମ ସେମିଷ୍ଟରର ଜଣେ ଛାତ୍ରୀଙ୍କୁ ଗଣିତ ବିଭାଗ ଅଧ୍ୟାପକ ପ୍ରଦୀପ ତ୍ରିପାଠୀ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ଛାତ୍ରୀ ଜଣକ ଗତ ୨୫ ତାରିଖରେ କଲେଜ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାପରେ କଲେଜ ଇଣ୍ଟରନାଲ କମିଟି ଯାଞ୍ଚ କରିଥିଲେ ହେଁ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ମାର୍କ କାଟିଦେବା ନେଇ ଧମକ ଦିଆଯାଇଥିବା ଛାତ୍ରୀ ଜଣକ କହିଛନ୍ତି। ପୂର୍ବରୁ ମଧ୍ୟ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ଅଭିଯୋଗ ହୋଇଥିବା ନେଇ ଅନୁଷ୍ଠାନର ଛାତ୍ରୀଛାତ୍ର କହିଛନ୍ତି। ତେଣୁ ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଛାତ୍ରୀଛାତ୍ର କଲେଜକୁ ଘେରାଉ କରିବା ସହ ମୁଖ୍ୟ ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଥିଲେ। ଅନୁଷ୍ଠାନର ଫାଟକ ବନ୍ଦ କରି ଅନ୍ୟ କର୍ମଚାରୀଙ୍କୁ ମଧ୍ୟ ଅଟକ ରଖିଥିଲେ। ଏହାକୁ ନେଇ କଲେଜରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ପୋଲିସ କଲେଜରେ ପହଞ୍ଚିଥିଲେ ମଧ୍ୟ ଛାତ୍ରୀଛାତ୍ର ସେମାନଙ୍କୁ ଭିତରକୁ ଛାଡ଼ି ନ ଥିଲେ। ଏସ୍‌ଡିପିଓ ଗୌରହରି ସାହୁ, ଆଇଆଇସି ପ୍ରସନ୍ନ କୁମାର ବେହେରା ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଖବରପାଇ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା, ବରିଷ୍ଠ କଂଗ୍ରେସ ନେତା ଦୁର୍ଗାପ୍ରସାଦ ପଣ୍ଡା ପହଞ୍ଚି ଭିତରକୁ ଯାଇ ପୀଡ଼ିତା ଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ଆସି ଘଟଣାର ସମାଧାନ କରିବାକୁ ଛାତ୍ରୀଛାତ୍ର ଦାବି କରିଥିଲେ। ବିଭିନ୍ନ ରାଜନୈତିକ ଦଳ ଭାଜପା, ବିଜେଡି ନେତା କଲେଜରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଆଦିବାସୀ ନେତା ଗଙ୍ଗାଧର ପୁଆଲା, ରାୟଗଡ଼ା ବ୍ଲକ୍ ଉପାଧ୍ୟକ୍ଷ ହରପ୍ରସାଦ ହେପୃକାଙ୍କ ସହ ଆଦିବାସୀ ନେତା ଉପସ୍ଥିତ ରହି ପୀଡ଼ିତା ଛାତ୍ରୀଙ୍କୁ ସମର୍ଥନ ପୂର୍ବକ ଥାନାରେ ଏତଲା ଦେବାକୁ ଦାବି କରିଥିଲେ। ରାୟଗଡ଼ା ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ପୀଡ଼ିତା ଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ପରେ ଛାତ୍ରୀ ଜଣକ ମା'ବାପାଙ୍କ ସହ ରାୟଗଡ଼ା ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ କେସ୍ ନଂ. ୩୯୯/୨୫ରେ ମାମଲା ରୁଜୁ କରାଯାଇଛି।

ଅନ୍ୟପଟେ ଏହି ମାମଲାକୁ ଚାପିଦେବା ପାଇଁ କଲେଜ କର୍ତ୍ତୃପକ୍ଷଙ୍କ ସମେତ ଅନ୍ୟ କିଛି ଯୁବଗୋଷ୍ଠୀ ଚେଷ୍ଟା କରିଥିବା ଆଦିବାସୀ ନେତା ଗଙ୍ଗାଧର ପୁଆଲା ଓ ବ୍ଲକ ଉପାଧ୍ୟକ୍ଷ ହରପ୍ରସାଦ ହେପୃକା ଅଭିଯୋଗ କରିଛନ୍ତି। ତେବେ ଛାତ୍ରୀଛାତ୍ର ଧାରଣା ଦେବା ସମୟରେ ରିଂରୋଡ୍‌ରେ ଭିଡ଼ ଜମାଇବା କାରଣରୁ ଅଞ୍ଚଳବାସୀ ଓ ସ୍କୁଲ ଛାତ୍ରୀଛାତ୍ର ଯାତାୟାତରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

# ପୁଅର ଚିକିତ୍ସା ପାଇଁ ରାଶନ କାର୍ଡକୁ ବନ୍ଧକ ଦେଲେ ମା'

- କ୍ରୀଡ଼ା ପ୍ରତିଯୋଗିତାବେଳେ ପଡ଼ିଯାଇ ଆହତ ହୋଇଥିଲେ
- କର୍ତ୍ତବ୍ୟରେ ଅବହେଳା ପାଇଁ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ନିଲମ୍ବିତ

ସୋନପୁର,୩୧।୧୦
(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିନ୍ଧୁରପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ଜଣେ ଛାତ୍ରଙ୍କ ଚିକିତ୍ସା ପାଇଁ ତାଙ୍କ ମାଆ ରାଶନକାର୍ଡ଼ ବନ୍ଧକ ପକାଇ ଟଙ୍କା ଆଣିଥିବା ଆଲୋଚନା ହେଉଛି। ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। କ୍ରୀଡା ପ୍ରତିଯୋଗିତାରେ ସେ ଅଂଶଗ୍ରହଣ କରି ଆହତ ହୋଇଥିଲେ। ତେବେ ପ୍ରଶାସନର ହସ୍ତକ୍ଷେପ ପରେ ଛାତ୍ରଙ୍କ ମାଗଣା ଚିକିତ୍ସା ହୋଇଥିଲା। ଏହି ଘଟଣାରେ ସୁବର୍ଣ୍ଣପୁର ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ଭୋଇଙ୍କୁ ଜିଲା ଶିକ୍ଷା ଅଧିକାରୀ(ଡିଇଓ) ମୀନାରାଣୀ ମଙ୍ଗଳ ଶୁକ୍ରବାର ନିଲମ୍ବନ କରିଛନ୍ତି। ଜିଲାପାଳ ଡ. ନୃପରାଜ ସାହୁଙ୍କୁ ନିର୍ଦ୍ଦେଶ କ୍ରମେ ଡିଇଓ ମଙ୍ଗଳ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଜଣାପଡିଛି।

ସୂଚନା ଅନୁଯାୟୀ ଡୁଙ୍ଗୁରିପାଲି ବ୍ଲକର ଇଛାପୁରରେ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ବିନିକା ବ୍ଲକ ସିନ୍ଧୁରପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ର କ୍ରିଷ୍ଣା ନାଏକ ଅଂଶଗ୍ରହଣ କରିଥିଲେ। ତେବେ ଉଚ୍ଚ ଡିଆଁ ବେଳେ ତଳେ ପଡି ଯାଇ କ୍ରିଷ୍ଣାଙ୍କ ହାତ ଭାଙ୍ଗି ଯାଇଥିଲା। ଏହି ଘଟଣାରେ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ଛାତ୍ର ପ୍ରତି ସମବେଦନା ଜଣାଇ ନ ଥିବା ଅଭିଯୋଗ ହୋଇଥିଲା। କ୍ରିଷ୍ଣାଙ୍କ ଚିକିତ୍ସା ପାଇଁ ପରିବାର ଲୋକ ଅସୁବିଧା ଭୋଗିଥିଲେ। ଏପରିକି କ୍ରିଷ୍ଣାଙ୍କ ଚିକିତ୍ସା ପାଇଁ ମା ପଦ୍ମିନୀ ନିଜର ରାଶନ କାର୍ଡକୁ ବନ୍ଧକ ଦେଇ ପ୍ରତିବଦଳରେ ଟଙ୍କା ଆଣିଥିବା ମଧ୍ୟ ଆଲୋଚନା ହୋଇଥିଲା। ଜିଲାପାଳଙ୍କ ହସ୍ତକ୍ଷେପ ପରେ କ୍ରିଷ୍ଣାଙ୍କ ମାଗଣା ଚିକିତ୍ସା ହୋଇଥିଲା। ତେଣୁ କର୍ତ୍ତବ୍ୟରେ ଅବହେଳା କାରଣରୁ ଜ୍ୟୋତିକାନ୍ତଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆ ଯାଇଥିବା ଜଣାପଡିଛି।

# ଭିନ୍ନକ୍ଷମ କଲେଜ ଛାତ୍ରୀଛାତ୍ର ପାଇବେ ଆବଶ୍ୟକ ପଢ଼ା ଉପକରଣ

## ଏସ୍‌ଏସ୍‌ଇପିଡି ପକ୍ଷରୁ ଜିଲାପାଳମାନଙ୍କୁ ତଥ୍ୟ ଦାଖଲ ନିର୍ଦ୍ଦେଶ

ଯାଜପୁର,୩୧।୧୦(ହର୍ଷବର୍ଦ୍ଧନ ବେହେରା)

ଉଚ୍ଚ ଶିକ୍ଷା ବିଭାଗ ଅଧୀନ ସରକାରୀ କଲେଜଗୁଡିକର ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କୁ ଆବଶ୍ୟକ ପଢ଼ା ଉପକରଣ ଯୋଗାଇ ଦିଆଯିବ। ହାଇକୋର୍ଟରେ ଏକ ସୋ-ମୋଟୋ ଡବ୍ଲ୍ୟୁପି(ସି) ନମ୍ବର ୨୧୪୦/୨୦୨୦ ମାମଲାର ବିଚାର କରି ଉପରୋକ୍ତ ପ୍ରସ୍ତାବ ଦେଇଥିଲେ। ଏହାପରେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ(ଏସ୍‌ଏସ୍‌ଇପିଡି) ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଆବଶ୍ୟକ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ନିର୍ଦ୍ଦେଶରେ ଦର୍ଶାଯାଇଛି ଯେ, ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଯୋଜନା ଏସ୍‌ଏସ୍‌ଇପିଡି ଦ୍ୱାରା କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନାର ଆଭିମୁଖ୍ୟ ହେଉଛି ସମାଜର ମୁଖ୍ୟସ୍ରୋତରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଆବଶ୍ୟକ ସମସ୍ତ ସେବା ଉପଲବ୍ଧ କରାଇବା। ଏହିକ୍ରମରେ ହାଇକୋର୍ଟ ମତ ଦେଇଛନ୍ତି ଯେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ ଉନ୍ନତବରୀ ବ୍ରେଲି ଟ୍ରାନ୍ସଲେଟର ସଫ୍ଟୱେର୍, ଅଡିଓ-ଭିଜୁଆଲ ଏଡ୍ସ, ସ୍କ୍ରିନ ରିଡର, ବ୍ରେଲି ଡିସପ୍ଲେ, ମ୍ୟାଗ୍ନିଫିକେସନ ସଫ୍ଟୱେର୍, ଆଡପ୍ଟିଭ କି-ବୋର୍ଡ ଏବଂ ମାଉସ, ସ୍ପିଚ-ଟ୍ୟାପ୍-ଟେକ୍ସଟ-ସଫ୍ଟୱେର୍, ଇ-ବୁକ୍ ଏବଂ ଅଡିଓ ବୁକ୍ ଭଳି କେତେକ ସ୍ୱତନ୍ତ୍ର ଉପକରଣ ଆବଶ୍ୟକ। ହାଇକୋର୍ଟଙ୍କ ଏହି ମତ ବିଭାଗର ସକ୍ରିୟ ବିଚାରାଧୀନ ରହିଛି। ତେଣୁ ଜିଲାପାଳମାନେ ଷ୍ଟକରେ ଉପଲବ୍ଧ ଥିବା ଉପରୋକ୍ତ ସ୍ୱତନ୍ତ୍ର ଉପକରଣଗୁଡ଼ିକୁ ସରକାରୀ କଲେଜଗୁଡ଼ିକୁ ପଠାଇବା ବ୍ୟବସ୍ଥା କରିବେ। ଯଦି ଷ୍ଟକରେ କୌଣସି ଏହି ଉପକରଣ ଉପଲବ୍ଧ ନାହିଁ, ତେବେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ଆକଳନ କରି ରିପୋର୍ଟଦାଖଲ କଲେ ବିଭାଗ ପକ୍ଷରୁ ଶୀଘ୍ର କଲେଜରେ ପାଣ୍ଠି ଯୋଗାଇ ଦିଆଯିବ ବୋଲି ଏସ୍‌ଏସ୍‌ଇପିଡି ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଫୁଲବାଣୀ ଜେଲରେ ମାଷ୍ଟର ମାଇଣ୍ଡ ପିଣ୍ଟୁ

## ପୀତବାସ ପଣ୍ଡା ହତ୍ୟା ମାମଲା



ପିଣ୍ଟୁଙ୍କୁ ଜେଲ ଭିତରକୁ ନିଆଯାଉଛି।

ଫୁଲବାଣୀ,୩୧।୧୦
(ରାକେଶ କୁମାର ରାଉତ)

ଗଞ୍ଜାମ ଜିଲାର ବହୁ ଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାର ମାଷ୍ଟର ମାଇଣ୍ଡ୍ ଶିବଶଙ୍କର ଓରଫ ପିଣ୍ଟୁ ଦାସଙ୍କୁ ଶୁକ୍ରବାର ଫୁଲବାଣୀ ମଣ୍ଡଳ କାରାଗାରକୁ ନିଆଯାଇଛି। ବ୍ରହ୍ମପୁର ସମେତ ଗଞ୍ଜାମ ଜିଲାର କୌଣସି ଜେଲରେ ତାଙ୍କ ପ୍ରତି ବିପଦ ଥିବା ଆଶଙ୍କା କରି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ତାଙ୍କୁ କଡା ସୁରକ୍ଷା ବଳୟରେ ଫୁଲବାଣୀ ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ପିଣ୍ଟୁ ଫୁଲବାଣୀ ଆସିଥିବାରୁ ଜେଲର ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡାକଡି କରାଯାଇଛି।

# ଦୌଡ଼ ଏକତା, ସମନ୍ୱୟ, ଦେଶପ୍ରେମର ପ୍ରତୀକ: ମୁଖ୍ୟମନ୍ତ୍ରୀ

## ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜୟନ୍ତୀରେ ରନ୍ ଫର୍ ୟୁନିଟି

ଭୁବନେଶ୍ୱର,୩୧।୧୦(ସୁନିତ୍ ମିଶ୍ର)

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ପକ୍ଷରୁ କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ଏକତା ଦୌଡ଼କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏକତା, ଭାଇଚାରା ଓ ଦେଶପ୍ରେମ ଆମ ବିକଶିତ ଭାରତର ଶକ୍ତି। ଭିନ୍ନତାରେ ଏକତା ହେଉଛି ଭାରତର ଆତ୍ମା ଓ ଶକ୍ତି। ଜାତି, ଧର୍ମ, ଭାଷା, ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ। ସର୍ଦ୍ଦାର ପଟେଲଙ୍କ ଦୃଢ଼ ସଙ୍କଳ୍ପ, ଦୃଷ୍ଟିକୋଣ ବଳରେ ଆମେ ବର୍ତ୍ତମାନ ଭାରତକୁ 'ଏକ' ଦେଖୁଛୁ ବୋଲି ସେ କହିଥିଲେ। ସର୍ଦ୍ଦାର ପଟେଲଙ୍କ ଅବଦାନକୁ ସ୍ମରଣକରି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇ କହିଛନ୍ତି, ଆମେ ସମସ୍ତେ ମିଳିମିଶି, ସଂଘବଦ୍ଧ ଭାବେ କାମକଲେ ଖୁବ୍‌ଶୀଘ୍ର ବିକଶିତ ଭାରତର ସ୍ୱପ୍ନକୁ ସାକାର କରିପାରିବା। ଏହି ଦୌଡ଼ ହେଉଛି ସେହି ଏକତା, ସମନ୍ୱୟ ଓ ଦେଶପ୍ରେମର ପ୍ରତୀକ। ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରନ୍ ଫର୍ ୟୁନିଟି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ୨୦୧୮ରେ ଗୁଜରାଟର କେଭାଡିଆଠାରେ ସର୍ଦ୍ଦାର ପଟେଲଙ୍କ ୧୮୨ ମିଟର ଉଚ୍ଚ ଷ୍ଟାଚ୍ୟୁ ଅଫ୍ ୟୁନିଟି ଅନାବରଣ ହୋଇଥିଲା, ଯାହା ବିଶ୍ୱର ସର୍ବବୃହତ୍ ପ୍ରତିମା ଭାବେ ଭାରତୀୟ ଗୌରବର ପ୍ରତୀକ ହୋଇଉଠିଛି ବୋଲି ସେ କହିଛନ୍ତି। ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ୱାଗତ ଭାଷଣ ଦେଇ କହିଥିଲେ, ଏହି ଦୌଡ଼ ମାଧ୍ୟମରେ ଆମେ ଏକତା, ସମନ୍ୱୟ ଓ ଦେଶପ୍ରେମର ଭାବନାକୁ ଜାଗ୍ରତ କରିବା ଓ ଏକ ସଶକ୍ତ ଭାରତ ଗଢ଼ିବାରେ ନିରନ୍ତର ଅଗ୍ରସର ହେବା ଆମ ସମସ୍ତଙ୍କ ଦାୟିତ୍ୱ। ଶେଷରେ ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ଧନ୍ୟବାଦ ଦେଇଥିଲେ।

# ମହିଳାମାନେ ଆତ୍ମନିର୍ଭରଶୀଳ, ସଶକ୍ତ ହେଲେ ହିଁ ସମୃଦ୍ଧ ରାଜ୍ୟ ଗଢ଼ିହେବ

ଭୁବନେଶ୍ୱର, ୩୧।୧୦(ସୁଚିସ୍ମିତା ସାହୁ)



ସୁଭଦ୍ରା ଏକତା ପଦଯାତ୍ରାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ଅଧିକାରୀ ଓ ସୁଭଦ୍ରା ହିତାଧିକାରୀମାନେ।

## ସୁଭଦ୍ରା ଏକତା ପଦଯାତ୍ରା

ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଶୁକ୍ରବାର 'ସୁଭଦ୍ରା ଏକତା ପଦଯାତ୍ରା' ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନଶକ୍ତି, ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ପତାକା ଦେଖାଇ ଶୁଭାରମ୍ଭ କରିବା ସହ ଏକତା ପଦଯାତ୍ରାରେ ସାମିଲ ହୋଇଥିଲେ। ଏହି ପଦଯାତ୍ରା ମାଷ୍ଟରକ୍ୟାଣ୍ଟିନଠାରୁ ଆରମ୍ଭ ହୋଇ ରାଜମହଲ ଛକ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ମହିଳାଙ୍କୁ ସ୍ୱାବଲମ୍ବୀ କରି ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମହିଳାମାନେ ଆତ୍ମନିର୍ଭରଶୀଳ ଓ ସଶକ୍ତ ହୋଇପାରିଲେ ଏକ ସମୃଦ୍ଧ ରାଜ୍ୟର ଭିତ୍ତି ପଡିବ। ରାଜ୍ୟ ସରକାରଙ୍କ ପ୍ରୟାସରେ 'ସୁଭଦ୍ରା ଯୋଜନା'ରେ ଅଦ୍ୟାବଧି ଏକ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କୁ ୧୫ ହଜାର କୋଟିରୁ ଊର୍ଦ୍ଧ୍ୱ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ମହିଳାମାନେ ବିକଶିତ ଭାରତ ଏବଂ ସମୃଦ୍ଧ ଓଡ଼ିଶା ଲକ୍ଷ୍ୟ ହାସଲର ଏକ ମହତ୍ତ୍ୱପୂର୍ଣ୍ଣ ଏବଂ ପ୍ରମୁଖ ମାଧ୍ୟମ, ଯାହା ଏହି ସୁଭଦ୍ରା ଏକତା ପଦଯାତ୍ରାରେ ପରିଲକ୍ଷିତ ହେଉଛି। ବିଭିନ୍ନ ସ୍ଥାନରୁ ମହିଳାମାନେ ଏକତ୍ରିତ ହୋଇ ପାରସ୍ପରିକ ଭାବବିନିମୟ ଓ ଅନୁଭୂତିର ଆଦାନପ୍ରଦାନ ଦ୍ୱାରା ଭିନ୍ନ ଏକ ସମ୍ପର୍କ ସ୍ଥାପନ ହୋଇପାରିଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ।

ପଦଯାତ୍ରାରେ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାଶ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ହିତାଧିକାରୀମାନେ ଜାଣିବା ସହ ସେମାନଙ୍କ ପାଇଁ ରହିଥିବା ସୁବିଧାର ଲାଭ ନେବାକୁ କହିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ସମନ୍ୱିତ ଶିଶୁ ବିକାଶ ସେବା ଓ ସାମାଜିକ କଲ୍ୟାଣ ନିର୍ଦ୍ଦେଶିକା ମୋନୀଷା ବାନାର୍ଜୀ, ବିଏମ୍‌ସି କମିଶନର ଚଞ୍ଚଳ ରାଣାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଏବଂ ସୁଭଦ୍ରା ଯୋଜନାର ହିତାଧିକାରୀ ପଦଯାତ୍ରାରେ ସାମିଲ ହୋଇଥିଲେ।

# ପୋଲିସ ଧକ୍କାରେ ବୃଦ୍ଧ ଗୁରୁତର

ବନ୍ତଳା,୩୧।୧୦(ସୁଶିତ ସାହୁ)



ଜବରଦଖଲ ଉଚ୍ଛେଦ ବେଳେ ପୋଲିସ ବୃଦ୍ଧଙ୍କୁ ଧକ୍କା ମାରୁଛି।



ସିମେଣ୍ଟ କଂକ୍ରିଟ୍ ରାସ୍ତାରେ ବୃଦ୍ଧ ଜଣକ ପଡ଼ିଯାଇଛନ୍ତି।

ଅନୁଗୋଳ ବ୍ଲକ ବଲାସିଂହା ପଞ୍ଚାୟତ ସୁରାବ ଗ୍ରାମରେ ଶୁକ୍ରବାର ଜବରଦଖଲ ଉଚ୍ଛେଦ ବେଳେ ସଦର ଥାନାର ଜଣେ ପୋଲିସ ଧକ୍କାରେ ବୃଦ୍ଧ ରାଜକିଶୋର ସାହୁ (୭୦) ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅଭିଯୋଗ ଅନୁଯାୟୀ, ରାଜକିଶୋର ଘରପାଖ ଏକ ସରକାରୀ ଜାଗାରେ ଘର କରିଛନ୍ତି। ତାଙ୍କ ଘର ପଛ ପଟେ ଜଣେ ବ୍ୟକ୍ତି ଜମି କିଣିଥିବା ବେଳେ ସେହି ଜମିକୁ ଯିବା ପାଇଁ ରାଜକିଶୋର ଦଖଲ କରିଥିବା ସରକାରୀ ଜାଗାରୁ ଘର ଉଚ୍ଛେଦ କରିବାକୁ ବେଣ୍ଟପୁର ରାଜସ୍ୱ ନିରୀକ୍ଷକ ଓ ଅନୁଗୋଳ ସଦର ପୋଲିସ ଗାଁରେ ପହଞ୍ଚିଥିଲେ। ସେମାନେ ମେଶିନ ଲଗାଇ ଘର ଭାଙ୍ଗିବାକୁ ଚେଷ୍ଟା କରିବା ବେଳେ ରାଜକିଶୋରଙ୍କ ପରିବାର ବିରୋଧ କରିଥିଲେ। ଏହି ସମୟରେ ଜଣେ ପୋଲିସ କର୍ମଚାରୀ ରାଜକିଶୋରଙ୍କୁ ଧକ୍କା ଦେଇଥିଲେ। ଫଳରେ ରାଜକିଶୋର ସିମେଣ୍ଟ କଂକ୍ରିଟ ରାସ୍ତାରେ ପଡ଼ି ଗୁରୁତର ହୋଇଥିଲେ। ତୁରନ୍ତ ପୋଲିସ କର୍ମଚାରୀମାନେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଆକ୍ରୋଶମୂଳକ ଭାବେ ଘର ଭାଙ୍ଗିବା ସହ ବୃଦ୍ଧ ବାପାଙ୍କୁ ପୋଲିସ ମାଡ଼ ମାରିଥିବା ରାଜକିଶୋରଙ୍କ ପୁଅ ପପୁନ ସାହୁ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏପରି ଅଭିଯୋଗକୁ ସଦର ଥାନା ଆଇଆଇସି ମୃଣାଳ କାଲ ଖଣ୍ଡନ କରିଛନ୍ତି। ଏହା ମିଥ୍ୟା ଓ ଭିତ୍ତିହୀନ। ପୋଲିସ କେବଳ ଜବରଦଖଲ ସମ୍ମୁଖରୁ ତାଙ୍କୁ ହଟାଇ ଦେଇଥିଲା ବୋଲି ଆଇଆଇସି ପ୍ରକାଶ କରିଛନ୍ତି।

# ୧୪୬ ବିଲିୟନ ଡଲାରରେ ପହଞ୍ଚିଛି ସୁନା ଚାହିଦା

ଭୁବନେଶ୍ୱର,୩୧।୧୦

୨୦୨୫ ୩ୟ ତ୍ରୈମାସିକରେ ସୁନା ଚାହିଦା (ଓଟିସି ସମେତ) ୧୩୧୩ ଟନ୍‌ରେ ଏବଂ ମୂଲ୍ୟ ଦୃଷ୍ଟିରୁ ୧୪୬ ବିଲିୟନ ଡଲାରରେ ପହଞ୍ଚିଛି। ଏହା ରେକର୍ଡ ଅନୁଯାୟୀ ସୁନା ଚାହିଦାର ସର୍ବୋଚ୍ଚ ତ୍ରୈମାସିକ ଥିଲା। ଏହି ତଥ୍ୟ ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲର ୩ୟ ତ୍ରୈମାସିକ ୨୦୨୫ ଗୋଲ୍ଡ ଡିମାଣ୍ଡ ଟ୍ରେଣ୍ଡସ ରିପୋର୍ଟରେ ଜଣାପଡ଼ିଛି । ଏହି ତ୍ରୈମାସିକରେ ନିବେଶ ଚାହିଦା ବୃଦ୍ଧି ପାଇ ୫୩୭ ଟନ୍‌ରେ ପହଞ୍ଚିଥିଲା ଏବଂ ମୋଟ ଶୁଦ୍ଧ ସୁନା ଚାହିଦାରେ ୫୫%ର ଯୋଗଦାନ ଦେଇଛି। ୩ୟ ତ୍ରୈମାସିକରେ ସୁନା ଇଟିଏଫ୍ ଅନ୍ତର୍ଜାତୀୟ ପ୍ରବାହ ସହ ଅଧିକ ୨୨୨ ଟନ୍ ବୃଦ୍ଧି ପାଇ ୨୬ ବିଲିୟନ ଡଲାରରେ ପହଞ୍ଚିଛି। ପ୍ରାୟ ସମସ୍ତ ବଜାରରେ ଅଭିବୃଦ୍ଧି ସହ ଗୋଲ୍ଡ ବାର୍ ଓ କଏନ ନିବେଶ ବାର୍ଷିକ ୧୭% ବୃଦ୍ଧି ହୋଇ ମୋଟ ୩୧୬ ଟନ୍ ରହିଛି, କିନ୍ତୁ ଏଥିରେ ଭାରତ (୯୨ ଟନ୍) ଓ ଚାଇନା (୭୪ ଟନ)ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ଅନ୍ୟପକ୍ଷରେ ସୁନା ଅଳଙ୍କାର ଚାହିଦା, ଚଳିତ ବର୍ଷ ୫୦ଟି ରେକର୍ଡ ସୁନା ମୂଲ୍ୟ ବୃଦ୍ଧି ଯୋଗୁ ଚାପଗ୍ରସ୍ତ ହୋଇଥିଲା, ଯାହାର ୩ୟ ତ୍ରୈମାସିକରେ ବାର୍ଷିକ ଆଧାରରେ ୧୯% ହ୍ରାସ ପାଇଛି। ସୁନାର ଉଚ୍ଚ ଦର ସତ୍ତ୍ୱେ ୩ୟ ତ୍ରୈମାସିକରେ ମୋଟ ୨୨୦ ଟନ୍‌ର ଶୁଦ୍ଧ କ୍ରୟ ସହ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର କ୍ରୟ ବୃଦ୍ଧି ପାଇଛି। ଚଳିତ ବର୍ଷ ଆରମ୍ଭରୁ ବର୍ତ୍ତମାନ ସୁଦ୍ଧା ଶୁଦ୍ଧ କ୍ରୟ ମୋଟ ୬୩୪ ଟନ ରହିଛି । ମୋଟ ସୁନା ଯୋଗାଣ ୧୩୧୩ ଟନ୍‌ର ଏକ ତ୍ରୈମାସିକ ରେକର୍ଡରେ ପହଞ୍ଚିଛି ଯାହା ବାର୍ଷିକ ଆଧାରରେ ୩% ବୃଦ୍ଧି ପାଇଛି। ସୁନା ଖଣି ଉତ୍ପାଦ ବାର୍ଷିକ ଆଧାରରେ ୨% ବୃଦ୍ଧି ହୋଇ ୯୭୭ ଟନରେ ପହଞ୍ଚିଥିବା ବେଳେ ସୁନା ରିସାଇକ୍ଲିଂ ବାର୍ଷିକ ୬% ବୃଦ୍ଧି ହୋଇ ୩୪୪ ଟନ୍ ରହିଛି। ଉଚ୍ଚ ସୁନା ଦର ସତ୍ତ୍ୱେ ଏହା ଅପେକ୍ଷାକୃତ ସ୍ଥିର ରହିଛି। ଏ ସମ୍ପର୍କରେ ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲର ବରିଷ୍ଠ ବଜାର ବିଶ୍ଳେଷକ ଲୁଇସ୍ ଷ୍ଟ୍ରିଟ୍ କହିଛନ୍ତି, ୩ୟ ତ୍ରୈମାସିକରେ ସୁନା ମୂଲ୍ୟ ଆଉନ୍ସ ପିଛା ୪୦୦୦ ଡଲାର ଆଡ଼କୁ ବୃଦ୍ଧି ପାଇବା, ବର୍ଷ ସାରା ଏହାର ଚାହିଦାକୁ ଆଗକୁ ବଢ଼ାଉଥିବା କାରକଗୁଡ଼ିକର ଶକ୍ତି ଓ ସ୍ଥାୟିତ୍ୱକୁ ସୂଚିତ କରୁଛି। ବର୍ଦ୍ଧିତ ଭୂରାଜନୈତିକ ଉତ୍ତେଜନା, ଦୃଢ ମୁଦ୍ରାସ୍ଫୀତି ଚାପ ଓ ଅନ୍ତର୍ଜାତୀୟ ବାଣିଜ୍ୟ ନୀତିକୁ ନେଇ ରହିଥିବା ଅନିଶ୍ଚିତତା ଏହି ସୁରକ୍ଷିତ ସମ୍ପତ୍ତି ପାଇଁ ଚାହିଦା ବୃଦ୍ଧି କରିଛି । କାରଣ ନିବେଶକମାନେ ନିଜ ପୋର୍ଟଫୋଲିଓରେ ସ୍ଥିରତା ଆଣିବାକୁ ଚାହୁଁଛନ୍ତି। କ୍ରମାଗତ ଭାବେ ଦୁର୍ବଳ ହେଉଥିବା ୟୁଏସ୍ ଡଲାର, ନିମ୍ନ ସୁଧ ହାର ଆକାଂକ୍ଷା ଏବଂ ମୁଦ୍ରାସ୍ଫୀତି ଅସ୍ଥିରତାର ବିପଦ ନିବେଶ ଚାହିଦାକୁ ଆହୁରି ବୃଦ୍ଧି କରିପାରେ। ସୁନା ଚଳିତ ବର୍ଷ ଗୋଟିଏ ପରେ ଗୋଟିଏ ରେକର୍ଡ ସୃଷ୍ଟି କରିଛି ଏବଂ ବର୍ତ୍ତମାନର ପରିବେଶ ସୂଚାଉଛି ଯେ, ସୁନା ପାଇଁ ଅଧିକ ଲାଭ ସୃଷ୍ଟି ହୋଇପାରେ। ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲର ଆଞ୍ଚଳିକ ସିଇଓ ସଚିନ୍ ଜୈନ କହିଛନ୍ତି, ୨୦୨୫ର ୩ୟ ତ୍ରୈମାସିକରେ ଭାରତର ମୋଟ ସୁନା ମୂଲ୍ୟ ୨୩% ବୃଦ୍ଧି ହୋଇ ୨୦୩,୨୪୦ କୋଟି ଟଙ୍କାରେ ପହଞ୍ଚିଥିବା ବେଳେ ସୁନା ଚାହିଦା ପରିମାଣ ୧୬%ର ହ୍ରାସ ପରିଲକ୍ଷିତକରି ୨୦୯.୪ ଟନ୍ ରହିଛି। ଉଚ୍ଚ ହାରାହାରି ମୂଲ୍ୟ ଦ୍ୱାରା ପରିଚାଳିତ ମୂଲ୍ୟରେ ଏହି ମଜଭୁତ ଅଭିବୃଦ୍ଧି ଏକ ସୁରକ୍ଷିତ ସମ୍ପତ୍ତି ଭାବେ ସୁନାର ସ୍ଥାୟୀ ଆକର୍ଷଣକୁ ଆହୁରି ସୁଦୃଢ଼ କରିଛି। ନିବେଶ ଚାହିଦା ପରିମାଣ ଦୃଷ୍ଟିରୁ ୨୦% ବୃଦ୍ଧି ହୋଇ ୯୧.୬ ଟନ ରହିଛି ଏବଂ ମୂଲ୍ୟ ଦୃଷ୍ଟିରୁ ୭୪% ବୃଦ୍ଧି ହୋଇ ୮୮୯୭୦ କୋଟି ଟଙ୍କା ରହିଛି।

# ଇନ୍‌ଫୋ ଭ୍ୟାଲିରେ ହେବ ଅର୍ଦ୍ଧପରିବାହୀ ନିର୍ମାଣ ୟୁନିଟ୍

ଭୁବନେଶ୍ୱର,୩୧।୧୦ (ଅନୁରାଧା ମହାରଣା)


ଅଶ୍ୱିନୀ ବୈଷ୍ଣବ

ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର ଓଡ଼ିଶା ଆସିବେ। ଏହି ଅବସରରେ ଭୁବନେଶ୍ୱରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗଦେବେ। ଭୁବନେଶ୍ୱରର ଇନ୍‌ଫୋ ଭ୍ୟାଲିରେ ନିର୍ମାଣ ହେବାକୁ ଥିବା ଅର୍ଦ୍ଧପରିବାହୀ ନିର୍ମାଣ ୟୁନିଟ୍‌ର ଭୂମିପୂଜନ ସମାରୋହରେ ଯୋଗଦେବେ। 'ମେକ୍ ଇନ୍ ଇଣ୍ଡିଆ' ଏବଂ 'ଡିଜିଟାଲ ଇଣ୍ଡିଆ'ର ଦୃଷ୍ଟିକୋଣ ସହ ଏହି ପ୍ରକଳ୍ପ ଭାରତର ଅର୍ଦ୍ଧପରିବାହୀ ଉତ୍ପାଦନ ଇକୋସିଷ୍ଟମକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ହେବ ବୋଲି ଆଶା କରାଯାଉଛି। ଏହା ସହ ବୈଷ୍ଣବ ଭୁବନେଶ୍ୱରର ଲୋକସେବା ଭବନରେ ରେଳ ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ

## ଆଜି ଭୂମିପୂଜା କରିବେ ଅଶ୍ୱିନୀ

ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ। ସାରା ରାଜ୍ୟରେ ରେଳ ଭିତ୍ତିଭୂମିକୁ ଆହୁରି ଉନ୍ନତ କରିବା ଏବଂ ସଂଯୋଗୀକରଣକୁ ଉନ୍ନତକରିବା ଏହି ଏମ୍‌ଓୟୁର ଲକ୍ଷ୍ୟ ରହିଛି। ପରେ ମନ୍ତ୍ରୀ ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ଚାଲିଥିବା ପୁନର୍ବିକାଶ ଏବଂ ଆଧୁନିକୀକରଣ କାର୍ଯ୍ୟ ସମୀକ୍ଷା କରିବା ପାଇଁ ଭୁବନେଶ୍ୱର ରେଳଷ୍ଟେଶନ ପରିଦର୍ଶନ କରିବେ।

# କନ୍ଦରପୁରରେ କାନାରା ବ୍ୟାଙ୍କ ଶାଖା ଉଦ୍‌ଘାଟିତ

କଟକ ସଦର,୩୧।୧୦(ସୁଶାନ୍ତ କୁମାର ଜେନା)


ବ୍ୟାଙ୍କ ଶାଖା ଉଦ୍‌ଘାଟନ ସମାରୋହରେ ମଞ୍ଚାସୀନ ଅତିଥି।

ରାଷ୍ଟ୍ରୀୟ ଏକତା ଦିବସ ଅବସରରେ କଟକ-ପାରାଦୀପ ରାସ୍ତାର କନ୍ଦରପୁରଠାରେ କାନାରା ବ୍ୟାଙ୍କର ଏକ ଶାଖା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ଶାଖାକୁ କଟକ ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ ଏବଂ ବ୍ୟାଙ୍କର ଓଡ଼ିଶା ମୁଖ୍ୟ ଜଗଦୀଶ ଚନ୍ଦ୍ର ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ମଣ୍ଡଳ ପ୍ରବନ୍ଧକ ତାପସ ରଞ୍ଜନ ବେହେରା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ସମାରୋହରେ ଆଞ୍ଚଳିକ ପରିଚାଳକ ଆକିଲା ଟି, କନ୍ଦରପୁର ଥାନା ଅଧିକାରୀ ଆର୍ତ୍ତତ୍ରାଣ ସେଠୀ, ବୈଜୟନ୍ତୀ ଜେନା, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ମହାଳି, ସରପଞ୍ଚ ରାକେଶ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବହୁ ସଂଖ୍ୟାରେ ଲୋକେ ନୂଆ ଆକାଉଣ୍ଟ ଖୋଲିଥିଲେ।

# 'ମାଇଁ ଭାରତ'ରେ ଯୋଡ଼ି ହେଲେଣି ୨ କୋଟି ଯୁବପିଢ଼ି

ଭୁବନେଶ୍ୱର,୩୧।୧୦

ଦେଶର ଯୁବକମାନଙ୍କୁ ସଶକ୍ତ କରି ରାଷ୍ଟ୍ର ନିର୍ମାଣରେ ସେମାନଙ୍କ ଯୋଗଦାନ ନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ମାଇଁ ଭାରତ ପ୍ଲାଟଫର୍ମ ଏକ ଅନନ୍ୟ ଉଦ୍ୟମ ରୂପେ ଉଭା ହୋଇଛି। ଆରମ୍ଭର ଦୁଇ ବର୍ଷରୁ କମ ସମୟ ମଧ୍ୟରେ ମାଇଁ ଭାରତ ୨ କୋଟିରୁ ଅଧିକ ଯୁବକ ଏବଂ ୧.୨୦ ଲକ୍ଷରୁ ଅଧିକ ସହଯୋଗୀ ସଂସ୍ଥାକୁ ଯୋଡ଼ି ଦେଶର ସବୁଠାରୁ ବଡ଼ ଡିଜିଟାଲ ପ୍ଲାଟଫର୍ମରେ ପରିଣତ ହୋଇଛି। ବର୍ତ୍ତମାନ ଏହି ପ୍ଲାଟଫର୍ମରେ ୧୪.୫ ଲକ୍ଷରୁ ଅଧିକ ସ୍ୱେଚ୍ଛାସେବୀ ଅବସର ଉପଲବ୍ଧ। ଏହା ୧୬,୦୦୦ରୁ ଅଧିକ ଯୁବ କ୍ଲବ ସଦସ୍ୟ ଏବଂ ୬୦,୦୦୦ରୁ ଅଧିକ ସଂସ୍ଥାଗତ ସହଯୋଗୀଙ୍କୁ ଯୋଡୁଛି। ଏଥିରେ ସରକାରୀ ସଂସ୍ଥା, ବିଦ୍ୟାଳୟ-ମହାବିଦ୍ୟାଳୟ ଏବଂ ଅନେକ ବେସରକାରୀ ସଂଗଠନ (ଏନଜିଓ) ସାମିଲ ଅଛି। ଚଳିତ ମାସ ଆରମ୍ଭରେ କେନ୍ଦ୍ର ସରକାର ମାଇଁ ଭାରତ ମୋବାଇଲ ଆପ ଲଞ୍ଚ କରିଛନ୍ତି। ଏହି ଆପ ପୋର୍ଟାଲରେ ସବୁ ବିଶେଷତ୍ୱ ସ୍ମାର୍ଟଫୋନରେ ଉପଲବ୍ଧ ହେଉଛି।

# ବାଲାଜୀ ମାର୍ବଲ୍‌ସ ରେ' ଶେରା ଟାଇଲସ ମେଗା ଶୋ'ରୁମ୍ ଉଦ୍‌ଘାଟିତ

କଟକ,୩୧।୧୦(କାର୍ତ୍ତିକ ସାହୁ)




୧୯୯୭ ମସିହାରୁ ସମଗ୍ର ଓଡ଼ିଶାରେ ଘରେ ଘରେ କାନ୍ଥ ଓ ଚଟାଣରେ ବିଛା ଯାଇଥିବା ରେ' ଶେରା କମ୍ପାନୀର ଟାଇଲସ ଓ ମାର୍ବଲ୍‌ସ ବହୁ ସୁନାମ ଅର୍ଜନ କରିପାରିଛି। ଏହି ଅବସରରେ ବିଡାନାସୀ ସିଡିଏ ରୋଡଠାରେ ରେ' ଶେରା କମ୍ପାନୀର ନୂତନ ଆଉଟ ଲେଟ ମେସର୍ସ ବାଲାଜୀ ମାର୍ବଲ୍‌ସ ଉଦ୍‌ଘାଟିତ ହୋଇଯାଇଛି। ପାଞ୍ଚ ହଜାର ବର୍ଗ ଫୁଟ ପରମିତ ଜାଗାରେ ଏହି ଟାଇଲ ଶୋ' ରୁମ୍‌ରେ ବିଭିନ୍ନ ଭେରାଇଟିର ଚଟାଣ କାନ୍ଥ ଟାଇଲ ମାର୍ବଲ୍‌ସ ଏବଂ ଗ୍ରାନାଇଟ ଆଦି ମହଜୁଦ ରହିଛି। ଉଦ୍‌ଘାଟନ ଉତ୍ସବରେ ରେ' ଶେରା କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର ଦିପେଶ ପଟେଲ ଓ ଆସିଷ୍ଟାଣ୍ଟ ଭାଇସ ପ୍ରେସିଡେଣ୍ଟ ନାରାୟଣ ବେହେରା ଅତିଥି ଭାବେ ଯୋଗଦେଇଥିଲେ। ରେ' ଟାଇଲସ ମାର୍ବଲ ଏବଂ ଗ୍ରାନାଇଟ ସମସ୍ତ ବର୍ଗର ଗ୍ରାହକଙ୍କୁ ଆକୃଷ୍ଟ କରିବା ସହ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯିବ ବୋଲି ଇତ୍ୟା ରଞ୍ଜନ ସ୍ୱାଇଁ ଓ କୋ ପ୍ରୋପାଇଟର ନରେଶ ପଣ୍ଡା କହିଛନ୍ତି। କମ୍ପାନୀର କର୍ମଚାରୀ ସୁରେଶ କୁମାର ସାହୁ, ସୁଶାନ୍ତ କୁମାର ପାଢ଼ୀ, ସୁଦର୍ଶନ ପାଢ଼ୀ, ସରୋଜ କୁମାର ପଟ୍ଟନାୟକ, ସୁଶାନ୍ତ କୁମାର ସ୍ୱାଇଁ, ପ୍ରମୋଦ କୁମାର ବେହେରା, ରମେଶ ପଣ୍ଡା, ରଶ୍ମିତା ସ୍ୱାଇଁ ଅତିଥି ଭାବେ ଯୋଗଦେଇଥିଲେ।

# ହୋଣ୍ଡା ଆକ୍ଟିଭାର ୩୫ ନିୟୁତ ଗ୍ରାହକ

ଭୁବନେଶ୍ୱର,୩୧।୧୦

ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ(ଏଚ୍‌ଏମ୍‌ଏସ୍‌ଆଇ) ଆକ୍ଟିଭାର ୧୧୦, ଆକ୍ଟିଭା ୧୨୫ ଏବଂ ଆକ୍ଟିଭା-ଆଇର ଗ୍ରାହକ ସଂଖ୍ୟା ୩୫ ନିୟୁତରେ ପହଞ୍ଚିଛି। ମେଟ୍ରୋଠାରୁ ନେଇ ଛୋଟ ସହର ପର୍ଯ୍ୟନ୍ତ ଆକ୍ଟିଭାର ଉପସ୍ଥିତି ବାସ୍ତବରେ ସାରା ଭାରତରେ ରହିଛି। ୨୦୦୧ରେ ଏହା ବଜାର ପ୍ରବେଶ କରିବା ପରଠାରୁ ଦୁଇଚକିଆ ରୂପାନ୍ତରଣ କ୍ଷେତ୍ରରେ କେନ୍ଦ୍ରବିନ୍ଦୁ ହୋଇଛି ଏବଂ ଏହା ବିବିଧ ଜନସାଧାରଣଙ୍କ ମଧ୍ୟରେ ଚାଳକମାନଙ୍କ ପାଇଁ ଭରସାଯୋଗ୍ୟ ଓ ସୁଲଭ ଗମନାଗମନ ମାଧ୍ୟମ ପାଲଟିଛି। ଏଚ୍‌ଏମ୍‌ଏସ୍‌ଆଇର ଅଭିବୃଦ୍ଧି କ୍ଷେତ୍ରରେ ମଜଭୁତ ଅବଦାନ ରଖୁଥିବା ଆକ୍ଟିଭା ଭାରତୀୟ ଦୁଇଚକିଆ ବଜାରରେ ଏହି ବ୍ରାଣ୍ଡର ଉପସ୍ଥିତିରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରୁଛି। ପ୍ରଥମ ୧୦ ନିୟୁତ ଗ୍ରାହକ ୨୦୧୫ ସୁଦ୍ଧା ହାସଲ କରାଯାଇଥିବାବେଳେ ୨୦ ନିୟୁତ ଗ୍ରାହକ ୨୦୧୮ରେ ଏବଂ ଏବେ ୩୫ ନିୟୁତ ଗ୍ରାହକ ୨୦୨୫ରେ ଯୋଡ଼ିହୋଇଛନ୍ତି ।

# କଗ୍ନିଜାଣ୍ଟର ରାଜସ୍ୱରେ ୭.୪% ବୃଦ୍ଧି

ଭୁବନେଶ୍ୱର,୩୧।୧୦

କଗ୍ନିଜାଣ୍ଟ (ନାସ୍‌ଡାକ୍: ସିଟିଏସ୍‌ଏଚ୍) ପକ୍ଷରୁ ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଛି। ଏଥିରେ କଗ୍ନିଜାଣ୍ଟର ରାଜସ୍ୱ ବାର୍ଷିକ ଆଧାରରେ ୭.୪% ଏବଂ କ୍ରମିକ ଭାବେ (ସ୍ଥିର ମୁଦ୍ରାରେ ୨.୮%) ୩.୨% ବୃଦ୍ଧି ହୋଇ ୫.୪୨ ବିଲିୟନ ଡଲାର ରହିଛି । ଅପରେଟିଂ ମାର୍ଜିନ ୧୬.୦% ରହିଛି ଯାହା ବାର୍ଷିକ ଭିତ୍ତିରେ ୧୪୦ ବେସିସ୍ ପଏଣ୍ଟ ବୃଦ୍ଧି ହୋଇଛି। ଏହାଛଡ଼ା ଆଡ୍‌ଜଷ୍ଟେଡ୍ ଅପରେଟିଂ ମାର୍ଜିନ ବାର୍ଷିକ ୭୦ ବେସିସ୍ ପଏଣ୍ଟ ପର୍ଯ୍ୟନ୍ତ ବୃଦ୍ଧିହୋଇ ୧୬.୦% ରହିଛି। ୧.୩୯ ଡଲାରର ଆଡ୍‌ଜଷ୍ଟେଡ୍ ଇପିଏସ୍ ବାର୍ଷିକ ୧୧% ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ୦.୫୬ ଡଲାରର ଜିଏଏପି ଇପିଏସ୍ ବାର୍ଷିକ ୦.୬୧ ଡଲାର ହ୍ରାସ ପାଇଛି, ଯେଉଁଥିରେ ୦.୮୦ ଡଲାରର ଏକ ଏକକାଳୀନ, ନଗଦବିହୀନ ଆୟକର ଖର୍ଚ୍ଚ ପ୍ରଭାବ ସାମିଲ ରହିଛି। ୨୦୨୫ର ସ୍ଥିର ମୁଦ୍ରା ରାଜସ୍ୱ ଅଭିବୃଦ୍ଧି ଆକଳନ ୬.୦%ରୁ ୬.୩%କୁ ବୃଦ୍ଧିପାଇଛି। ଏ ସମ୍ପର୍କରେ କଗ୍ନିଜାଣ୍ଟର ସିଇଓ, ରବି କୁମାର ଏସ୍ କହିଛନ୍ତି, '୩ୟ ତ୍ରୈମାସିକରେ କମ୍ପାନୀର ରାଜସ୍ୱ ବାର୍ଷିକ ଆଧାରରେ ୬.୫% ଓ ସ୍ଥିର ମୁଦ୍ରାରେ କ୍ରମିକ ଭାବେ ୨.୮% ବୃଦ୍ଧି ପାଇଛି, ଯାହା କ୍ରମାଗତ ଭାବେ ୫ମ ତ୍ରୈମାସିକ ପାଇଁ ଆମର ବାର୍ଷିକ ମୂଳ ରାଜସ୍ୱ ଅଭିବୃଦ୍ଧି ଏବଂ ୨୦୨୨ ପରଠାରୁ ଆମର ସବୁଠାରୁ ଶକ୍ତିଶାଳୀ କ୍ରମିକ ଅଭିବୃଦ୍ଧିକୁ ଉପସ୍ଥାପନ କରୁଛି। ଆମେ ଏହି ତ୍ରୈମାସିକରେ ୬ଟି ବଡ଼ ଡିଲ୍ ସ୍ୱାକ୍ଷର କରିଛୁ, ଯାହା ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ଆମର ଡିଲ୍ ସଂଖ୍ୟାକୁ ୧୬ରେ ପହଞ୍ଚାଇଛି।


# Classified Everyday

0674-2580101, 9692975378



## REAL ESTATE

### SALE

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି– 8327785834. D-06

ପୁରୀ ମଙ୍ଗଳଘାଟ ଛକ ଶ୍ରୀସେତୁ ନିକଟରେ **200ଫୁଟ** ରାସ୍ତାପାଖରେ ସ୍ଥିତିବାନ୍ ପ୍ଲଟ୍ ବର୍ଗଫୁଟକୁ **2700ଟଙ୍କା। Registration, Conversion and Mutation Free. Contact: 9438220432/ 8144658008.** D-2438

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/- ପ୍ଲଟ୍ ବିକ୍ରିହେବ– 9776974912. D-05

LIG House (136, 137, 138, 139) for sale At Sector- 3, Niladri Vihar, Near- Pani Tanki, Bhubaneswar. Contact- 9437229575. D-2398

B h u b a n e s w a r Gothapatna 100ft ମେନ୍‌ରୋଡକୁ ଲାଗି ଘରବାରି ପ୍ଲଟ୍ ମିଳୁଛି। 9090963952. D- 07




**Commercial 2000sqft. second- floor hall with lift behind airport on 100ft. wide Bhimatangi Main road for office or commercial. 9958003695.** D- 76944

## LOST

ମୁଁ ଅଶୋକ କୁମାର ଗୁପ୍ତା, ପି- ଏମୋହନ ପ୍ରସାଦ ଗୁପ୍ତା, ଗ୍ରାମ- ତାରା ଗାଁ, ଥାନା କୋଡ଼ିଙ୍ଗା, ଜିଲ୍ଲା ନବରଙ୍ଗପୁର ମୁଁ କୋଟଗାଁ, କେପିଜି ବ୍ୟାଙ୍କକୁ ଗଲାବେଳେ ମୋର ଏକ ବ୍ୟାଗ କେଉଁ ଠାରେ ହଜିଗଲା। ଉକ୍ତ ବ୍ୟାଗରେ ମୋର ଜମି ପଟ୍ଟା, ଆଧାର କାର୍ଡ,ପ୍ୟାନ କାର୍ଡ ଏବଂ କିଛି ଜମି ବିକ୍ରି ଦଲିଲ ଥିଲା। ଯଦି କେଉଁ ସହୃଦୟ ବ୍ୟକ୍ତିଙ୍କୁ ମିଳେ ଦୟାକରି ଏହି ନଂ 7682092914 ରେ ଯୋଗାଯୋଗ କରନ୍ତୁ। ଏ ନେଇ କୋଡ଼ିଙ୍ଗା ଥାନାରେ ମୁଁ ଲିଖିତ ଅଭିଯୋଗ କରିଛି। ଧ-୨୪୪୧

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated- 30.10.2025, I, Sarat Bala Pattnaik, W/o.- Shiba Charan Mohanty, Plot No.- 23/24, At/P.O.- Sailashree Vihar, P.S.- Chandrasekharpur, Bhubaneswar, Dist.- Khordha, PIN- 751021, Odisha declare that I have changed my name from Pravat Nalini Mohanty to Sarat Bala Pattnaik. Henceforth, I shall be known as Sarat Bala Pattnaik for all purposes.
Sarat Bala Pattnaik D-2443

By virtue an affidavit before Executive Magistrate, Gondia, solemnly declare that I have changed my name from Laxmidhar Das to Laxman Malik. Henceforth, I shall be known as LAXMAN MALIK, S/o.- Late Bhagabat Malik, At-Nityanandapur, P.O./P.S.- Nihalprasad, Dist.- Dhenkanal for all purposes.
Laxman Malik D-2444

By the virtue of the affidavit No.- 3143, Dtd.- 30.10.2025, before Executive Magistrate, Bhadrak, I, Arun Kumar Pagal, S/o.- Narayan Pagal, At- Narayanpur, P.O.- Narayanpur, P.S.- Dhamanagar, Dist.- Bhadrak, PIN- 756117 declare that my name is wrongly mentioned as Aruna Kumar Pagal instead of Arun Kumar Pagal. I shall be known as ARUN KUMAR PAGAL for all future purposes. D-2446

I, PHEMAS DIGAL, S/o.- PABITRA DIGAL, R/o.- Gedingia, Mungelibadi, Manikeswar, Kandhamal, Odisha- 762101 have changed my name to FEMOSH DIGAL. D-2439

By virtue of an affidavit sworn before the Executive Magistrate, Chandbali, dated- 29.10.2025, I, Gayatri Tripathy, D/o.- Bidyadhar Tripathy, Vill./ P.O.- Karanapokhari, P.S.- Bansada, Dist.- Bhadrak, PIN- 756132, Odisha declare that I have changed my name from Gayatri Panda to Gayatri Tripathy. Henceforth, I shall be known as Gayatri Tripathy for all future purposes. D-2448

I, Mandara Majhi, W/o.- Suru Majhi, At- Chaunrimahul, P.O.- Banjari, Dist.- Jharsuguda, Odisha declared by this affidavit vide No-1905, Dtd.- 01.08.2025 that my true and correct name is Mandara Majhi and onward I shall be known as Mandara Majhi for all purpose. D-2445

I, Smt. Kora Domini, declared that as per affidavit No.- 94, Dtd.- 27.10.2025, before the Executive Magistrate, Nandapur my old name K Domini has been changed to Kora Domini. Henceforth, I will be known as Kora Domini wife of late Kora Samara, At- Darliput, P.O.- Padwa Dist.- koraput for all purposes. D-2447

I, Bharati Sahoo, W/o.- Ashok Kumar Sahoo, Resident of At- Baseli Sahi, P.O/Dist./P.S.- Khordha, PIN- 752055 Odisha declare by this affidavit No.- 1948, dtd.- 22.10.2025 that now onwards I shall be known as BHARATI JAGADEV for all future purposes. D-2442

## ADVERTISEMENT

Odisha State Ophthalmological Society needs a qualified vender for conducting their office Bearer's Election 2025, voting process on line on 17th, 18th & 19th November, 2025.
Please Contact: Dr. R. C. Meher
**MEHER EYE HOSPITAL**
**ROURKELA- 769012,**
**Ph. No.: 94370 45706, 93370 57278**

## LEGAL NOTICE

IR. No.- 1572
Date- 10.10.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨ (ଶ୍ରୀ ଆଶୁତୋଷ ସାମଲ ଓ.ଏ.ଏସ.), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ
ଓ.ଏସ୍.ଏସ୍. କେସ୍ ନଂ.- ୮୩୯ /୨୦୨୦

ଆଲୋକ ମହାନ୍ତି ...ବାଦୀ

ବନାମ

ଦେବରଞ୍ଜନ ମହାନ୍ତି ଏବଂ ଅନ୍ୟମାନେ .....ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର-୫ ରୁଲ- ୨୦ ମୁତାବକ

୨. ଅର୍ଜୁନ ବେହେରା, ପିତା- ସମ ବେହେରା,୩. ରାମ ବେହେରା, ପିତା- ହାଡୁ ବେହେରା, ଉଭୟଙ୍କର ବାସସ୍ଥାନ ସା- ରାମଚନ୍ଦ୍ରପୁର, ପୋଷ୍ଟ- ଝାଁଳା, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି । ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୧୯।୧୧।୨୦୨୫ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି ।

ଜମିର ବିବରଣୀ

ମୌଜା-ଓଗାଳପଡା, ତହସିଲ-ଜଟଣୀ, ଥାନା-ଜଟଣୀ, ଜିଲା -ଖୋର୍ଦ୍ଧା ସାବକ ଖାତା ନଂ.- ୧, ପ୍ଲଟ୍ ନଂ.- ୧୧୬, କିସମ- ଶାରଦ- ତିନି, ରକବା- ଏ୦.୪୦୫ଡି. ସ୍ୱଧରୁ, ଏ୦.୦୬୯ଡି, ପ୍ଲଟ୍ ନଂ.- ୧୧୫ , ରକବା-ଏ୦.୧୪୦ଡି. ସ୍ୱଧରୁ, ଏ୦.୦୫୫ଡି, ସ୍ୱତ୍ୱ- ସ୍ଥିତିବାନ। ହାଲ୍ ଖାତା ନଂ.- ୮, ପ୍ଲଟ୍ ନଂ.- ୨୪୮, କିସମ- ଶାରଦ ଅଣଜଳସେଚିତ ଦୁଇ, ରକବା- ଏ୦.୪୦୦ଡି. ସ୍ୱଧରୁ, ଏ୦.୧୨୪ଡି. ସ୍ୱତ୍ୱ- ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ତା:୧୦।୧୦।୨୦୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା/- କୋର୍ଟ ଅଫିସର
ଧ-୨୪୫୦

ଶ୍ରୀଯୁକ୍ତ ଅତିରିକ୍ତ ଆୟୁକ୍ତ ପ୍ରବିର କୁମାର ନାୟକ,ଓ.ଏ.ଏସ୍,(ଏସ୍.ଏ.ଜି) ରିଭିଜ୍‌ନାଲ୍ କୋର୍ଟ ନଂ.୩, ଭୁବନେଶର, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ୍, ଭୁବନେଶ୍ୱର, ଜି.- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନଂ. ୫୪୪/୨୦୨୪

ଯୋଗୀନ୍ଦ୍ର ବେହେରା .....ବାଦୀ

ବନାମ

ଉଲ୍ଲାସ ଚନ୍ଦ୍ର ମିଶ୍ର ଓ ଅନ୍ୟମାନେ ...ପ୍ରତିବାଦୀମାନେ

ନୋଟିସ ଅର୍ଡର -୫ ରୁଲ -୨୦ ସି.ପି.ସି. ମୁତାବକ

ପ୍ରାପ୍ତେଷୁ,
୧. ଉଲ୍ଲାସ ଚନ୍ଦ୍ର ମିଶ୍ର (ପ୍ରତିବାଦୀ ନଂ.୧),୨. ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର (ପ୍ରତିବାଦୀ ନଂ.୨), ୩. ଅଭିମନ୍ୟୁ ମିଶ୍ର (ପ୍ରତିବାଦୀ ନଂ.୩) ଏ ସମସ୍ତଙ୍କ ପିତା ଏଲିଙ୍ଗରାଜ ମିଶ୍ର, ୪. ସୁଶୀଳାବାଳା ମିଶ୍ର (ପ୍ରତିବାଦୀ ନଂ.୪) ସ୍ୱା-ଜୀବନବନ୍ଧୁ ମିଶ୍ର, କ୍ର.ନଂ.- ୧ ରୁ ୩ଙ୍କ ବାସସ୍ଥାନ: ସା- ଭାତଖୁରି, ପୋ- ଗଙ୍ଗପଡ଼ା, ଥାନା- ଇଣ୍ଡୋଭାଲି, ଜି- ଖୋର୍ଦ୍ଧା, ଓଡ଼ିଶା, ୫. ରତିକାନ୍ତ କାନୁନଗୋ (ପ୍ରତିବାଦୀ ନଂ.୫) ପିତା- ଅନିଲ କାନୁନଗୋ, ସା-ପ୍ଲଟ୍ ନଂ.- ୨୫୧, ଶହୀଦ ନଗର, ଭୁବନେଶ୍ୱର, ଜି-ଖୋର୍ଦ୍ଧା, ଓଡ଼ିଶା।

ଏତ୍‌ଦ୍‌ଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଉପରୋକ୍ତ ରିଭିଜନ ପିଟିସନ କେସ୍ ମାନ୍ୟବର ଅଦାଲତଙ୍କ ଇଜିଲାସରେ ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ଜାରି କରାଯାଇଥିଲେ ମଧ୍ୟ ଏହି ନୋଟିସ ବିଭିନ୍ନ କାରଣ ଦର୍ଶାଇ ଫେରସ୍ତ ଆସିଅଛି। ଏଣୁ ଉକ୍ତ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ଓ.ଏସ.ଏସ କେସ୍ ଶୁଣାଣି ଉପରୋକ୍ତ କାର୍ଯ୍ୟାଳୟରେ ଆସନ୍ତା ତା ୩୦।୧୨। ୨୦୨୫ରିଖ ଦିବା ଘ୩:୩୦ ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ଜି- ଖୋର୍ଦ୍ଧା, ତହସିଲ- ଜଟଣୀ, ମୌଜା- ନୀଳକଣ୍ଠପୁର
ସାବକ ଖାତା ନଂ. ୧୬୫, ସାବକ ପ୍ଲଟ୍ ନଂ.୧୨୨, ସବ୍ ପ୍ଲଟ୍ ନଂ.- ୭ ଓ ୮, ରକବା- ଏ୦.୪୧୫ଡି. ସ୍ୱଧ, ଏ୦.୦୫୫ଡି, ସ୍ୱତ୍ୱ- ସ୍ଥିତିବାନ, କିସମ- ଢ଼ିପମାଳ, ହାଲ୍ ଖାତା ନଂ.- ୨୮୬, ହାଲ୍ ପ୍ଲଟ୍ ନଂ.- ୧୫୮, ରକବା- ଏ୦.୧୩୮ଡି. ସ୍ୱଧ, ଏ୦.୦୫୫ଡି. ସ୍ୱତ୍ୱ- ସ୍ଥିତିବାନ, କିସମ- ପତିତ ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନିଜେ, ନିଜର ଉତ୍ତରାଧିକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

ତା. ୨୬।୦୮।୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା- କୋର୍ଟ ଅଫିସର
ଧ-୨୪୪୦

# ଭିନ୍ନତା ମଧ୍ୟରେ ଏକତାର ବାର୍ତ୍ତା ଦେଲା ଗଣଦୌଡ଼




ନାଲ୍କୋ ଓ ବଅଁରପାଳ ପୋଲିସ ପକ୍ଷରୁ ଗଣଦୌଡ଼ କାର୍ଯ୍ୟକ୍ରମ।

**ବଅଁରପାଳ,୩୧।୧୦ (ସୁବାସ ସାହୁ)**

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଅନୁଗୋଳ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ନାଲ୍କୋ ପୋଲିସ ଦ୍ୱାରା ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ନାଲ୍କୋନଗର ଆଦର୍ଶ ଥାନା ସମ୍ମୁଖରୁ ବାହାରିଥିବା ଏହି ଗଣଦୌଡ଼କୁ ଥାନା ଅଧିକାରୀ ଶ୍ୟାମଲାଲ ଓରାମ ଶୁଭାରମ୍ଭ କରିଥିଲେ। ଆଇଆଇସିଙ୍କ ସମେତ ଜନ ସାଧାରଣ, କୁଲାଡ଼ ଟ୍ରକ୍‌ମାଲିକ ସଂଘ ସଦସ୍ୟ, ଶ୍ରମିକ ନେତା, ଗଣମାଧ୍ୟମ ପ୍ରତିନିଧି ଓ ପୋଲିସ କର୍ମଚାରୀମାନେ ଗଣଦୌଡ଼ରେ ସାମିଲ ହୋଇ ଭିନ୍ନତା ମଧ୍ୟରେ ଏକତାର ବାର୍ତ୍ତା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜଗନ୍ନାଥ ସେଠ, ସୁଜିତ କୁମାର ସେଠ, ତରୁଣ ସ୍ୱାଇଁ, ଅମିତ ବିଶୋଇ, ତପନ କୁମାର ଜେନା, ପ୍ରକାଶ ବେହେରା,ପ୍ରକାଶ ସିଂ,ନଗେନ ପ୍ରଧାନ, ଚନ୍ଦନ ମିଶ୍ର, ଗଙ୍ଗାଧର ବେହେରା, ଦୀପକ କୁମାର ସିଂ, ପବିତ୍ର କୁମାର ବାଗ, ସୁବ୍ରତ ପାଡ଼ୀଙ୍କ ସମେତ ସମସ୍ତ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ। ଏହି ଅବସରରେ କାଣ୍ତସର ଉ.ପ୍ରା. ସ୍କୁଲ ପରିସରରେ ନାଲ୍କୋ ପୋଲିସ ଦ୍ୱାରା ଆୟୋଜିତ ଡ୍ରିଲ୍ ପ୍ରତିଯୋଗିତାର ୪ଟି ବର୍ଗରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୨ଜଣ କୃତୀ ପ୍ରତିଯୋଗୀଙ୍କୁ ନାଲ୍କୋ ଥାନା ଅଧିକାରୀ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଏସ୍ଆଇ ସୁବ୍ରତ କୁମାର ପାଢ଼ୀ, ପବିତ୍ର କୁମାର ନାଗ ଓ ଥାନା କର୍ମଚାରୀ ଓ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ସହଯୋଗ କରିଥିଲେ।

ସେହିପରି ବଅଁରପାଳ ପୋଲିସ ପକ୍ଷରୁ ଏକତା ଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂଙ୍କ ନେତୃତ୍ୱରେ ଏହି ଗଣଦୌଡ଼ରେ ପୋଲିସ ଅଧିକାରୀ ଅର୍ଜ୍ଜନ ନାୟକ, ଏସ୍ଆଇ ଅମିତ ମିଶ୍ର, ଏସ୍ଆଇ ମନୋଜ ମିଶ୍ର, ଏଏସ୍ଆଇ ଜୟକୃଷ୍ଣ ସାଏ, ଏଏସ୍ଆଇ ଲକ୍ଷ୍ମଣ ମାଝୀଙ୍କ ସମେତ ସମସ୍ତ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ। ଶେଷ ଜୀବନ ସାଥୀ ସଭାପତି କୁମାର ସାହୁ, ପ୍ରେମାନନ୍ଦ ଗୋ ରକ୍ଷକ ସଂଘ, ପୂର୍ବତନ ଛାତ୍ର ସଂସଦ ସଭାପତି ଦିବ୍ୟ ରଞ୍ଜନ ସାମଲ, ମଣ୍ଡଳ ଓବିସି ମୋର୍ଚ୍ଚା ସଭାପତି ଅନିଲ କୁମାର ସାହୁ, ସୌରଭ ସାମଲ, ଅଜିତ ରଞ୍ଜନ ସାମଲ, ବଅଁରପାଳ ସେବା ସ୍କୁଲର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

## ହାତୀକୁ ସୁରକ୍ଷିତ ରଖିବା ଉପରେ ଗୁରୁତ୍ୱ

**ଆଠମଲ୍ଲିକ,୩୧।୧୦ (ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ବନ ବିଭାଗ ତରଫରୁ ରେଞ୍ଜ କାର୍ଯ୍ୟାଳୟ ପରିସରରେ ଗଜସାଥୀ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଯୋଗ ଦେଇଥିବା ଗଜସାଥୀ ଓ ଆନିମେଟରମାନଙ୍କୁ ଏସିଏଫ୍ ଦିବ୍ୟ ସିଂ ମାଝୀ, ରେଞ୍ଜ ଅଧିକାରୀ ସୁନୀଲ କୁମାର ସାହୁ, ଫରେଷ୍ଟର ସୁବ୍ରତ କୁମାର ଶତପଥୀ ପ୍ରମୁଖ ହାତୀ ଓ ଗ୍ରାମବାସୀ ଉଭୟ କିପରି ସୁରକ୍ଷିତ ରହିବେ ତାହା ଉପରେ ଆଲୋକପାତ କରିଥିଲେ। ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମବାସୀ, ଗଜସାଥୀ, ବନକର୍ମଚାରୀ ସମସ୍ତ ରହି କାର୍ଯ୍ୟ କଲେ ହାତୀ ଓ ମଣିଷ ଲଢ଼େଇ ହ୍ରାସ ସହିତ ହାତୀଙ୍କୁ ସୁରକ୍ଷିତ ରଖିହେବ ବୋଲି ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। ପୁଖାଏଡ଼ ଗ୍ରାମ ନିକଟରେ ଥିବା ବିଦ୍ୟୁତ୍ ଖୁଣ୍ଟ, ସୌରବାଡ଼, ଜଙ୍ଗଲ ଜନ୍ତୁ ଫାଶ, ବେଆଇନ ବିଦ୍ୟୁତ୍ ସଂଯୋଗ ଉପରେ ଗଜସାଥୀମାନେ ନଜର ଦେବା ସହିତ ହାତୀର ଗତିବିଧି ସମ୍ପର୍କରେ ବନ କର୍ମଚାରୀ ଓ ଅଧିକାରୀମାନଙ୍କୁ ସୂଚନା ଦେବାକୁ ଅନୁରୋଧ କରିଥିଲେ। ଫରେଷ୍ଟର ପୁଷ୍ପମିତ୍ରା ସିଂ, ବନରକ୍ଷୀ ବିକାଶ କୁମାର ମହାନ୍ତି, ଅନିତା ମିଶ୍ରଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

## ଶ୍ରୀ ଶଙ୍କରାଚାର୍ଯ୍ୟ ଗୋଶାଳାରେ ଗୋଷ୍ଠାଷ୍ଟମୀ



**ତାଳଚେର,୩୧।୧୦ (ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେର ବ୍ଲକ ଘଣ୍ଟପଡ଼ା ପଞ୍ଚାୟତର ବାଘମରା ଗ୍ରାମରେ ଥିବା ଶ୍ରୀ ଶଙ୍କରାଚାର୍ଯ୍ୟ ଗୋଶାଳାରେ ପବିତ୍ର ଗୋଷ୍ଠାଷ୍ଟମୀ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ପୁରୀ ଗୋବର୍ଦ୍ଧନ ପୀଠରୁ ଆସିଥିବା ଗୋମାତାଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଆଦିତ୍ୟ ବାହିନୀ ଆନନ୍ଦ ବାହିନୀ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀ ହରିନାମ ପରିବେଷଣ କରିଥିଲେ। ଜଗଦ୍ଗୁରୁ ଶଙ୍କରାଚାର୍ଯ୍ୟଙ୍କ ସେବା ସଚିବ ବରୁଣ କୁମାର ସାହୁ, ପର୍ଶୁରାମ ବାରିକ, ଡ. ସଂଜୀବ ରାଉତ, ଜ୍ୟୋତିର୍ମୟ ରଥ, ଜଗଦୀଶ ମିଶ୍ର, ଅମିତ କୁମାର ଦାସ, ଜଗଦୀଶ ସିଂହ, ବିଜୟ କୁମାର ସାହୁ, ମଦନ ସୁନ୍ଦର ପ୍ରଧାନ, ମାୟାଧର ସାହୁ ଗୋପବନ୍ଧୁ ସାହୁ, ଅଜୟ ସାହୁ, ବବଲୁ ସାହୁ, ଲଲୁ ସାହୁ, ଅରୁଣ ସାହୁ, ସରୋଜିନୀ ସାହୁ, ଅଞ୍ଜଳି ସାହୁ, ଅମୂଲ୍ୟ ସାହୁ, ଗଙ୍ଗାଧର ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ସମେତ ଆଦିତ୍ୟ ବାହିନୀର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲା କାର୍ଯ୍ୟବାହ ଅନିଲ ମହାନ୍ତି, ଜିଲା ପ୍ରଚାରକ ଅନନ୍ତ କୁମାର ସାହୁ, ଜିଲା ପରିଷଦ ସଦସ୍ୟା ରିତା ଦାସଙ୍କ ସମେତ ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ।

## ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ



**ବଅଁରପାଳ,୩୧।୧୦(ସୁବାସ ସାହୁ)**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ କାର୍ଯ୍ୟାଳୟ ପରିସରରେ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ପରେ ବ୍ଲକର ସମସ୍ତ ପ୍ରଶାସନିକ ଅଧିକାରୀ, ଏମ୍‌ବିକେ, ସିଆର୍‌ପିଙ୍କ ସମେତ ସମସ୍ତ କର୍ମଚାରୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଭିଜିଲାନ୍ସ ବିଭାଗ ଡିଏସ୍‌ପି ପ୍ରଦୀପ କୁମାର ସାମଲ, ଭିଜିଲାନ୍ସ ଇନ୍ସପେକ୍ଟର ଉର୍ମିଳା ଲାକ୍ରା, ବିଡିଓ ଲୋଚନ କୁମାର ଦାସ, ତହସିଲଦାର ସୁଶାନ୍ତ କୁମାର ମିଶ୍ର, ସୁଶାନ୍ତ କୁମାର ନାୟକ, ବ୍ଲକ ଶିକ୍ଷା ଅଧିକାରୀ ମାନସ ରଞ୍ଜନ ପୃଷ୍ଟି ପ୍ରମୁଖ ମଞ୍ଚାସୀନ ଥିଲେ। ସାର୍ବଜନୀନ ଜୀବନରେ ଦୁର୍ନୀତି ନିବାରଣ ଏବଂ ବିଶ୍ୱସନୀୟତାର ଗୁରୁତ୍ୱ ଉପରେ ମୁଖ୍ୟ ଅତିଥି ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଲାକ୍ରା ମହିଳାମାନଙ୍କ ମର୍ଯ୍ୟାଦାର ମୂଲ୍ୟ ଉପରେ ଗୁରୁତ୍ୱାରୋପ କରିବା ସହ ଏହାକୁ ଏକ ନ୍ୟାୟପୂର୍ଣ୍ଣ ସମାଜର ମୂଳଦୁଆ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ।

## କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ମରି ଭାସୁଛନ୍ତି ମାଛ

**ଛେଣ୍ଡିପଦା,୩୧।୧୦ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ନିଶା ଶିଳ୍ପାଞ୍ଚଳ ଥାନା ପରଙ୍ଗ ଗ୍ରାମରେ ଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ଶୁକ୍ରବାର ସକାଳେ ଲକ୍ଷାଧିକ ଟଙ୍କାର ମାଛ ମରି ଭାସୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏହି ପ୍ରକଳ୍ପରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଛ ଚାଷ କରିଥିଲା। ସ୍ଥାନୀୟ ଅଞ୍ଚଳରେ ଥିବା ଜେଏସ୍‌ପିଏଲ୍ ପ୍ରକଳ୍ପର ବିଶାକ୍ତ ପାଣି ପଶି ଏହି ମାଛ ମରିଯାଇଥିବାରୁ କ୍ଷତିପୂରଣ ଦାବି ନେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁଯାୟୀ, ପରଙ୍ଗ ଗ୍ରାମ ଭୁବନପୁର ମୌଜାରେ ପରଙ୍ଗ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ରହିଛି। ପରଙ୍ଗ ପଞ୍ଚାୟତବାସୀ ଏହାର ଜଳକୁ ଚାଷ ଜମି ଓ ଅନ୍ୟା କାର୍ଯ୍ୟରେ ବ୍ୟବହାର କରୁଥିବାବେଳେ ପଞ୍ଚାୟତ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମାଛ ଚାଷ ପାଇଁ ନିଲାମ ଦିଆଯାଇଛି। ପ୍ରକଳ୍ପର ଅବଶିଷ୍ଟ ପାଣି ନିକଟସ୍ଥ ନନ୍ଦିରା ନାଳରେ ବହିଯାଉଛି। ତେବେ ସକାଳେ ଗ୍ରାମବାସୀ ବହୁ ମାଛ ମରି ପାଣିରେ ଭାସୁଥିବା ଦେଖିଥିଲେ। ଖବର ପାଇ ପରଙ୍ଗ ସରପଞ୍ଚ ଓ ଗୋଷ୍ଠୀ ସଦସ୍ୟାମାନେ ପହଞ୍ଚି ମାଛ ମରି ଭାସୁଥିବା ଦେଖି ହତାଶ ହୋଇପଡିଥିଲେ। ପରେ ଗୋଷ୍ଠୀ ସଭାନେତ୍ରୀ ରେଣୁ କର୍ଣ୍ଣ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ଘଟଣାର ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ ପ୍ରକାଶ କରିଛନ୍ତି।

## ବୁଲା ଗୋରୁଙ୍କ ରକ୍ଷଣାବେକ୍ଷଣ ଦାବି



**ଅନୁଗୋଳ, ୩୧।୧୦ (ମାନସ ବିଶ୍ୱାଳ)**

ଅନୁଗୋଳ ଜିଲା କଂଗ୍ରେସ, ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସର ଏକ ମିଳିତ ପ୍ରତିନିଧିମଣ୍ଡଳୀ ଶୁକ୍ରବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସହର ମଧ୍ୟରେ ଯାଇଥିବା ୫୫ନଂ. ଜାତୀୟ ରାଜପଥରେ ବୁଲା ଗୋରୁଙ୍କ ସଂଖ୍ୟା ବଢୁଥିବାରୁ ସେମାନଙ୍କୁ ରାସ୍ତାରୁ ହଟାଇ ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଅନୁଗୋଳ ଜିଲାର ବିଭିନ୍ନ ରାସ୍ତା, ଛକ ଜାଗା ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ବୁଲା ଗୋରୁ, ଷଣ୍ଢଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ଜିଲା ସଦର ମହକୁମାରେ ଥିବା ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ ୫୫ନଂ. ଜାତୀୟ ରାଜପଥରେ ଦୈନିକ ଶତାଧିକ ଗୋରୁ ବୁଲୁଛନ୍ତି। ଏଥିସହ ସହରର ସବୁ ଗଳି ଜାଗା, ଛକ ଜାଗାରେ ମାଳ ମାଳ ଗୋରୁ ବୁଲୁଥିବାରୁ ଅନେକ ସମୟରେ ଜନସାଧାରଣଙ୍କୁ ଅସୁବିଧାରେ ସମ୍ମୁଖୀନ ହେବାକୁ ପଡୁଛି। ଏଥିସହ ଦୁର୍ଘଟଣା ମଧ୍ୟ ଘଟୁଛି। ରାଜ୍ୟ ସରକାର ବୁଲା ଗୋରୁଙ୍କ ରକ୍ଷଣାବେକ୍ଷଣ ନିମନ୍ତେ ଯୋଜନା କରିଥିଲେ ମଧ୍ୟ ଅନୁଗୋଳ ଜିଲାରେ ଏହା କାର୍ଯ୍ୟକାରୀ ହେଉ ନ ଥିବା ନିନ୍ଦନୀୟ ଘଟଣା। ଏହି ସମସ୍ୟା ଉପରେ ଦୃଷ୍ଟି ଦେଇ ୭ ଦିନ ମଧ୍ୟରେ ନିରାକରଣ ନିମନ୍ତେ ପଦକ୍ଷେପ ଗ୍ରହଣ କରା ନ ଗଲେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି।

## ୧୫ ଲକ୍ଷ ଠକିନେଲେ ସାଇବର ଠକ

**ଅନୁଗୋଳ,୩୧।୧୦ (ଜ୍ୟୋତିରଞ୍ଜନ ସାହୁ)**

ଅନ୍‌ଲାଇନରେ ଲାଇଫ୍ ସାର୍ଟିଫିକେଟ ପ୍ରଦାନ କରିବାକୁ କହି ସାଇବର ଠକ ଜଣେ ବ୍ୟକ୍ତିଙ୍କ ପାଖରୁ ୧୫ ଲକ୍ଷ ୭୩ ହଜାର ଟଙ୍କା ଠକି ନେଇଥିବା ଅନୁଗୋଳ ସାଇବର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ତାଳଚେର ଥାନା ଡେରା ଅଞ୍ଚଳର ସୁଶାନ୍ତ କୁମାର ପ୍ରଧାନଙ୍କୁ ଗତ ୨୯ ତାରିଖ ସନ୍ଧ୍ୟାରେ ଏକ ଫୋନ କଲ୍ ଆସିଥିଲା। ଫୋନ କରିଥିବା ବ୍ୟକ୍ତି ନିଜକୁ ମୁଖ୍ୟାଳୟର ଅଧିକାରୀ ପରିଚୟ ଦେଇ ଲାଇଫ୍ ସାର୍ଟିଫିକେଟ ପ୍ରଦାନ ନେଇ ସୂଚନା ଦେଇଥିଲେ। ପରଦିନ ସକାଳେ ତାଙ୍କୁ ହ୍ୱାଟ୍ସଆପରେ କଲ୍ କରି ବ୍ୟାଙ୍କ ତଥ୍ୟ ମାଗିଥିଲେ। ପ୍ରଧାନ ମଧ୍ୟ ତାଙ୍କ କଷ୍ଟମର ଆଇଡି ଓ ଏଟିଏମ୍ ପିନ୍ ଦେଇଥିଲେ। ଏହା ପରେ ୭ଟି ପର୍ଯ୍ୟାୟରେ ତାଙ୍କ ବ୍ୟାଙ୍କ ଖାତାରୁ ୧୫ ଲକ୍ଷ ୭୩ ହଜାର ୫ଶହ ଟଙ୍କା କଟି ଯାଇଥିଲା। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ସ୍ୱଚ୍ଛତା ଅବଲମ୍ବନ ପାଇଁ ପରାମର୍ଶ

**ଅନୁଗୋଳ,୩୧।୧୦ (ମାନସ ବିଶ୍ୱାଳ)**

ଅନୁଗୋଳ ପୌର ଟାଉନ ହଲ୍‌ରେ ଅନ୍ତର୍ଜାତୀୟ ସମବାୟ ବର୍ଷ-୨୦୨୫ ଶୁକ୍ରବାର ପାଳିତ ହୋଇଯାଇଛି। ଆୟୋଜିତ କର୍ମଶାଳାରେ ଅନୁଗୋଳ ପ୍ରଭାଗ ଉପ ନିବନ୍ଧକ ସମବାୟ ସମିତି ସମୂହ ଶରତ ଚନ୍ଦ୍ର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର (ରାଜସ୍ୱ) ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ସମାଜରେ ତୃଣମୂଳସ୍ତରରେ କିପରି ସମବାୟ ମାଧ୍ୟମରେ ସାଧାରଣ ଲୋକମାନଙ୍କର ବିକାଶ ହୋଇପାରିବ ସେ ସମ୍ବନ୍ଧରେ ବ୍ୟକ୍ତବ ରଖିବା ସହିତ ସମବାୟ ସଂସ୍ଥା ଦ୍ୱାରା ପରିଚାଳିତ ସମସ୍ତ ପ୍ରକଳ୍ପରେ ସ୍ୱଚ୍ଛତା ଅବଲମ୍ବନ ପାଇଁ ପରାମର୍ଶ ଦେଇଥିଲେ। ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନ ସମ୍ମାନିୟ ଅତିଥି ଭାବେ ଯୋଗଦେଇଥିଲେ। ଭୁବନେଶ୍ୱର ଜୋନ୍‌ର ଏନ୍‌ସିଡିସି ସଂଯୋଜକ ରିଖିଆ ମଜୁମଦାର, ରାଜ୍ୟ ସଂଯୋଜକ ଇ-ଏନ୍‌ଏଏମ୍ ପ୍ରସନ୍ନଜିତ ଶାହା, ଓଏସ୍‌ଏଏମ୍ ରିସର୍ଚ୍ଚ ଆସିଷ୍ଟାଣ୍ଟ କେଦାର ନାଥ ସ୍ୱାଇଁ, ଜିଲା ସଂଯୋଜକ ସିଏମ୍‌ସି ମାନସ ରଞ୍ଜନ ସିଠ, ଜେନେରାଲ ମ୍ୟାନେଜର ଦୁଗ୍ଧ ଉତ୍ପାଦନ କେନ୍ଦ୍ର ପ୍ରିୟବ୍ରତ ତରାଇ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଯୋଜନା ଏବଂ ପ୍ରକଳ୍ପ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଉକ୍ତ କର୍ମଶାଳାରେ ଉପସ୍ଥିତ ଥିବା ଜିଲାର ସମସ୍ତ ସମବାୟ ସମିତିର ସଭାପତି ଓ ସମ୍ପାଦକ ଏବଂ ମହିଳା ସୟଂସହାୟକ ଗୋଷ୍ଠୀଙ୍କୁ ସମବାୟ ଆନ୍ଦୋଳନରେ ଜଡିତ ରହିବା ସହିତ ନିଜ ନିଜ ସଙ୍ଗଠନ ଦ୍ୱାରା ସମବାୟର ଉନ୍ନତି ନିମନ୍ତେ ନିଆଯାଇଥିବା ଯୋଜନା ଗୁଡିକ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ଅନୁଗୋଳ ମଣ୍ଡଳ ନିରଞ୍ଜନ ସେଠ ମଞ୍ଚ ପରିଚାଳନା କରିଥିଲେ। ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ଆଠମଲ୍ଲିକ ମଣ୍ଡଳ ସାରଦା ପ୍ରସାଦ ମିଶ୍ର ଏବଂ ଭାରପ୍ରାପ୍ତ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ପାଲଲହଡ଼ା ମଣ୍ଡଳ ଭୀମ ଚରଣ ବାସ୍କେଙ୍କ ସହିତ ଜିଲାର ସମବାୟ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ବେଆଇନ ଗୋରୁ ଚାଲାଣ ଅଭିଯୋଗ

**ବଇଣ୍ଡା,୩୧।୧୦(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅଞ୍ଚଳରୁ ବେଆଇନ ଭାବେ ଗୋରୁ ଚାଲାଣ କରାଯାଉଛି। ଦୀର୍ଘଦିନ ଧରି ଏପରି ଗୋରୁ ଚାଲାଣ ହେଉଥିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଯାଇଛି। ଏ ନେଇ ଟାପଢୋଲ ଅଞ୍ଚଳବାସୀ ଶୁକ୍ରବାର ଜିଲାପାଳଙ୍କୁ ଏକ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି।

ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି, କୁରୁମଟାପ, ଆମ୍ବସରମୁଣ୍ଡା, ପାଇକସାହି, କଟପଡ଼ା ପଞ୍ଚାୟତ ଅଞ୍ଚଳରୁ ପ୍ରତ୍ୟେକ ଦିନ ଗୋରୁଙ୍କୁ ବ୍ୟବସାୟୀମାନେ ବାହାର ରାଜ୍ୟକୁ ଚାଲାଣ କରୁଛନ୍ତି। ନାକିଚି ରୋଡ୍, ପାଇକସାହି, ଟାପଢୋଲ ଦେଇ କଣ୍ଟେନର ମାଧ୍ୟମରେ ଗୋରୁମାନଙ୍କୁ ରାଜ୍ୟ ବାହାରକୁ ଚାଲାଣ କରାଯାଉଛି। ଗୋରୁ ବ୍ୟବସାୟୀମାନେ ପୋଲିସର କେତେଜଣ ଅସାଧୁ କର୍ମଚାରୀଙ୍କୁ ମାସିକିଆ ହାତଗୁଞ୍ଜା ଦେଇ ଏହି କାରବାର କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଅନୁଗୋଳ ଏସ୍‌ପି ଦୃଷ୍ଟି ଦେବାକୁ ଦାବି କରାଯାଇଛି। ଏ ନେଇ ଠାକୁରଗଡ଼ ଥାନା ଆଇଆଇସି ଶଶୀଭୂଷଣ ବେହେରା କହିଛନ୍ତି, ବେଆଇନ ଗୋରୁ ଚାଲାଣ କରାଯାଉ ନାହିଁ। ଅଭିଯୋଗ ଆସିଲେ ପଦକ୍ଷେପ ନିଆଯିବ।

## ପୋଲିସ ବିଭାଗ ପକ୍ଷରୁ ଏକତା ଗଣଦୌଡ଼



**ଛେଣ୍ଡିପଦା,୩୧।୧୦ (ଅଜିତ ଧଳ)**

ଛେଣ୍ଡିପଦା ବ୍ଲକ ବାଗଡ଼ିଆ ଥାନା, ନିଶା ଶିଳ୍ପାଞ୍ଚଳ ଥାନା, ଜରପଡ଼ା ଥାନା ଓ ଛେଣ୍ଡିପଦା ଥାନା ପକ୍ଷରୁ ଏକତା ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଯୁବତୀ ଯୁବକ ଯୋଗଦେଇଥିଲେ। ଛେଣ୍ଡିପଦା ବ୍ଲକ ସଦର ମହକୁମାରେ ଛେଣ୍ଡିପଦା ଥାନା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଗଣଦୌଡ଼ ଆୟୋଜିତ ହୋଇଥିଲା। ଏହି ଗଣ ଦୌଡ଼ରେ ଛେଣ୍ଡିପଦା ସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଜଗନ୍ନାଥ ବିଦ୍ୟାଳୟ, ବାପୁଜୀ ମହାବିଦ୍ୟାଳୟର ଏନ୍‌ସିସି ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଛେଣ୍ଡିପଦା ଭାଜପା ମିଡିଆ ସଂଯୋଜକ ଅକ୍ଷୟପାଦ ବେହେରା, ଆମ୍ବା ସଭାପତି ଗୋପବନ୍ଧୁ ଗଡ଼ନାୟକ, ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷକ ରାମକୃଷ୍ଣ ପରିଛା ଓ ଇନ୍ସପେକ୍ଟର ରାଜେଶ ଶତପଥୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ସେହିପରି ବାଗଡିଆ ଥାନା ଅଧିକାରୀ ବିପ୍ଳବ ସାହୁଙ୍କ ନେତୃତ୍ୱରେ ବାଗଡିଆଠାରେ ରନ୍ ଫର୍ ୟୁନିଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବର୍ଗର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ସେହିପରି ଜରପଡା ଥାନା ଅଧିକାରୀ ମନୋଜ ପ୍ରଧାନ ଓ ନିଶା ଶିଳ୍ପାଞ୍ଚଳ ଥାନା ଅଧିକାରୀ ବିବେକାନନ୍ଦ ମହାନ୍ତଙ୍କ ତତ୍ତ୍ୱାବଧାନରେ ଅନୁରୂପ ଭାବେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବିଭିନ୍ନ ଥାନା ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳନ

**ପବିତ୍ରନଗର,୩୧।୧୦(ନିରୋଜ ପ୍ରଧାନ)**

କଣିହାଁ ବ୍ଲକର ବିଭିନ୍ନ ଥାନା ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲି ଥାନା ତରଫରୁ ରେଙ୍ଗାଲି ଉଚ୍ଚ ବିଦ୍ୟାଳୟ ଠାରେ ରଚନା ଓ ବକ୍ତୃତା ପ୍ରତିଯୋଗିତା, ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଦେଶର ଏକତା, ଅଖଣ୍ଡତା ରକ୍ଷା କରିବା ପାଇଁ ଥାନା ଅଧିକାରୀ ଜୟନ୍ତ କୁମାର ମହାନ୍ତି ସଂକଳ୍ପ ପାଠ କରାଇଥିଲେ। ଏହି ଗଣ ଦୌଡ଼ରେ ରେଙ୍ଗାଲି ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ଓ ଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଭାଗ ନେଇଥିଲେ। ସେହିପରି ସମଲ ଥାନା, ଏନ୍‌ଟିପିସି ଥାନା ତରଫରୁ ମଧ୍ୟ ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ଗଣଦୌଡ ଅନୁଷ୍ଠିତ ହୋଇଛି।



ରେଙ୍ଗାଲି ପୋଲିସ ପକ୍ଷରୁ ଏକତା ଦିବସରେ ଶପଥପାଠ କରାଯାଇଛି।

## ମାଦକ ଦ୍ରବ୍ୟ ଉପରେ ରୋକ୍ ଲଗାଇବାକୁ ଚଡ଼ାଉ

**ବଅଁରପାଳ,୩୧।୧୦(ସୁବାସ ସାହୁ)**

ଅନୁଗୋଳ ଜିଲା ନାଲ୍‌କୋ ଥାନା ଅଞ୍ଚଳରେ ଚାଲିଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ ନିକଟରେ ମାଦକ ଦ୍ରବ୍ୟ ଓ ନିକୋଟିନ ଯୁକ୍ତ ଗୁଟୁଖା ବିକ୍ରି ଉପରେ ରୋକ୍ ଲଗାଇବାକୁ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ଚଡ଼ାଉ। ଅନୁଗୋଳ ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶରେ ଅବକାରୀ ବିଭାଗ, ଖାଦ୍ୟ ନିରାପତ୍ତା ବିଭାଗ ଓ ନାଲ୍‌କୋ ପୋଲିସର ମିଳିତ ଉଦ୍ୟମରେ ନାଲ୍‌କୋ ଥାନା ଅଞ୍ଚଳରେ ଥିବା ବିଭିନ୍ନ ପାନ ଦୋକାନରେ ଏହି ଯାଞ୍ଚ କରାଯାଇଥିଲା। ନାଲ୍‌କୋ ଟାଉନଶିପ୍ ଠାରୁ ଆରମ୍ଭ କରି ନାଲକୋ ମେନ୍‌ଗେଟ ଛକ,ଏଫ୍‌ସିଆଇ ଛକ, ସେଣ୍ଟ୍ରାଲ ମାର୍କେଟ, ଗିରାଙ୍ଗ ଛକ, ବଳରାମ ପ୍ରସାଦ ଛକ, ସିପିପି ରୋଡ୍, ସିପିପି ଛକ, କୁଲାଡ ଛକ ଆଦି ଅଞ୍ଚଳରେ ଚଡ଼ାଉ କରାଯାଇ ପ୍ରାୟ ୨୦ରୁ ଅଧିକ ଦୋକାନୀଙ୍କ ଠାରୁ ଜରିମାନା ଆଦାୟ କରାଯାଇଥିଲା। ନାଲ୍‌କୋ ପୁଲିସ ଅଧିକାରୀ ଏଏସ୍ଆଇ ଦୀପକ ସିଂ, ଅବକାରୀ ବିଭାଗ ଅଧିକାରୀ ସୌରଭ ଗୌତମ ଓ ଖାଦ୍ୟ ନିରାପତ୍ତା ବିଭାଗ ଅଧିକାରୀ ହରପ୍ରିୟା ବେହେରା ପ୍ରମୁଖ ଚଡ଼ାଉ କରିଥିଲେ।

## ଏକତା ଦିବସରେ ଦୌଡ଼ିଲେ ପୋଲିସ, ଛାତ୍ରୀଛାତ୍ର





ଆଠମଲ୍ଲିକ ଓ ବଇଣ୍ଡାରେ ପୋଲିସ ପକ୍ଷରୁ ଗଣଦୌଡ଼ କାର୍ଯ୍ୟକ୍ରମ।

**ଆଠମଲ୍ଲିକ,୩୧।୧୦ (ଉଦୀପ୍ତ ପୁରୋହିତ)/ ବଇଣ୍ଡା (ପରିକ୍ଷିତ ସାହୁ)**

ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଆଠମଲ୍ଲିକ ପୋଲିସ ତରଫରୁ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଡିପିଓ ସୁଶାନ୍ତ କୁମାର ତାଡଡ଼ିଆ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହିତ ପୋଲିସ ଓ ଯୁବକଙ୍କୁ ନେଇ ହୋଇଥିବା ଏହି ଗଣଦୌଡ଼ରେ ସାମିଲ ହୋଇଥିଲେ। ଆଠମଲ୍ଲିକ ଥାନା ଅଧିକାରୀ ପ୍ରକାଶ ଚନ୍ଦ୍ର ମାଝୀ, ଏସ୍ଆଇ କାର୍ତ୍ତିକେଶ୍ୱର ବେହେରା, ପିଏସ୍ଆଇଏସ୍‌କେ ସବିର ଉଦିନ, ଏଏସ୍ଆଇ ମିଥୁନ ମଲ୍ଲିକ, ଏଏସ୍ ଆଇ ମନୋଜ କୁମାର ସାହୁ, ଏଏସ୍ଆଇ ନେପାଳ ପଟା, ଏଏସ୍ଆଇ ସାମନ୍ତ ସିଂହାର, ଶିଶିର ବେହେରା, ପ୍ରିୟରଞ୍ଜନ ସେଠୀଙ୍କ ସମେତ ପୋଲିସ କର୍ମଚାରୀମାନେ ଯୋଗ ଦେଇଥିଲେ।

ସେହିପରି କିଶୋରନଗର ବ୍ଲକ ବଇଣ୍ଡାଠାରେ ହଣ୍ଡପା ଓ ବଇଣ୍ଡା ଫାଣ୍ଡି ପୋଲିସ ପକ୍ଷରୁ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ବଇଣ୍ଡା ଛକଠାରେ ହଣ୍ଡପା ଆଇଆଇସି ନମିତା ନାୟକ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବଇଣ୍ଡା ଅଙ୍ଗନବାଡ଼ି ଓ ନାଇନ୍ସ କମ୍ପ୍ୟୁଟର ସେଣ୍ଟରର ଛାତ୍ରୀଛାତ୍ର ଏହି ଗଣଦୌଡ଼ରେ ସାମିଲ ହୋଇଥିଲେ । ଅନ୍ୟତମ ଅତିଥି ଭାବେ ବଇଣ୍ଡା ଗ୍ରାମ ସମ୍ପାଦକ ଲକ୍ଷ୍ମୀଧର ବେହେରା, ଆଇନଜୀବୀ ଉଗ୍ରେସନ ସେଠୀ, ସଞ୍ଜୟ ସାହୁ, ବୁବୁନ ପ୍ରଧାନ, ଗିରିଶ ଚନ୍ଦ୍ର ବେହେରା, ଶ୍ରୀଧର ବେହେରା, ରାଜେନ୍ଦ୍ର ସାହୁ, ବଇଣ୍ଡା ଫାଣ୍ଡି ଅଧିକାରୀ ତପନ କୁମାର ରାଓ ପ୍ରମୁଖ ଯୋଗ ଦେଇଥିଲେ।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ନଭେମ୍ବର ୧/୨୦୨୫ Bhubaneswar, Saturday, November 1/ 2025

# ବାରବାଟୀରେ ଆଜିଠାରୁ ଓଡ଼ିଶା-ଆନ୍ଧ୍ର ପ୍ରଦେଶ



ବାରବାଟୀ ଷ୍ଟାଡିୟମରେ ଶୁକ୍ରବାର ଅଭ୍ୟାସ ସେସନ ଅବସରରେ ଓଡ଼ିଶା ଦଳ।

**ରଣଜୀ ଟ୍ରଫି**

**ଭୁବନେଶ୍ୱର, ୩୧।୧୦ (ତପନ ସ୍ୱାଇଁ)**

ଚଳିତ ରଣଜୀ ଟ୍ରଫି ସିଜନରେ ଓଡ଼ିଶା ଏହାର ତୃତୀୟ ମ୍ୟାଚ ଶନିବାରଠାରୁ ଆନ୍ଧ୍ର ପ୍ରଦେଶ ବିପକ୍ଷରେ ଖେଳିବ। କଟକର ବାରବାଟୀ ଷ୍ଟାଡିୟମରେ ଏହି ମ୍ୟାଚ ଅନୁଷ୍ଠିତ ହେବ। ଏଥିପାଇଁ ଦୁଇ ଦଳ ବେଶ୍ କିଛି ସମୟ ବାରବାଟୀରେ ଅଭ୍ୟାସ କରି ପ୍ରସ୍ତୁତିକୁ ଚୂଡ଼ାନ୍ତ ରୂପ ଦେଇଛନ୍ତି। ଓଡ଼ିଶା ଏହାର ପ୍ରଥମ ମ୍ୟାଚକୁ ବରୋଦା ନିକଟରୁ ହାରି ଯାଇଥିବାବେଳେ ଉତ୍ତର ପ୍ରଦେଶ ବିପକ୍ଷ ଦ୍ୱିତୀୟ ମ୍ୟାଚକୁ ଡ୍ର ରଖିଥିବାରୁ ପ୍ରଥମ ଇନିଂସ ପଛୁଆ ରହିବା ଭିତ୍ତିରେ ମାତ୍ର ୧ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ଆନ୍ଧ୍ର ଏପର୍ଯ୍ୟନ୍ତ ୨ଟି ମ୍ୟାଚ ଖେଳିଥିବାବେଳେ ଉତ୍ତର ପ୍ରଦେଶଠାରୁ ପ୍ରଥମ ଇନିଂସରେ ପଛୁଆ ରହିବାରୁ ଗୋଟିଏ ପଏଣ୍ଟ ପାଇଛି। ବରୋଦା ବିପକ୍ଷ ଦ୍ୱିତୀୟ ମ୍ୟାଚ ବର୍ଷା ଯୋଗୁ ସମ୍ଭବ ନ ହେବାରୁ ଉଭୟ ଦଳକୁ ୧ ପଏଣ୍ଟ ଲେଖାଏ ମିଳିଛି। ତେଣୁ ୨ ପଏଣ୍ଟ ସହିତ ଆନ୍ଧ୍ର ଏଲିଟ ଗ୍ରୁପ୍ 'ଏ' ଟେବୁଲର ୬ଷ୍ଠ ଏବଂ ଓଡ଼ିଶା ସର୍ବନିମ୍ନ ୮ମ ସ୍ଥାନରେ ରହିଛି।

ଉଭୟ ମ୍ୟାଚରେ ବ୍ୟାଟିଂ ବିଫଳତା ଓଡ଼ିଶା ପାଇଁ ଚିନ୍ତାର କାରଣ ହୋଇଛି। କେତେଜଣ ଖେଳାଳି ବ୍ୟାକ୍ତିଗତ ଭାବେ ଭଲ ଖେଳିଥିଲେ ଦଳଗତ ପ୍ରଦର୍ଶନରେ ଓଡ଼ିଶା ବିଫଳ ହୋଇଛି। ବୋଲିଂ ମଧ୍ୟ ସେପରି ପ୍ରଭାବୀ ହୋଇପାରିନାହିଁ। ଘରୋଇ ପରିବେଶରୁ ଫାଇଦା ଉଠାଇ ନ ପାରିବା ମଧ୍ୟ ଦଳ ପାଇଁ ଚିନ୍ତାଜନକ ରହିଛି। ବାରବାଟୀରେ ଗୋଟିଏ ମ୍ୟାଚ ଖେଳିସାରିଥିବାରୁ ଆଗାମୀ ମ୍ୟାଚରେ ଦଳ ଭଲ ପ୍ରଦର୍ଶନ କରିବାନେଇ ଆଶା ରହିଛି। ୨୦୦୭ରେ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ମୁକାବିଲାରେ ଆନ୍ଧ୍ର ୧୦୨ ରନରେ ବିଜୟୀ ହୋଇଥିଲା। ଶେଷଥର ପାଇଁ ୨୦୧୭ ଅକ୍ଟୋବର ୨୪ରୁ ୨୭ ପର୍ଯ୍ୟନ୍ତ ବିଜୟନଗରମ୍‌ଠାରେ ଅନୁଷ୍ଠିତ ମ୍ୟାଚଟି ଡ୍ର ରହିଥିଲା। ଏଥିରେ ଓଡ଼ିଶା ଫଲୋଅନ ହୋଇଥିବାବେଳେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଆନ୍ଧ୍ର ୩ ପଏଣ୍ଟ ପାଇଥିଲା।

ଓଡ଼ିଶା ଦଳ: ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ (ଉପ-ଅଧିନାୟକ), ଗୌରବ ଚୌଧାରୀ, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁ, ରାଜେଶ ଧୂପର, ଅନିଲ ପରିଡ଼ା, ସମ୍ବିତ ଏସ୍. ବରାଳ, ସୁମିତ ଶର୍ମା, ବାଦଲ ବିଶ୍ୱାଳ, ସୁନୀଲ କୁମାର ରାଉଳ, ରାଜେଶ ମହାନ୍ତି, ତରନୀ ସା', ତାପସ ଦାସ।

ଆନ୍ଧ୍ର ପ୍ରଦେଶ ଦଳ: ରିକି ଭୁଇ (ଅଧିନାୟକ), ସିରାପାରାପୁ ଆଶିଷ, ଅଶ୍ୱିନ ହେବ୍ବାର, ଶ୍ରୀକର ଭରତ, କରନ ଶିନ୍ଦେ, ପୃଥ୍ୱୀ ରାଜ, ସତ୍ୟନାରାୟଣ ରାଜୁ, ଶେଖ ରଶିଦ, ଅଭିଷେକ ରେଡ୍ଡୀ, ରେଭନ୍ଥ ରେଡ୍ଡୀ, କାଭୁରି ସିଡେଜା, ୟାରା ସନ୍ଦୀପ, କେ.ଭି. ଶଶିକାନ୍ତ, ସୌରଭ କୁମାର, ଚିପୁରପଲ୍ଲୀ ଷ୍ଟିଫେନ, ତ୍ରିପୁରାନା ବିଜୟ।

# ଆତ୍ମବିଶ୍ୱାସ, ଆବେଗର ପ୍ରତିଫଳନ

**ନଭି ମୁମ୍ବାଇ, ୩୧।୧୦ (ପି.ଟି.)**

ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ଭାରତର ରେକର୍ଡ ଚେଜ୍ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ସମେତ ଦେଶର କ୍ରୀଡ଼ା ମହଲକୁ ଅଭୀଭୂତ କରିଛି। ଏହି ଆଶ୍ଚର୍ଯ୍ୟଜନକ ବିଜୟ କ୍ରିକେଟ ଇତିହାସରେ ସ୍ମରଣୀୟ ହୋଇ ରହିବ ବୋଲି ସେ କହିଛନ୍ତି। ଜେମିମା ରୋଡ୍ରିଗ୍ସ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ଇନିଂସ ୧୨୭ ରନ କରି ଅପରାଜିତ ରହିଥିଲେ। ଗୁରୁବାର ରାତିରେ ଏହି ବିଜୟ ଦ୍ୱାରା ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ରୋକି ଭାରତ ତୃତୀୟ ଥର ମହିଳା ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ଜେମିମାଙ୍କର ଏହା ତୃତୀୟ ଶତକ ଓ ବିଶ୍ୱକପ୍‌ରେ ପ୍ରଥମ। ସେ ଓ ଅଧିନାୟିକା ହରମନପ୍ରୀତ କୌର (୮୮ ବଲ୍‌ରୁ ୮୯ରନ, ୧୦ ଚୌକା ଓ ୨ ଛକା) ତୃତୀୟ ଉଇକେଟରେ ୧୬୭ ରନ ଯୋଗ କରିଥିଲେ। ଏହି ବିଜୟ ଦ୍ୱାରା ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆର ପ୍ରତିଯୋଗିତାର ଗତ ଦୁଇ ସଂସ୍କରଣରେ ୧୫ମ୍ୟାଚ ଅପରାଜେୟ ଧାରା ଭାରତ ବ୍ରେକ୍ ଦେବାରେ ସମର୍ଥ ହୋଇଛି। ୩୩୯ର ବିଶାଳ ସ୍କୋରକୁ ପିଛା କରିବା ବେଳେ ଜେମିମାଙ୍କ ଅପରାଜିତ ବ୍ୟାଟିଂ ଯୋଗୁ ଅଷ୍ଟ୍ରେଲିଆର ୩୩୮/ଅଲଆଉଟ ସ୍କୋର ଜବାବରେ ଭାରତ ୪୮.୩ ଓଭରରେ ୩୪୧/୫ ସ୍କୋର କରି ମ୍ୟାଚ ଜିତିନେଇଥିଲା। ତେନ୍ଦୁଲକର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ, "ଚମତ୍କାର ବିଜୟ! ଜେମିମା ଓ ହରମନପ୍ରୀତ୍‌ଙ୍କ ବଳିଷ୍ଠ ନେତୃତ୍ୱ ପ୍ରଶଂସା ଯୋଗ୍ୟ, ଶ୍ରୀଚରଣୀ ଓ ଦୀପ୍ତି ଚମତ୍କାର ବୋଲିଂ କରି ଭାରତ ପାଇଁ ସମ୍ଭାବନା ସୃଷ୍ଟି କରିଥିଲେ। ଦଳ ଏହି ଭଳି ପ୍ରଦର୍ଶନ ଜାରି ରଖୁ। ଭାରତର ପୂର୍ବତନ କୋଚ୍ ତଥା ଲେଗ୍ ସ୍ପିନ କିମ୍ବଦନ୍ତୀ ଅନିଲ କୁମ୍ବଲେ ଜେମିମାଙ୍କ ଅପରାଜିତ ୧୨୭ରନ ଇନିଂସର ଉଚ୍ଚ ପ୍ରଶଂସା କରିଛନ୍ତି। ଏଥିରେ ଜେମିମାଙ୍କ ଧୈର୍ଯ୍ୟ ଓ ଶକ୍ତି ଭରି ରହିଥିଲା। ସେ ତାଙ୍କ ପରିପକ୍ୱତା ଓ ଆତ୍ମବିଶ୍ୱାସର ପରିଚୟ ଦେଇଛନ୍ତି। ବ୍ୟାଟିଂ ଷ୍ଟାଲୱାର୍ଟ ବିରାଟ କୋହଲି 'ଏକ୍ସ'ରେ ତାଙ୍କ ପୋଷ୍ଟରେ ପ୍ରଥମେ ମହିଳା ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ମ୍ୟାଚରେ ଦଳର ସ୍ଥିରତା, ଆତ୍ମବିଶ୍ୱାସ ଓ ଆବେଗର ପ୍ରତିଫଳନ ଦେଖିବାକୁ ମିଳିଛି। ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ଏହି ବିଜୟ ବାସ୍ତବିକ ହୃଦୟସ୍ପର୍ଶୀ। 'ୱେଲ୍‌ଡନ୍ ଟିମ୍ ଇଣ୍ଡିଆ'। ଭାରତର ପୂର୍ବତନ ଓପନର ବୀରେନ୍ଦ୍ର ସେହ୍ୱାଗ ତାଙ୍କ ପୋଷ୍ଟରେ କହିଛନ୍ତି, "ଅଷ୍ଟ୍ରେଲିଆ ସୋଚ୍ ରହି ଥି କି ଔର ଏକ ସେମିଫାଇନାଲ ହୈ, ଆରାମ ସେ ଜିତୋ ଔର ଜିତୋ ଫାଇନାଲ। ହମାରି ଲଡ଼କିୟୋଁ ନେ ସୋଚା, ୟେତୋ ମୌକା ହେ ଅସଲି ଧାମାକା କର୍‌ନେକା! ସାରେ ଆଲୋଚନା ଧୋ ଡାଲା। କ୍ୟା ଖେଲ ଦେଖାୟା। ଓମେନ୍ ଇନ୍ ବ୍ଲୁ" ପାଇଁ ଆମେ ଗର୍ବିତ। ଭାରତର ପୂର୍ବତନ କ୍ରିକେଟର ଯୁବରାଜ ସିଂ ମଧ୍ୟ ମହିଳା ଦଳର ଦୃଢ଼ ବିଶ୍ୱାସ ଓ ଦୃଢ଼ ସଂକଳ୍ପର ଉଚ୍ଚ ପ୍ରଶଂସା କରିଛନ୍ତି, ବିଶେଷ କରି ଜେମିମା ଓ ହରମନପ୍ରୀତଙ୍କ ବ୍ୟାଟିଂକୁ। ପ୍ରବଳ ଚାପରେ ଥାଇ ଦଳର ଜଣେ ସଚ୍ଚା ଅଧିନାୟିକା ଭାବେ ହରମନପ୍ରୀତ୍ ସ୍ଥିର ମନୋଚିତ୍ତରେ ଦଳର ସ୍କୋରକୁ ଆଗେଇ ନେବା ଏବଂ ଏକଗ୍ରତା ଓ ଦୃଢ଼ ସଂକଳ୍ପଭିତ୍ତିକ ଜେମିମାଙ୍କ ସ୍ମରଣୀୟ ଇନିଂସକୁ ସମଗ୍ର ବିଶ୍ୱ ଦେଖିଲା। ଏହା ଏକ ଐତିହାସିକ ସେମିଫାଇନାଲ ଥିଲା। ବର୍ତ୍ତମାନ ଫାଇନାଲକୁ ଅପେକ୍ଷା। ଭାରତ ନଭି ମୁମ୍ବାଇଠାରେ ରବିବାର ଖେଳାଯିବାକୁଥିବା ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ଭେଟିବ।



ସଚିନ ତେନ୍ଦୁଲକର



ବୀରେନ୍ଦ୍ର ସେହ୍ୱାଗ



ବିରାଟ କୋହଲି

**ଭାରତୀୟ ମହିଳା କ୍ରିକେଟ ଦଳକୁ ପ୍ରଶଂସାର ସୁଅ**

# ବିଶ୍ୱ ଜୁ-ଜିତ୍‌ସୁରେ ଓଡ଼ିଶାରୁ ୩ ଭାଗନେବେ

**ଭୁବନେଶ୍ୱର, ୩୧।୧୦ (ତପନ ସ୍ୱାଇଁ)**

ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ଶନିବାରଠାରୁ ୭ ତାରିଖ ପର୍ଯ୍ୟନ୍ତ ବିଶ୍ୱ ଜୁ-ଜିତ୍‌ସୁ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଭାଗନେବା ନିମନ୍ତେ ଓଡ଼ିଶାର ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ଅନୁପମା ସ୍ୱାଇଁ, ସ୍ୱରାଜ ଜାନି ଓ ଅମରେଶ୍ୱର ସ୍ୱାଇଁ ଶୁକ୍ରବାର ଥାଇଲାଣ୍ଡ ଯାତ୍ରା କରିଛନ୍ତି। ଗତ ଜାତୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଓଡ଼ିଶାର ଏହି ପ୍ରତିଯୋଗୀମାନେ ବିଶ୍ୱ ପ୍ରତିଯୋଗିତା ନିମନ୍ତେ ଯୋଗ୍ୟତା ଅର୍ଜନ କରିଥିଲେ। ଓଡ଼ିଶା ଜୁ- ଜିତ୍‌ସୁ ଆସୋସିଏଶନ୍‌ର ଖେଳାଳି ଅନୁପମା ଗତ ୫ ବର୍ଷଧରି ଏସୀୟ ଜୁ-ଜିତ୍‌ସୁ ପ୍ରତିଯୋଗିତାରେ ଲଗାତର ପଦକ ହାସଲ କରିବା ସହ ଏସିଆନ ଗେମ୍ସରେ ଭାଗ ନେଇଥିଲେ। ସ୍ୱରାଜ ଜାନି ମଧ୍ୟ ଗତ ଏସୀୟ ଜୁ-ଜିତ୍‌ସୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

# 'ରିଟର୍ନ ଟୁ ସ୍ପୋର୍ଟ୍ସ' କର୍ମଶାଳାରେ ଓଡ଼ିଶାରୁ ମୁକ୍ତି ପ୍ରସାଦ ଭାଗନେଲେ



କର୍ମଶାଳାରେ ଭାଗନେବା ଅବସରରେ ମୁକ୍ତିପ୍ରସାଦ ଦାଶ (ବାମରୁ ଦ୍ୱିତୀୟ)।

**ଭୁବନେଶ୍ୱର, ୩୧।୧୦ (ତପନ ସ୍ୱାଇଁ)**

ସ୍ପୋର୍ଟ୍ସ ଡେଭଲପମେଣ୍ଟ ଅଥରିଟି ଅଫ୍ ତାମିଲନାଡୁ, ତାମିଲନାଡୁ ସେଣ୍ଟର ଫର ସ୍ପୋର୍ଟ୍ସସାଇନ୍ସେସ ଏବଂ ଇଣ୍ଡିଆନ ନ୍ୟାଶନାଲ ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିଶନିଂ ଆସୋସିଏଶନ ଆନୁକୂଲ୍ୟରେ ଚେନ୍ନାଇଠାରେ ଅନୁଷ୍ଠିତ 'ରିଟର୍ନ ଟୁ ସ୍ପୋର୍ଟ୍ସ' କର୍ମଶାଳାରେ ଓଡ଼ିଶାର କ୍ରୀଡ଼ା ବିଜ୍ଞାନ ବିଶେଷଜ୍ଞ ମୁକ୍ତି ପ୍ରସାଦ ଦାଶ ଯୋଗଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ଜର୍ମାନୀର କୋଚ୍ ଜର୍ଗ ଟେକ୍‌ମାନ୍ ଏବଂ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଅଥରିଟି ଅଫ୍ ତାମିଲନାଡୁର ହାଇ ପରଫର୍ମାନ୍ସ ମ୍ୟାନେଜର ଡକ୍ଟର ସାଜୁ ପରିଚାଳନା କରିଥିଲେ। ଏହି ଜାତୀୟ ସ୍ତରର କାର୍ଯ୍ୟକ୍ରମରେ ଓଡ଼ିଶାରୁ ଏକମାତ୍ର ଭାଗ ନେଇଥିବା ମୁକ୍ତି ପ୍ରସାଦ ନିଜ କାର୍ଯ୍ୟଧାରା ଉପରେ ଅନେକ ଅଭିଜ୍ଞତା ହାସଲ କରିଥିବା ପ୍ରକାଶ କରଛନ୍ତି। ବିଶେଷ କରି ଆଣ୍ଠୁରେ ଅସ୍ତ୍ରୋପଚାର ପରବର୍ତ୍ତୀ ଅବସ୍ଥାରୁ ସୁସ୍ଥହେବା ଏବଂ ରିଟର୍ନ ଟୁ ପ୍ଲେ ମ୍ୟାନେଜମେଣ୍ଟ ଉପରେ ଅନେକ କିଛି ଶିଖିବାକୁ ମିଳିଲା ବୋଲି ସେ କହିଛନ୍ତି।

**ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲ**

# ଓଡ଼ିଶା-ବିହାର ମ୍ୟାଚ ଡ୍ର

**ଭୁବନେଶ୍ୱର, ୩୧।୧୦ (ତପନ ସ୍ୱାଇଁ):** ପଞ୍ଜାବର ଅମୃତସରଠାରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିବା ପରେ ଶୁକ୍ରବାର ବିହାର ବିପକ୍ଷ ମ୍ୟାଚକୁ ୨-୨ ଗୋଲରେ ଡ୍ର ରଖିଛି। ଓଡ଼ିଶା ପକ୍ଷରୁ ସତ୍ୟଜିତ ସିଂ ୭୩ ଓ ଆୟାନ ଖାଁ ୭୪ତମ ମିନିଟରେ ଗୋଲ ୨ଟି ଦେଇଥିଲେ। ତେବେ ବିହାର ଦଳର ଚିରାଗ ରାଜ ୮୨ ଓ ପ୍ରେମ୍ କୁମାର ୯୦+୨ ମିନିଟରେ ଗୋଲ ୨ଟି ପରିଶୋଧ କରି ଦେଇଥିଲେ। ଫଳରେ ନୈରାଶ୍ୟଜନକ ପ୍ରଦର୍ଶନ ସହ ଓଡ଼ିଶା ଅଭିଯାନ ଶେଷ ହୋଇଛି। ପ୍ରକାଶଯୋଗ୍ୟ ଯେ, ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ ୦-୧୩ ଗୋଲରେ ମିଜୋରାମଠାରୁ ଏବଂ ଦ୍ୱିତୀୟ ମ୍ୟାଚରେ ୦-୬ ଗୋଲରେ ମଣିପୁର ନିକଟରୁ ପରାସ୍ତ ହୋଇଥିଲା। ଜୁନିୟର ସ୍ତରରେ ଓଡ଼ିଶାର ଏପରି ପ୍ରଦର୍ଶନ ରାଜ୍ୟ ଫୁଟବଲପ୍ରେମୀଙ୍କୁ ବ୍ୟଥିତ କରିଛି।

# ରାଜ୍ୟ ମହିଳା ଫିଡେ ରେଟିଂ ଚେସ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୩୧।୧୦ (ତପନ ସ୍ୱାଇଁ)**

କେନ୍ଦ୍ରାପଡା କେନ୍ଦ୍ରାପଡ଼ା ଜିଲା ଚେସ୍ ଆସୋସିଏଶନ୍ ଆନୁକୂଲ୍ୟରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ସହଯୋଗରେ ଶୁକ୍ରବାର କେନ୍ଦ୍ରାପଡ଼ାର ଗରଦପୁରଠାରେ ଓଡ଼ିଶା ମହିଳା ଫିଡେ ରେଟିଂ ଚେସ -୨୦୨୫ ଉଦ୍‌ଘାଟିତ ହୋଇଛି। କେନ୍ଦ୍ରାପଡ଼ା ଜିଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅବସରପ୍ରାପ୍ତ ଇଆଇସି ରବୀନ୍ଦ୍ର ନାଥ ବେହେରା, ଯାଜପୁର ୟୁନାଇଟେଡ ଚେସ ଆସୋସିଏଶନ୍‌ର ସମ୍ପାଦକ ସମରେନ୍ଦ୍ର ସାହୁ, ବରଗଡ଼ ଜିଲା ଚେସ୍ ଆସୋସିଏଶନ୍ ସମ୍ପାଦକ କେ.ଆର୍. ପ୍ରଧାନ, ସିପାର ସଭାପତି ଧନଞ୍ଜୟ ସାବତ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ ଆସୋସିଏଶନ୍ ସଭାପତି କିଶୋର ପଣ୍ଡା, ସମ୍ପାଦକ ଭବେଶ୍ ମହାନ୍ତି, କାର୍ଯ୍ୟକାରୀ ସଭାପତି ହାଡିବନ୍ଧୁ ସିଂ ଉଦ୍‌ବୋଧନ ଦେଇଥିବାବେଳେ ଉପସଭାପତି ଲଲାଟ କେଶରୀ ସାମଲ ମଞ୍ଚ ପରିଚାଳନା କରିଥିଲେ। ୪ ଦିନ ଧରି ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ମୋଟ ୩୦ ମହିଳା ଖେଳାଳି ବିଭିନ୍ନ ଜିଲାରୁ ଭାଗନେଇଛନ୍ତି। ଏହା ମଧ୍ୟରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜେତା ସ୍ମାରକୀ ମହାନ୍ତି, ଏସିଆ କପ୍ ବିଜେତା ୟାସିତା ରାଉତ, ୟୁନିଭର୍ସିଟି ଚାମ୍ପିୟନ ଗୀତାଶ୍ରୀ ବିଶ୍ୱାଳ, ଅନ୍ତର୍ଜାତୀୟ ଖେଳାଳି ଜୟଲକ୍ଷ୍ମୀ ସାହୁ, ନୈନିକ ସାହୁ, ଜ୍ୟୋତିକ ସାହୁ, ଉମା ଦଳପତି, ନିଭ୍ରୀତା ପଟ୍ଟନାୟକ ପ୍ରମୁଖ ଖେଳାଳି ଭାଗ ନେଇଛନ୍ତି। ପିଙ୍କି ମହାପାତ୍ର ମୁଖ୍ୟ ଆର୍ବିଟର ଏବଂ ଅଭିଷେକ ଆଚାର୍ଯ୍ୟ, ନମ୍ୱଲା ରବିକୁମାର ଡେପୁଟି ଆର୍ବିଟର ଭାବେ ଟୁର୍ନାମେଣ୍ଟ ପରିଚାଳନା କରୁଛନ୍ତି।




ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

# ଅଷ୍ଟ୍ରେଲିଆର ସହଜ ବିଜୟ

**ଦ୍ୱିତୀୟ ଟି୨୦**

**ମେଲବୋର୍ନ, ୩୧।୧୦**

ନଭି ମୁମ୍ବାଇରେ ଗୁରୁବାର ଅନୁଷ୍ଠିତ ମହିଳା କ୍ରିକେଟ ବିଶ୍ୱକପ୍‌ର ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ହରାଇ ଭାରତୀୟ ମହିଳା କ୍ରିକେଟ ଦଳ ବିଶ୍ୱ ରେକର୍ଡ ସୃଷ୍ଟି କରିବାର ଗୋଟିଏ ଦିନ ପରେ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ଦ୍ୱିତୀୟ ଟି୨୦ କ୍ରିକେଟ ମ୍ୟାଚରେ ଭାରତୀୟ ପୁରୁଷ ଦଳ ଅଷ୍ଟ୍ରେଲିଆଠାରୁ ବଲ୍ ଦୃଷ୍ଟିରୁ ବଡ଼ ବ୍ୟବଧାନରେ ପରାଜିତ ହୋଇଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଅଷ୍ଟ୍ରେଲିଆ ୪୦ ବଲ୍ ବାକିଥାଇ ୪ ଉଇକେଟରେ ସହଜ ବିଜୟ ହାସଲ କରିଛି। ବଲ୍ ବ୍ୟବଧାନକୁ ଦେଖିଲେ ଟି୨୦ରେ ଭାରତର ଏହା ଦ୍ୱିତୀୟ ବୃହତ୍ ପରାଜୟ। ୨୦୦୮ରେ ଏହି ମେଲବୋର୍ନରେ ଅଷ୍ଟ୍ରେଲିଆଠାରୁ ୫୨ ବଲ୍ ବାକିଥାଇ ପରାଜୟ ଭାରତ ପାଇଁ ସର୍ବବୃହତ୍ ହୋଇ ରହିଛି। ଚଳିତ ସିରିଜର ଦ୍ୱିତୀୟ ମ୍ୟାଚରେ ଭାରତ ୧୮.୪ ଓଭରରେ ମାତ୍ର ୧୨୫ ରନକରି ଅଲ୍‌ଆଉଟ ହୋଇଥିଲା। ୧୨୬ ରନର ବିଜୟ ଲକ୍ଷ୍ୟକୁ ଅଷ୍ଟ୍ରେଲିଆ ୧୩.୨ ଓଭରରେ ୬ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହି ବିଜୟ ସହ ଅଷ୍ଟ୍ରେଲିଆ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ହୋଇଛି। ପ୍ରଥମ ମ୍ୟାଚ ବର୍ଷାରେ ଧୋଇ ଯାଇଥିଲା।

ଟସ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୪୯ ରନ ମଧ୍ୟରେ ୫ ଉଇକେଟ ହରାଇବା ସହ ୧୨୫ରେ ଅଲ୍‌ଆଉଟ ହୋଇ ଯାଇଥିଲା। ଅଭିଷେକ ଶର୍ମା (୬୮ ରନ, ୩୭ ବଲ, ୮ ଚୌକା, ୨ ଛକା) ଓ ହର୍ଷିତ ରାଣା (୩୫)ଙ୍କୁ ଛାଡ଼ିଦେଲେ ଭାରତର ଅନ୍ୟ କୌଣସି ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଜୋଶ୍ ହାଜେଲଉଡ୍ ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ଟପ୍ ଅର୍ଡରଙ୍କ ଭଲ ଆରମ୍ଭ ଯୋଗୁ ମିଡିଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ସହଜରେ ବିଜୟ ଲକ୍ଷ୍ୟ ଅତିକ୍ରମ କରିଥିଲା। ଟପ୍ ଅର୍ଡରରେ ଅଧିନାୟକ ମିଚେଲ ମାର୍ଶ ସର୍ବାଧିକ ୪୬ ରନକରି ବିଜୟ ପଥ ପରିଷ୍କାର କରିଥିବାବେଳେ ହାଜେଲଉଡ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୧୮.୪ ଓଭରରେ ୧୨୫/ଅଲ୍‌ଆଉଟ (ଅଭିଷେକ ଶର୍ମା-୬୮, ହର୍ଷିତ ରାଣା-୩୫, ଜୋଶ୍ ହାଜେଲଉଡ୍-୩/୧୩, ଜାଭିଅର ବ୍ରେଟଲେଟ୍-୨/୩୯, ନାଥାନ ଇଲିସ୍-୨/୨୧, ମାର୍କୁସ ଷ୍ଟୋଇନିସ-୧/୨୪)। ଅଷ୍ଟ୍ରେଲିଆ ୧୩.୨ ଓଭରରେ ୧୨୬/୬ (ମିଚେଲ ମାର୍ଶ-୪୬, ଟ୍ରାଭିସ ହେଡ୍-୨୮, ଯଶପ୍ରୀତ୍ ବୁମ୍‌ରା-୨/୨୬, ବରୁଣ ଚକ୍ରବର୍ତ୍ତୀ-୨/୨୩, କୁଲଦୀପ ଯାଦବ-୨/୪୫)।



ସୂର୍ଯ୍ୟକୁମାର ଯାଦବଙ୍କ ଉଇକେଟ ହାସଲ ପରେ ଉଲ୍ଲସିତ ଜୋଶ୍ ହାଜେଲଉଡ୍।

**ନଭେମ୍ବର ୪ରେ ଆଇସିସି ବୈଠକ**

# ଏସିଆ କପ୍ ଟ୍ରଫି ପ୍ରସଙ୍ଗ ଉଠାଇପାରେ ଭାରତ

**ମୁମ୍ବାଇ, ୩୧।୧୦ (ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆଶା କରୁଛି ଯେ, ଆଉ ଦିନେ ଅବା ଦୁଇ ଦିନ ମଧ୍ୟରେ ଏସିଆ କପ୍ ଟ୍ରଫି ମୁମ୍ବାଇସ୍ଥିତ ଏହାର ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚିଯିବ। ତାହା ନ ହେଲେ ଭାରତୀୟ ବୋର୍ଡ ନଭେମ୍ବର ୪ରେ ହେବାକୁଥିବା ଆଇସିସି ବୈଠକରେ ଏହି ପ୍ରସଙ୍ଗ ଉଠାଇବ। ଦୁବାଇଠାରେ ଅନୁଷ୍ଠିତ ଫାଇନାଲରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୫ଉଇକେଟରେ ପରାସ୍ତ କରି ଭାରତ ଏସିଆ କପ୍ ଜିତିଛି। କିନ୍ତୁ ଦଳ ଏସିଆ କ୍ରିକେଟ କାଉନ୍‌ସିଲ (ଏସିସି) ଓ ପାକିସ୍ତାନ କ୍ରିକେଟ ବୋର୍ଡ ଚେୟାରମ୍ୟାନ ଥିବା ପାକିସ୍ତାନର ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ମୋହସିନ ନକ୍‌ଭିଙ୍କଠାରୁ ଟ୍ରଫି ଗ୍ରହଣ କରିବାକୁ ଭାରତୀୟ ଦଳ ପ୍ରତ୍ୟାଖ୍ୟାନ କରିଦେଇଥିଲା। ଦୁଇ ଦେଶ ମଧ୍ୟରେ ତିକ୍ତ ସମ୍ପର୍କ ଯୋଗୁ ମ୍ୟାଚ ପୂର୍ବରୁ ଭାରତ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ତାଙ୍କ ପାକିସ୍ତାନ ପ୍ରତିପକ୍ଷଙ୍କ ସହ କରମର୍ଦ୍ଦନ କରିବାକୁ ମନା କରି ଦେଇ ନ ଥିଲେ। ନକ୍‌ଭି ଇତିମଧ୍ୟରେ ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିସାରିଛନ୍ତି। ସେ କହିଛନ୍ତି, ଯଦି ତାଙ୍କଠାରୁ ଗ୍ରହଣ କରିଲେ ଭାରତକୁ ଟ୍ରଫି ମିଳିବ।

# ଫିଡେ, ଏଆଇସିଏଫ୍, କିଟ୍ ମଧ୍ୟରେ ବୁଝାମଣା

**ଭୁବନେଶ୍ୱର, ୩୧।୧୦ (ତପନ ସ୍ୱାଇଁ)**

**୩ ଅନ୍ତର୍ଜାତୀୟ ସଂଘ ସହ ବୁଝାମଣାରେ ପ୍ରଥମ ବିଶ୍ୱବିଦ୍ୟାଳୟ**

ଭାରତରେ ଚେସ୍‌ର ପ୍ରସାର ନିମନ୍ତେ କିଟ୍, ଭାରତୀୟ ଚେସ୍ ସଂଘ (ଏଆଇସିଏଫ୍) ଓ ଅନ୍ତର୍ଜାତୀୟ ଚେସ୍ ସଂଘ (ଫିଡେ) ମଧ୍ୟରେ ଶୁକ୍ରବାର ମୁମ୍ବାଇଠାରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଭାରତରେ ବିଦ୍ୟାଳୟସ୍ତରରୁ ଚେସ୍‌ର ପ୍ରସାର ଲକ୍ଷ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହା ଫଳରେ ଶିକ୍ଷା ସହ ଚେସ୍‌ର ମଧ୍ୟ ପ୍ରଚାର ପ୍ରସାର ହୋଇପାରିବ। ଫିଡେ ସଭାପତି ଆର୍କାଡି ଭର୍କୋଭିଚ୍, ଫିଡେ ମ୍ୟାନେଜମେଣ୍ଟ ବୋର୍ଡ ଉପାଧ୍ୟକ୍ଷ ଜିଏମ୍ ଦାନା ରେଜିନାଇସ୍, ଫିଡେ ଚୟନ କମିଟିର ସଦସ୍ୟ ତଥା ମୁଖ୍ୟ କୋଚ ଜିଏମ୍ ଅଭିଜିତ କୁନ୍ତେ, ଚେସ୍ ତାରକା ବିଶ୍ୱନାଥନ୍ ଆନନ୍ଦ, ଏଆଇସିଏଫ୍ ସଭାପତି ନିତିନ୍ ନାରଙ୍ଗ, ଫିଡେ ଇଭେଣ୍ଟ କମିଟିର ସଦସ୍ୟ ରଞ୍ଜନ ମହନ୍ତି ଏବଂ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଚେସ୍ ମାଧ୍ୟମରେ ଶିକ୍ଷା, ପୁନର୍ବାସ, ଅନ୍ତର୍ଭୁକ୍ତୀକରଣ ଏବଂ ଲୋକଙ୍କ ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେବା ନିମନ୍ତେ ଫିଡେ ପକ୍ଷରୁ ବିଭିନ୍ନ ସମୟରେ ପ୍ରୟାସ ଜାରି ରହିଛି। ଏଥିପାଇଁ ୨୦୨୫ରେ ଫିଡେର ସ୍ଲୋଗାନ ଥିଲା ଚେସ୍ ଫର୍ ସୋସିଆଲ୍ ସର୍ଭିସ। ୨୦୨୬କୁ 'ଇୟର ଅଫ୍ ଚେସ୍ ଇନ୍ ଏଜୁକେଶନ' ଭାବେ ଫିଡେ ଘୋଷଣା କରିଛି। ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କିଟ୍ ଓ କିସ୍‌ର ବ୍ୟାପକ ଯୋଗଦାନ ଥିବାରୁ କିଟ୍ ସହ ଫିଡେ ବୁଝାମଣା କରିଛି। ୨୦୨୬ ଜାନୁଆରୀରେ କିଟ୍‌ରେ ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଫେଷ୍ଟିଭାଲରେ ପାଖାପାଖି ୩୫ ଦେଶର ଚେସ୍ ସଂଘର ମୁଖ୍ୟ ଏବଂ ଫିଡେ ଓ ଏଆଇସିଏଫ୍‌ର ସଭାପତି ଓ ଚେସ୍ ତାରକାମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଥର ପାଇଁ ଭାରତରେ ବିଶେଷ କରି ଓଡ଼ିଶାରେ ଏଭଳି ଚେସ୍ ଫେଷ୍ଟିଭାଲ୍ ହେବାକୁ ଯାଉଛି। ଏହା ପୂର୍ବରୁ ଫୁଟବଲର ପ୍ରସାର ନିମନ୍ତେ କିଟ୍ ମଧ୍ୟ ଅନ୍ତର୍ଜାତୀୟ ଫୁଟବଲ ସଂଘ (ଫିଫା) ସହ ଏବଂ ଭଲିବଲ୍‌ର ପ୍ରସାର ନିମନ୍ତେ ଅନ୍ତର୍ଜାତୀୟ ଭଲିବଲ୍ ସଂଘ (ଏଫଆଇଭିବି) ସହ ବୁଝାମଣା କରି ଇତିହାସ ସୃଷ୍ଟି କରିଛି। ୩ ଅନ୍ତର୍ଜାତୀୟ ସଂଘ ସହ ବୁଝାମଣା କରିବାରେ ଏହା ପ୍ରଥମ ବିଶ୍ୱବିଦ୍ୟାଳୟ। ଏହି ଅବସରରେ ଅଚ୍ୟୁତ ଉପସ୍ଥିତ ରହି ସମସ୍ତ ଅଧିକାରୀଙ୍କୁ ଧନ୍ୟବାଦ ଦେଇଥିଲେ। "ବିଶ୍ୱରେ ସର୍ବାଧିକ ଲୋକପ୍ରିୟ ଖେଳ ଫୁଟବଲ୍ ଓ ଭଲିବଲ୍ ସହ ବୁଝାମଣା ହୋଇଥିବା ବେଳେ ଏବେ ବିଶ୍ୱର ଅନ୍ୟତମ ଆଦୃତ କ୍ରୀଡ଼ା ଚେସ୍‌ର ଅନ୍ତର୍ଜାତୀୟ ସଂଘ ସହ କିଟ୍ ବୁଝାମଣା କରିଛି। ଏହା ଓଡ଼ିଶା ଏବଂ ଭାରତ ପାଇଁ ଗୌରବର ବିଷୟ" ବୋଲି ଅଚ୍ୟୁତ ପ୍ରକାଶ କରିଛନ୍ତି।

**ରଞ୍ଜନ ମହାନ୍ତିଙ୍କୁ ଗୁରୁଦାୟିତ୍ୱ**

ଭାରତରେ ଚେସ୍‌ର ବିକାଶ ପାଇଁ ଫିଡେ-ଏଆଇସିଏଫ୍-କିଟ୍ ମଧ୍ୟରେ ଯେଉଁ ବୁଝାମଣା ହୋଇଛି ସେଥିରେ ଫିଡେ ଇଭେଣ୍ଟ କମିଟିର ସଦସ୍ୟ ରଞ୍ଜନ ମହାନ୍ତିଙ୍କୁ ସଂଯୋଜକ ଦାୟିତ୍ୱ ପ୍ରଦାନ କରାଯାଇଛି। ଅର୍ଥାତ୍ ଏହି ତିନି ଅନୁଷ୍ଠାନ ସହ ରଞ୍ଜନ ଯୋଗାଯୋଗରେ ରହି ଚେସ୍‌ର ବିକାଶ ଦିଗରେ ଗୁରୁଦାୟିତ୍ୱ ବହନ କରିବେ।



ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ଫିଡେ ଓ ଏଆଇସିଏଫ୍ କର୍ମକର୍ତ୍ତାଙ୍କ ସହ ଅଚ୍ୟୁତ ସାମନ୍ତ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ